ବର୍ଷ-୨୫, ସଂଖ୍ୟା-୨୦୪
ଭୁବନେଶ୍ୱର
୩୧, ଜୁଲାଇ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 204
Bhubaneswar
31, July, 2025 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଅବତାର ୩'ର ଟ୍ରେଲର ରିଲିଜ୍



# ମୁଖ୍ୟମନ୍ତ୍ରୀଙ୍କ ବନ୍ୟା ସ୍ଥିତି ସମୀକ୍ଷା





ଭୁବନେଶ୍ୱର,୩୦।୭(ମହାଭାରତ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶ ମାର୍ଗରୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ କୁମାର ସିଂହ ମଧ୍ୟ ଉପସ୍ଥିତ ଥିଲେ।

ବନ୍ୟା ପରିସ୍ଥିତି ଅନୁଧ୍ୟାନ ପରେ ଲୋକସେବା ଭବନରେ ଗଣମାଧ୍ୟମ ନିକଟରେ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ୩ଟି ଜିଲ୍ଲାର ୮ଟି ବ୍ଲକର ୮୧ଟି ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ବାଲେଶ୍ୱରର ୪ଟି ବ୍ଲକ୍ ଯଥା ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ଏବଂ ଭଦ୍ରକ ଜିଲ୍ଲାର ଧାମନଗର ଓ ଭଣ୍ଡାରୀପୋଖରୀ ଏବଂ ଯାଜପୁର ଜିଲ୍ଲାର ଯାଜପୁର ଓ ଦଶରଥପୁର ବ୍ଲକ ପ୍ରଭାବିତ ହୋଇଛି। ବନ୍ୟାଦ୍ୱାରା ପ୍ରାୟ ୩୦ ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ ୫୮୬୯ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

ବର୍ତ୍ତମାନ ବିଭିନ୍ନ ନଦୀରେ ଜଳସ୍ତର କମୁଛି। ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ଓ ଜଳକା ଆଦି ନଦୀରେ ପାଣି କମିବାରେ ଲାଗିଛି। ବନ୍ୟାପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି। କେନ୍ଦୁଝର ଏବଂ ଅନ୍ୟ କିଛି ଜିଲ୍ଲାରେ ବନ୍ୟା ହୋଇଥିଲେ ମଧ୍ୟ ଏହାର ବିଶେଷ ପ୍ରଭାବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବନ୍ୟା ପ୍ରଭାବିତ ଅଂଚଳର ଲୋକମାନଙ୍କୁ ଶୁଖିଲା ଖାଦ୍ୟ ଏବଂ ଆବଶ୍ୟକସ୍ଥଳେ ଗରମ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ଏଥିପାଇଁ ବାଲେଶ୍ୱରରେ ୧୬ଟି, ଭଦ୍ରକରେ ୧୦ଟି ଓ ।ଜପୁରରେ ୩ଟି ଫ୍ରି କିଚିନର ବ୍ୟବସ୍ଥା କରାଯାଇଛି। ସମୁଦାୟ ପ୍ରାୟ ୧୦ ହଜାର ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି ଏବଂ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବନ୍ୟା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ଦେଖାଦିଏ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ବିଶେଷ କରି ଡାଇରିଆ ଓ ଅନ୍ୟାନ୍ୟ ଜଳ ବାହିତ ରୋଗର ନିୟନ୍ତ୍ରଣ ପାଇ ଜଳ ଉତ୍ସ ଗୁଡିକର ବିଶୁଦ୍ଧକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାକୁ ଜାରି ରଖିବା ପାଇଁ ସ୍ଥାନୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କୌଣସି ପରିସ୍ଥିତିରେ ଯେପରି ଡାଇରିଆ ରୋଗର ପ୍ରଭାବ ଦେଖାନଯିବ, ସେଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ବୋଲି ସେ କହିଥିଲେ।

ଅନେକ ସ୍ଥାନରେ ସାପ କାମୁଡାରି ଘଟଣା ଘଟେ ବୋଲି ପ୍ରକାଶ କରି ସେ କହିଥିଲେ ଯେ, ଏଥିପାଇଁ ବ୍ୟାପକ ପରିମାଣରେ ଆଣ୍ଟିଭେନମ୍ ଓ ଅନ୍ୟାନ୍ୟ ଆବଶ୍ୟକ ଔଷଧ ମହଜୁଦ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ଅଂଚଳର କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ, କ୍ଷୟକ୍ଷତିର ତୁରନ୍ତ ଆକଳନ କରି ରିପୋର୍ଟ ଦେବା ପାଇଁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ପାଇବା ପରେ କ୍ଷତିଗ୍ରସ୍ତ ଲୋକଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦିଆଯିବ। ଘର ଭଙ୍ଗା ଏବଂ ଗୋ-ସମ୍ପଦର କ୍ଷୟକ୍ଷତି ରିପୋର୍ଟ ମଗାଯିବା ସହିତ ଯେଉଁ ଗାଁ ଗୁଡ଼ିକରେ ରାସ୍ତା ଖରାପ ହୋଇଯାଇଛି ସେଗୁଡିକ ତୁରନ୍ତ ମରାମତି କରି ଯୋଗାଯୋଗ ବ୍ୟବସ୍ଥା ପୁନସ୍ଥାପିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଯନ୍ତ୍ରୀଙ୍କ ଘରେ ଦାମୀ ବ୍ରାଣ୍ଡର ଚଷମା, ଘଣ୍ଟା ଓ ହୀରା





ଭୁବନେଶ୍ୱର,୩୦।୭(ମହାଭାରତ): ଭିଜିଲାନ୍ସ ଜାଲରେ ଆଉ ଜଣେ ସହକାରୀ ଯନ୍ତ୍ରୀ। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ରାଜଧାନୀର ରାସ୍ତା ଓ ଗୃହ ନିର୍ମାଣ ଡିଭିଜନ-୩ର ସହକାରୀ ଯନ୍ତ୍ରୀ ଅଶୋକ ପଣ୍ଡାଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି। ଭୁବନେଶ୍ୱରର ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି ଭିଜିଲାନ୍ସ। ଭିଜିଲାନ୍ସର ୧୫ ଜଣିଆ ଟିମ୍ ଚଢ଼ାଉରେ ସାମିଲ ଥିବାର ସୂଚନା ରହିଛି। ଗତକାଲି ସହକର୍ମୀ ରାଜକିଶୋର ଜେନାଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରିବା ପରେ ସେ ଡରିଯାଇଥିଲେ। ଭିଜିଲାନ୍ସ ଚଢ଼ାଉରୁ ବର୍ତ୍ତିବା ପାଇଁ ଘରର ମୁଖ୍ୟ ଦ୍ୱାରରେ ବାହାରପଟୁ ତାଲା ପକାଇ ଦେଇଥିଲେ। ଆଉ ଦିନ ସାରା ପୂରା ପରିବାର ସହିତ ଘର ଭିତରେ ରହିଥିଲେ। ହେଲେ ବିଳମ୍ବିତ ରାତିରେ ଭିଜିଲାନ୍ସ ଘରଟିକୁ ସିଲ୍ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ସେ ଦ୍ୱାର ଖୋଲିଥିଲେ।

ଆଜି ସକାଳେ ଭିଜିଲାନ୍ସ ଚଢ଼ାଉ ବେଳେ ବାବୁ ଜଣକ ଟଙ୍କା ବ୍ୟାଗ ଫୋପାଡ଼ିଦେଇଥିବା ସୂଚନା ମିଳିଛି। ଘରୁ ମିଳିଲାଣି ଦାମୀ ବ୍ରାଣ୍ଡର ଚଷମା, ଘଣ୍ଟା ଓ ହୀରା। ତେବେ ସୁନା ହାର ସହ ଅନ୍ୟ ସୁନା ଅଳଙ୍କାର ବି ଜବତ କରିଛି ଭିଜିଲାନ୍ସ। ଅନେକ ଦିନ ଧରି ବାବୁ ଜଣକ ଭିଜିଲାନ୍ସ ସ୍କାନରରେ ଥିଲେ। ଆଜି ସକାଳେ ଭିଜିଲାନ୍ସ ଅଧିକାରୀମାନେ ଶ୍ରୀ ପଣ୍ଡାଙ୍କ ଘରର ଝରକାରେ ବାହାର ପଟକୁ ଏକ ବ୍ୟାଗ୍ ଝୁଲି ରହିଥିବା ଦେଖିବାକୁ ପାଇଥିଲେ। ସାକ୍ଷୀଙ୍କ ଉପସ୍ଥିତିରେ ବ୍ୟାଗ୍‌ଟିକୁ ଉଦ୍ଧାର କରାଯାଇଥିଲା। ଯାଞ୍ଚ ବେଳେ ସେଥିରୁ ନଗଦ ୧ ଲକ୍ଷ ଟଙ୍କା, ୧୦ ଗ୍ରାମ ରୁପା କଏନ, ୬୦ ଗ୍ରାମର ସୁନା ଅଳଙ୍କାର, ଅରିଜିନାଲ ଆରଓଆର, ଶ୍ରୀ ପଣ୍ଡାଙ୍କର ଆଇଫୋନ୍, ଗାଡି ଚାବି ଓ ଅନ୍ୟାନ୍ୟ କାଗଜପତ୍ର ମିଳିଥିଲା। ପଚରାଉଚରା ବେଳେ ସହକାରୀ ଯନ୍ତ୍ରୀ ଶ୍ରୀ ପଣ୍ଡା ମାନିଥିଲେ ଯେ ପ୍ରମାଣ ନଷ୍ଟ କରିବା ପାଇଁ ସେ ବ୍ୟାଗଟିକୁ ଫୋପାଡିବାକୁ ପ୍ରୟାସ କରିଥିଲେ। ଚଢ଼ାଉ ବେଳେ ତାଙ୍କର ପୁଳା ପୁଳା ସମ୍ପତ୍ତି ଠାବ କରାଯାଇଛି। ଭୁବନେଶ୍ୱରର କଳ୍ପନା ସ୍ଥିତ ଉତ୍କଳ କନିକା ଗ୍ୟାଲେରିଆରେ ତାଙ୍କର ଦୁଇଟି ଦୋକାନ (୨୩ଏ ଓ ୧୦୬) ଅଛି। ପାହାଳର ରୁଦ୍ରପୁର ସ୍ଥିତ ସିମ୍ଫୋନୀ ମଲ୍‌ରେ ତାଙ୍କର ଗୋଟିଏ ଦୋକାନ ଅଛି। ଭୁବନେଶ୍ୱରର ସୋମନାଥ ନଗରରେ ତାଙ୍କର ଗୋଟିଏ ଚାରି ମହଲା କୋଠା ଅଛି। ସେହିଭଳି ଭୁବନେଶ୍ୱରର ଡୁମଡୁମା ସ୍ଥିତ ହାଉସିଂ ବୋର୍ଡ କଲୋନୀରେ ତାଙ୍କର ଏକ ତିନି ମହଲା କୋଠା ରହିଛି। ତାଙ୍କର ଗୋଟିଏ ଚାରି ଚକିଆ ଗାଡି ଅଛି। ବ୍ୟାଙ୍କରେ ତିନିଟି ଏକାଉଣ୍ଟରେ ସେ ୧୭ ଲକ୍ଷ ଟଙ୍କା ଜମା କରିଛନ୍ତି।

## ଶିକ୍ଷାନୁଷ୍ଠାନ ପାଇଁ ସି-ବକ୍ସ ପୋର୍ଟାଲ ବାଧ୍ୟତାମୂଳକ

ଭୁବନେଶ୍ୱର,୩୦।୭(ମହାଭାରତ): କଲେଜରେ ସମ୍ପ୍ରତି ଘଟିଥିବା ଆତ୍ମହତ୍ୟା ମାମଲା ପରେ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନକୁ ନିର୍ଯାତନା ଅଭିଯୋଗର ପରିଚାଳନାରେ ଦାୟିତ୍ୱ ବୃଦ୍ଧି କରିବା ପାଇଁ ଏକ କଠୋର ନିର୍ଦ୍ଦେଶ ଜାରି କରିଛି। ବିଜ୍ଞପ୍ତି ଅନୁଯାୟୀ, ସମସ୍ତ ପ୍ରତିଷ୍ଠାନଗୁଡ଼ିକୁ କର୍ମକ୍ଷେତ୍ର ଏବଂ ପ୍ରତିଷ୍ଠାନରେ ଯୌନ ନିର୍ଯ୍ୟାତନା ଅଭିଯୋଗର ସମାଧାନ ପାଇଁ କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ବିକଶିତ ଏକ ଅନଲାଇନ୍ ପ୍ଲାଟଫର୍ମ ସି-ବକ୍ସ ପୋର୍ଟାଲ ଉପରେ ନିର୍ଯାତନା ଅଭିଯୋଗ ଏବଂ ସମାଧାନର ସ୍ଥିତି ସମ୍ପର୍କରେ ବିସ୍ତୃତ ସୂଚନା ଅପଲୋଡ୍ କରିବାକୁ ପଡିବ। ଏହି ତଥ୍ୟ ଅଗଷ୍ଟ ୧, ୨୦୨୫ ସୁଦ୍ଧା ଅପଲୋଡ୍ କରିବାକୁ ପଡିବ। ଏହି ନିର୍ଦ୍ଦେଶ ସମସ୍ତ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ସହିତ ବିଭାଗସ୍ତରୀୟ କାର୍ଯ୍ୟାଳୟ ପାଇଁ ପ୍ରଯୁଜ୍ୟ। ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ମୌସୁମୀ ନାୟକ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଏହି ନିର୍ଦ୍ଦେଶର ଜରୁରୀତା ଉପରେ ଗୁରୁତ୍ୱାରୋପ କରିଛନ୍ତି।

# ଭାରତ ଉପରେ ୨୫% ଶୁଳ୍କ କଷିଲେ ଟ୍ରମ୍ପ

ୱାଶିଂଟନ/ନୂଆଦିଲ୍ଲୀ,୩୦।୭(ମହାଭାରତ): ଭାରତକୁ ମିତ୍ର ବୋଲି କହୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଶୁଳ୍କ ବୋମା ପକାଇଛନ୍ତି। ସେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ଏହି ଶୁଳ୍କ ଅଗଷ୍ଟ ୧ ରୁ କାର୍ଯ୍ୟକାରୀ ହେବ ପୂର୍ବରୁ, ଆମେରିକା ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି କରିବାକୁ ଇଚ୍ଛା ପ୍ରକାଶ କରିଥିଲା। କିନ୍ତୁ କିଛି କାରଣ ଯୋଗୁ ଏହି ଚୁକ୍ତି ହୋଇପାରିଲା ନାହିଁ। ଭାରତ ଉପରେ ଶୁଳ୍କ ଲଗାଇବାର କାରଣ ରୁଷିଆ ସହିତ ଶକ୍ତି ଏବଂ ସାମରିକ ଚୁକ୍ତି ବୋଲି ମଧ୍ୟ ଅନୁମାନ କରାଯାଉଛି।



ଭାରତ ରୁଷିଆଠାରୁ ଅସ୍ତ୍ରଶସ୍ତ୍ର କିଣୁଥିବାରୁ ଜରିମାନା ବାବଦରେ ଶୁଳ୍କ ଲାଗୁ କରାଯାଇଥିବା ଚର୍ଚ୍ଚା ହେଉଛି। ଟ୍ରମ୍ପ୍ କହିଛନ୍ତି ଯେ, ଭାରତ ରୁଷିଆ ଠାରୁ ତେଲ ଏବଂ ଅସ୍ତ୍ରଶସ୍ତ୍ର କିଣୁଛି। ତେଣୁ ଏହି ପଦକ୍ଷେପ ଆବଶ୍ୟକ। ଟ୍ରମ୍ପ୍ କହିଛନ୍ତି, ଭାରତ ବହୁତ ଅଧିକ ଟିକସ ଲଗାଏ ଭାରତୀୟ ଶୁଳ୍କ ବାଣିଜ୍ୟରେ ଅନେକ ଅସୁବିଧା ମଧ୍ୟ ସୃଷ୍ଟି କରିଥାଏ।

ଟ୍ରମ୍ପଙ୍କ ନିଷ୍ପତ୍ତି ପରେ ଭାରତ ସରକାର ଏ ନେଇ ଆନୁଷ୍ଠାନିକ ପ୍ରତିକ୍ରିୟା ଦେଇଛନ୍ତି। ସରକାର କହିଛନ୍ତି ଯେ, ସରକାର ଏହାକୁ ଗୁରୁତ୍ୱ ଦେଇଛନ୍ତି ଏବଂ ଏହାର ପ୍ରଭାବକୁ ଗମ୍ଭୀରତାର ସହିତ ଅଧ୍ୟୟନ କରୁଛନ୍ତି। ଏକ ନିରପେକ୍ଷ, ସନ୍ତୁଳିତ ଏବଂ ପାରସ୍ପରିକ ଲାଭଦାୟକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ପାଇଁ ଗତ କିଛି ମାସ ଧରି ଆମେରିକା ସହିତ ଆଲୋଚନା ଚାଲିଛି। ଭାରତ ଏହି ଉଦ୍ଦେଶ୍ୟ ପ୍ରତି ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ଏବଂ ଗଠନମୂଳକ ଆଲୋଚନା ମାଧ୍ୟମରେ ଏକ ସମାଧାନ ଦିଗରେ ଆଗକୁ ବଢୁଛି। ସରକାର କହିଛନ୍ତି, ଦେଶର ଚାଷୀ, ଉଦ୍ୟୋଗୀ ଏବଂ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ)ଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଏହା ସହିତ, ସରକାର ଏହା ମଧ୍ୟ ଆଶ୍ୱାସନା ଦେଇଛନ୍ତି ଯେ, ଜାତୀୟ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ। ଯେପରି ବ୍ରିଟେନ ସହିତ ସମ୍ପ୍ରତି ହୋଇଥିବା ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟ ଚୁକ୍ତିନାମାରେ ଦେଖାଯାଇଛି। ସେପରି ପଦକ୍ଷେପ ଗ୍ରହଣ କରାଯିବ। ଜାତୀୟ ସ୍ୱାର୍ଥ ସର୍ବୋପରି ବୋଲି ସରକାର କହିଛନ୍ତି।


ଟ୍ରମ୍ପ୍ ଏହା ମଧ୍ୟ କହିଛନ୍ତି ଯେ, ରୁଷିଆ ଠାରୁ ଅସ୍ତ୍ରଶସ୍ତ୍ର କିଣିବା ପାଇଁ ଭାରତକୁ ଅତିରିକ୍ତ ଦଣ୍ଡ ମଧ୍ୟ ଦେବାକୁ ପଡିବ। ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ଲେଖିଛନ୍ତି, ମନେରଖ, ଭାରତ ଆମର ବନ୍ଧୁ କିନ୍ତୁ, ବର୍ଷ ବର୍ଷ ଧରି ଆମେ ସେମାନଙ୍କ ସହିତ ବହୁତ କମ୍ ବାଣିଜ୍ୟ କରିଛୁ। କାରଣ ସେମାନଙ୍କର ଶୁଳ୍କ ବହୁତ ଅଧିକ, ବିଶ୍ୱରେ ସର୍ବାଧିକ। ଭାରତର ଯେକୌଣସି ଦେଶ ତୁଳନାରେ ସବୁଠାରୁ କଷ୍ଟକର ଏବଂ ଖରାପ ଅଣ-ଆର୍ଥିକ ବାଣିଜ୍ୟ ବାଧା ଅଛି ଏହାର ଅର୍ଥ ହେଉଛି ଭାରତରେ ବ୍ୟବସାୟ କରିବା ବହୁତ କଷ୍ଟକର।

# 'ନିସାର'ର ସଫଳ ପରୀକ୍ଷଣ

ନୂଆଦିଲ୍ଲୀ,୩୦।୭(ମହାଭାରତ): ଆଜି ଭାରତ ଓ ଦୁନିଆ ପାଇଁ ଏକ ଐତିହାସିକ ଦିନ ହୋଇଛି। ନାସା ଏବଂ ଇସ୍ରୋର ମିଳିତ ପ୍ରକଳ୍ପ, ଏନଆଇଏସଏଆର(ନିସାର) (ନାସା-ଇସ୍ରୋ ସିନ୍ଥେଟିକ୍ ଆପେର୍ଚର ରାଡାର) ସାଟେଲାଇଟ୍ ସଫଳତାର ସହ ଉତ୍କ୍ଷେପଣ କରାଯାଇଛି। ଏହି

**ଭୂକମ୍ପ, ସୁନାମି, ଆଗ୍ନେୟଗିରି ଏବଂ ଭୂସ୍ଖଳନ ପୂର୍ବରୁ ମିଳିବ ଆଗୁଆ ସୂଚନା**

ଉତ୍କ୍ଷେପଣ ସନ୍ଧ୍ୟା ୫ଟା ୪୦ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ କରାଯାଇଛି। ନିସାର ମିଶନ ପାଇଁ ୨୭.୩୦ ଘଣ୍ଟାର ଓଲଟା ଗଣତି ମଙ୍ଗଳବାର ଦିନ ୨:୧୦ରୁ ଆରମ୍ଭ ହୋଇଥିଲା। ଏହାକୁ ଭାରତର ମହାକାଶ ବିଜ୍ଞାନରେ ଏକ ବଡ଼ ସଫଳତା ଭାବରେ ଦେଖାଯାଉଛି। ପୃଥିବୀକୁ ନିରୀକ୍ଷଣ ପାଇଁ ଏନଆଇଏସଏଆର ଏକ ବୈପ୍ଳବିକ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଏହାକୁ ଭୂକମ୍ପ, ସୁନାମି, ଆଗ୍ନେୟଗିରି ଏବଂ ଭୂସ୍ଖଳନ ଭଳି ବିନାଶକାରୀ ପ୍ରାକୃତିକ ବିପର୍ଯ୍ୟୟର ସମୟୋଚିତ ସତର୍କତା ଦେବା ପାଇଁ ଡିଜାଇନ୍ କରାଯାଇଛି। ନିସାର ଏକ ପର୍ଯ୍ୟବେକ୍ଷଣ (ଅବଜରବେସନ୍) ଉପଗ୍ରହ। ଏହି ଉପଗ୍ରହକୁ ଜିଏସ୍‌ଏଲଭି-ଏଫ-୧୬ରେ ଉତ୍କ୍ଷେପଣ କରାଯାଇଛି ଏବଂ ୭୩୪ କିଲୋମିଟର ସୂର୍ଯ୍ୟ



ସମକାଳୀନ କକ୍ଷପଥରେ ସ୍ଥାପନ କରାଯିବ। ଏହା ଏପରି ଏକ କକ୍ଷପଥ ଯେଉଁଥିରେ ଉପଗ୍ରହଟି ପ୍ରତିଦିନ ସମାନ ସମୟରେ ଗୋଟିଏ ସ୍ଥାନରେ ପହଞ୍ଚିଥାଏ।

ନିସାର ଉପଗ୍ରହ ପ୍ରତି ୧୨ ଦିନରେ ପୁରା ବିଶ୍ୱକୁ ସ୍କାନ କରିବ। ନାସା- ଇସ୍ରୋ ସିନ୍ଥେଟିକ୍ ଆର୍ପେଚର ରାଡାର ପାଇଁ ବ୍ୟବହୃତ ହେଉଥିବା ନିସାର ଏବେ ପୃଥିବୀର ଅଭୂତ ଦୃଶ୍ୟ ପ୍ରଦାନ କରିବ। ଏହି ଉପଗ୍ରହ ଭୂମିକମ୍ପ, ସୁନାମି, ଆଗ୍ନେୟ ଉଦଗୀରଣ ଏବଂ ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟର ଆଗୁଆ ସତର୍କ ସୂଚନା ଦେବ। ଏହାକୁ ପୃଥିବୀର ମ୍ୟାଗ୍ନେଟିକ୍ ରିଜୋନାନ୍ସ ଇମେଜିଂ ବା ଏମଆଇଆର ସ୍କାନର ବୋଲି କୁହାଯାଉଛି। କାରଣ ଏହା ପୃଥିବୀ ପୃଷ୍ଠର ଅତି ସୂକ୍ଷ୍ମ ଚିତ୍ର ନେଇ ତାର ବିଶ୍ଳେଷଣ କରିପାରିବ। ଅର୍ଥାତ ପୃଥିବୀରେ ଏକ ସେଣ୍ଟିମିଟର ପରିବର୍ତ୍ତନକୁ ମଧ୍ୟ ନିସାରରେ ଲାଗିଥିବା କ୍ୟାମେରା କ୍ୟାପଚର କରିପାରିବ।

ନାସାର ଏଲ୍-ବ୍ୟାଣ୍ଡ ଏବଂ ଇସ୍ରୋର ଏସ୍-ବ୍ୟାଣ୍ଡ ସହ ୨,୩୯୨ କିଲୋଗ୍ରାମ ଓଜନର ଏହା ପ୍ରଥମ ଉପଗ୍ରହ ହେବ, ଯିଏ ଦୁଇଟି ଫ୍ରିକ୍ୱେନ୍ସିରେ ପୃଥିବୀର ନୀରକ୍ଷଣ କରିବ। ନାସା ଅନୁଯାୟୀ, ପ୍ରତ୍ୟେକ ସିଷ୍ଟମର ସିଗନାଲ୍ ପୃଥିବୀ ପୃଷ୍ଠରେ ଥିବା ବିଭିନ୍ନ ଆକାରର ବୈଶିଷ୍ଟ୍ୟ ପ୍ରତି ସମ୍ବେଦନଶୀଳ ଏବଂ ପ୍ରତ୍ୟେକର ଆର୍ଦ୍ରତା ଏବଂ ଗତି ଭଳି ବିଭିନ୍ନ ଗୁଣ ମାପିବା ପାଇଁ ଦକ୍ଷ।

ଗୋଟିଏ ସାଟେଲାଇଟରେ ଦୁଇଟି ରାଡାର ସିଷ୍ଟମ ସ୍ଥାପନ କରିବା ଏକ ଅନନ୍ୟ ଇଞ୍ଜିନିୟରିଂ ସଫଳତା କାରଣ ଦୁଇଟି ସିଷ୍ଟମକୁ ବିଭିନ୍ନ ହାର୍ଡୱେର ସେଟ୍ ଆବଶ୍ୟକ, ଏବଂ ପରସ୍ପର ସହିତ ହସ୍ତକ୍ଷେପ ନକରି ପରିପୂରକ ପଦ୍ଧତିରେ କାର୍ଯ୍ୟ କରିବାକୁ ପଡିବ। ତେଣୁ ଏହା ପୃଥିବୀ ପୃଷ୍ଠରେ ଘଟୁଥିବା ବିଭିନ୍ନ ଘଟଣାର ଅଧ୍ୟୟନ କରିପାରିବ। ଉଦାହରଣ ପାଇଁ ସମୁଦ୍ର ବରଫର ଗତି, ଝଡ଼ର ପଥ, ଉଦ୍ଭିଦ ଏବଂ ଜଙ୍ଗଲରେ ପରିବର୍ତ୍ତନ, ଏପରିକି ଭୂମିକମ୍ପ ଏବଂ ଆଗ୍ନେୟଗିରି ସମୟରେ ଗତିବିଧି ଉପରେ ନଜର ରଖିବ ବୈଜ୍ଞାନିକମାନେ ଆଶା କରୁଛନ୍ତି ଯେ ଏହି ଉପଗ୍ରହ ଜଳବାୟୁ ପରିବର୍ତ୍ତନ କିମ୍ବା ପ୍ରାକୃତିକ ବିପଦର ମୁକାବିଲାରେ ସହାୟକ ହେବ।

## ଆରଆଇ-ଅମିନ ପରୀକ୍ଷା ବାତିଲ୍

ଭୁବନେଶ୍ୱର, ୩୦।୭(ମହାଭାରତ) : ଆରଆଇ ଅମିନ ପରୀକ୍ଷା ବାତିଲ ହୋଇଛି। ନୂଆ। ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପରୀକ୍ଷା ଆଉ ଥରେ କରାଯିବ ବୋଲି ନିର୍ଦ୍ଦେଶ ହୋଇଛି। ୨୮୯୫ ପଦବି ଖାଲି ଥିଲା। ପାଞ୍ଚ ଲକ୍ଷରୁ ଉର୍ଦ୍ଧ୍ୱ ପିଲା ପରୀକ୍ଷା ଦେବା ପାଇଁ ଆବେଦନ କରିଥିଲେ। ସେଥିରୁ ୨ ଲକ୍ଷ ୯୩ ହଜାର ପରୀକ୍ଷା ଦେଇଥିଲେ। ପରୀକ୍ଷାରେ ଅନିୟମିତତା ନେଇ ପରୀକ୍ଷାର୍ଥୀମାନେ ଅଭିଯୋଗ ଆଣିବା ପରେ ଓଏସ୍‌ଏସ୍‌ଏସସି ପକ୍ଷରୁ ସମସ୍ତ ପରୀକ୍ଷାର୍ଥୀଙ୍କୁ ମୁଖ୍ୟ ପରୀକ୍ଷାକୁ ଉତ୍ତୀର୍ଣ୍ଣ କରାଯାଇଥିଲା। ଏହା ପରେ କିଛି ପରୀକ୍ଷାର୍ଥୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ୬ ଗିରଫ

ଭୁବନେଶ୍ୱର, ୩୦।୭(ମହାଭାରତ): ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ), ଓଡିଶା ଆନୁକୁଲ୍ୟରେ ଆୟୋଜିତ ହେବାକୁ ଥିବା ଓଟିଇଟି-୨୦୨୫ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଘଟଣାର ପର୍ଦ୍ଦାଫାସ କରିଛି କ୍ରାଇମବ୍ରାଞ୍ଚ, । ଏହି ଘଟଣାରେ ସମ୍ପୃକ୍ତ ଥିବା ଛଅ ଜଣ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଡିଜିପି, କ୍ରାଇମବ୍ରାଞ୍ଚ, ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି।


ଗିରଫ ଅଭିଯୁକ୍ତ ମାନେ ହେଉଛନ୍ତି ମାଧ୍ୟମିକ ଶିକ୍ଷା ପରିଷଦର ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣା, ବିଜୟ କୁମାର ମିଶ୍ର, ରାଜ୍ୟ ପୂର୍ବତନ କ୍ୟାଡର ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି, କୋମାସାହି, ଆମ୍ଭୋଡିଅ।, ରାୟଗଡା, ସନାତନ ବିଶୋୟୀ, କୋରାପୁଟ ଜିଲ୍ଲା ପୂର୍ବତନ କ୍ୟାଡର ଶିକ୍ଷକ ସଂଘର ସଭାପତି, ସାଗରଗୁଡା, କୁନ୍ଦ୍ରା, କୋରାପୁଟ, ରାମଜୀ ପ୍ରସାଦ ଗୁପ୍ତା, ନାରାୟଣ ଲେନ, ଗୁପ୍ତା ନିବାସ, ବାଦାମବାଡି, କଟକ, ଅଜୟ କୁମାର ସାହୁ, ଲିଙ୍ଗିପାଲି କେଶବନଗର (ପଞ୍ଚମ ଲେନ), ବିଦ୍ୟାଧରପୁର, ଗଞ୍ଜାମ, ଜୟନ୍ତ କୁମାର ରାଉତ, ଜୁକାନନ୍ଦୀ, ରୂପସା, ବାଲେଶ୍ୱର। ପୋଲିସ ସେମାନଙ୍କ ନିକଟରୁ ମୋବାଇଲ୍ ଫୋନ୍ ଏବଂ ଲିକ୍ ହୋଇଥିବା ପ୍ରଶ୍ନପତ୍ର ସମେତ ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ଜବତ କରାଯାଇଛି। ଏହା ସହ ଅଭିଯୁକ୍ତ ଜିତନ୍ ମହାରଣାଙ୍କ ଆକାଉଣ୍ଟକୁ ୨,୫୦,୦୦୦ ଟଙ୍କା ଫୋନ ପେ ମାଧ୍ୟମରେ ଆର୍ଥିକ କାରବାର ହୋଇଥିବା ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସମସ୍ତ ଅଭିଯୁକ୍ତଙ୍କ ଆକାଉଣ୍ଟ ବର୍ତ୍ତମାନ ଯାଞ୍ଚ କରାଯାଉଛି ଏବଂ ତଦନ୍ତ ଜାରି ରହିଛି।

## ଅଫିସରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ମନା

ଭୁବନେଶ୍ୱର,୩୦।୭(ମହାଭାରତ): ପରିବେଶ ସୁରକ୍ଷା ଓ ପ୍ଲାଷ୍ଟିକ ଦୂଷଣ ରୋକିବା ପାଇଁ ଓଡ଼ିଶା ସରକାର ସରକାରୀ ଅଫିସଗୁଡ଼ିକରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ଉପରେ କଡ଼ା କଟକଣା ଲଗାଇଛନ୍ତି। ଏହି ସଂପର୍କରେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ରାଜ୍ୟର ସମସ୍ତ ବିଭାଗୀୟ ସଚିବଙ୍କୁ ଏକ ଚିଠି ଜାରି କରି ନିର୍ଦ୍ଦେଶ ଦେଇଛନ୍ତି। ଚିଠିଅନୁସାରେ, ସରକାରୀ ବୈଠକ, ସଭା, ସମିତି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ଜାତୀୟ ସାମଗ୍ରୀ ଯଥା ପ୍ଲାଷ୍ଟିକ ଜରି ଲାଗିଥିବା ଫୁଲତୋଡ଼ା, ପ୍ଲାଷ୍ଟିକ ଉପହାର, ଖାଦ୍ୟ ପୁଡ଼ିଆ, ପ୍ଲେଟ୍ ଆଦି ବ୍ୟବହାର ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି। ଏହା ସହିତ, ସରକାରୀ ଅଫିସଗୁଡ଼ିକରେ ପ୍ଲାଷ୍ଟିକ ବୋତଲ ବ୍ୟବହାର ବନ୍ଦ କରି ବିକଳ୍ପ ଭାବେ କାଚ, ଷ୍ଟିଲ କିମ୍ବା ଅନ୍ୟ ପରିବେଶ ଅନୁକୂଳ ସାମଗ୍ରୀ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଅଫିସରଙ୍କ ନାଁରେ ଥାନାରେ ଅଭିଯୋଗ କଲେ ପତ୍ନୀ

ଭୁବନେଶ୍ୱର,୩୦।୭(ମହାଭାରତ) : ରାଜ୍ୟ ସରକାରଙ୍କ ଅଧିନରେ ଥିବା ଜଣେ ଓଏଏସ୍ ଅଫିସର ତାଙ୍କ ପରିବାର ତାଙ୍କ ପତ୍ନୀଙ୍କୁ ନିର୍ଯାତନା ଦେଉଛନ୍ତି ବୋଲି ପତ୍ନୀ ଅର୍ଚ୍ଚନା ଦାସ ଆଜି ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ସ୍ୱାମୀ ସାର୍ଥକ ସୌରଭ ମହାପାତ୍ର ରାଜ୍ୟ ସରକାରଙ୍କ ଓସଡମାରେ ଡିଜିଏମ୍ ଭାବେ କାର୍ଯ୍ୟ କରୁଛନ୍ତି। ପତ୍ନୀ ଅର୍ଚ୍ଚନା ମହିଳା ଥାନାରେ ଦେଇଥିବା ଅଭିଯୋଗରେ କହିଛନ୍ତି ଯେ, ତାଙ୍କ ସ୍ୱାମୀ ସାର୍ଥକ ସୌରଭ ୨୦୨୪ ମସିହାରେ ତାଙ୍କୁ ବିବାହ କରିଥିଲେ। ବିବାହର ବର୍ଷେ ପରେ ତାଙ୍କର ଗୋଟିଏ ପୁଅ ହୋଇଥିଲା। ପୁଅ ହେବା



ପରେ ତାଙ୍କ ସ୍ୱାମୀ ସାର୍ଥକ ସୌରଭ ହସ୍ପିଟାଲ ବେଡରୁ ତାଙ୍କୁ ଛାଡି ପଳାଇଛନ୍ତି। ସେହି ଦିନ ଠାରୁ ସେ ତାଙ୍କ ସହିତ କୌଣସି ସମ୍ପର୍କ ରଖି ନାହାଁନ୍ତି। ଅର୍ଚ୍ଚନା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, କେବଳ ତାଙ୍କୁ ତାଙ୍କ ସ୍ୱାମୀ ସାର୍ଥକ ସୌରଭ ନିଜ ମା' ଓ ଭଉଣୀଙ୍କ ସହ ମିଶି ତାଙ୍କୁ ନିର୍ଯାତନା ଦେଉଥିଲେ। ସେ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିବା ସହିତ ଶଶୁ କବିତା ମଞ୍ଜରୀ ରଥ ଓ ନଣନ୍ଦ ସାଇନା ସୋନାଲି ମହାପାତ୍ରଙ୍କ ନାମରେ ସଂଗୀନ ଅଭିଯୋଗ ଆଣିଛନ୍ତି। ସମସ୍ତେ ମିଳି ମିଶି ତାଙ୍କୁ ମାନସିକ ନିର୍ଯାତନା ସହ ଗାଳିଗୁଲଜ ଓ ଅବହେଳା ଭଳି କରି ଆସିଛନ୍ତି। ଏହା ମଧ୍ୟରେ ଅର୍ଚ୍ଚନା ତାଙ୍କ ସ୍ୱାମୀଙ୍କୁ ବାରମ୍ବାର ଯୋଗାଯୋଗ କରିବା ପାଇଁ ଚାହିଁଲେ ମଧ୍ୟ ସେ କୌଣସି ସମ୍ପର୍କ ତାଙ୍କ ସହିତ ରଖୁ ନାହାଁନ୍ତି ବୋଲି ଅର୍ଚ୍ଚନା ଅଭିଯୋଗ କରିଛନ୍ତି।

# ରୁଷରେ ଭୟଙ୍କର ଭୂକମ୍ପ ପରେ ମାଡ଼ିଆସିଲା ସମୁଦ୍ର

ମସ୍କୋ,୩୦।୭(ମହାଭାରତ): ରୁଷ ଉପକୂଳରେ ଭୟଙ୍କର ଭୂକମ୍ପ ପରେ ଏବେ ସୁନାମୀ ତାଣ୍ଡବ ରଚିବା ଆରମ୍ଭ କରିଛି। ଆଜି ସକାଳୁ ସକାଳୁ ରୁଷର ପୂର୍ବ ପ୍ରାନ୍ତରେ ଥିବା କାମଚଟକାରେ ୮.୮ ତୀବ୍ରତାର ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଭୂକମ୍ପ ଯୋଗୁ ଏବେ ରୁଷ ସମେତ ଆମେରିକା ଓ ଜାପାନରେ ବଡଧରଣର ସୁନାମୀ ଦେଖିବାକୁ ମିଳିଛି। ଉପକୂଳରେ ଥିବା ଶହଶହ ବଡ ବଡ ବିଲଡିଂ ସମୁଦ୍ର ଗର୍ଭରେ ଲୀନ ହୋଇଛି। ଉପକୂଳରେ ଥିବା ଲକ୍ଷାଧିକ ଲୋକ ଜୀବନ ବିକଳରେ ଉଚ୍ଚ ସ୍ଥାନକୁ ଯିବାକୁ ଲାଗିଛନ୍ତି। ଏବେ ଛୋଟ ଧରଣର ସମୁଦ୍ର ଢେଉ କୂଳ ଲଙ୍ଘିଥିବା ବେଳେ ଆଗକୁ ୧୦ ଫୁଟ ଉଚ୍ଚର ଜୁଆର ଆମେରିକାର ହାୱାଇ ଦ୍ୱୀପରେ ଭୟଙ୍କର ସ୍ଥିତି ସୃଷ୍ଟି କରିବାର ଆଶଙ୍କା ପ୍ରକାଶ ପାଇଛି। ସମୁଦ୍ର ଗର୍ଭରେ ଭୂକମ୍ପର କେନ୍ଦ୍ର ସ୍ଥଳ ରହିଥିବାରୁ ସ୍ଥିତି ଭୟଙ୍କର ହେବାର ଯଥେଷ୍ଟ ଆଶଙ୍କା ଥିବା ବିଶେଷଜ୍ଞମାନେ ମତ ରଖିଛନ୍ତି। ସମୁଦ୍ର ଜୁଆର ଘୁଘୁ ଗର୍ଜନ କରି ସ୍ଥଳ ଭାଗକୁ ମାଡି ଆସିଥିବାର ଛାତିଥରା ଫଟୋ ଓ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି।

ବର୍ତ୍ତମାନ ଉତ୍ତର ଆଲାସ୍କାରେ ସୁନାମୀର ପ୍ରଥମ ଜୁଆର ପ୍ରବେଶ କରିଛି। ହାୱାଇରେ ମଧ୍ୟ ୪ ଫୁଟ ବା ୧.୨ ମିଟର ଉଚ୍ଚର ଜୁଆର ସ୍ଥଳ ଭାଗରେ ପ୍ରବେଶ କରିଥିବା ପ୍ୟାସିଫିକ ସୁନାମୀ



ୱାର୍ଣ୍ଣିଂ ସେଣ୍ଟର(ପିଟିଡବ୍ଲ୍ୟୁସି) ପକ୍ଷରୁ କୁହାଯାଇଛି। ପିଟିଡବ୍ଲ୍ୟୁସି କହିଛି ଯେ ସୁନାମୀ ଜୁଆର ଉପକୂଳବର୍ତ୍ତୀ ଅଞ୍ଚଳକୁ ପ୍ରଭାବିତ କରିବା ଆରମ୍ଭ କରିଛି। ବର୍ତ୍ତମାନ ସବୁଠାରୁ ବଡ ଜୁଆର ହାୱାଇରେ ରେକର୍ଡ କରାଯାଇଛି। ଉତ୍ତର ଉପକୂଳ ଓହାହୁର ହାଲେଇୱାରେ ୪ ଫୁଟ ଉଚ୍ଚ ଜୁଆର ସ୍ଥଳ ଭାଗରେ ତାଣ୍ଡବ ରଚିଛି। ପ୍ରାୟ ୧୨ ମିନିଟର ବ୍ୟବଧାନରେ ଉଚ୍ଚ ଜୁଆର ସ୍ଥଳ ଭାଗକୁ ଆସୁଛି। ଜାପାନ ମେଟ୍ରୋଲୋଜିକାଲ ଏଜେନ୍ସି କହିଛି ଯେ ୪୦ ସେଣ୍ଟିମିଟର ବା ୧.୩ ଫୁଟର ସୁନାମୀ ହୋକ୍କାଇଡୋର ଟୋକାଚିରେ ଚିହ୍ନଟ ହୋଇଛି। ଏହି ସ୍ଥାନଟି ଜାପାନର ଉତ୍ତରପୂର୍ବର ପ୍ରାନ୍ତର ଗୋଟିଏ ପ୍ରମୁଖ ସ୍ଥାନ। ଭୂକମ୍ପର କେନ୍ଦ୍ରସ୍ଥଳ କାମଚଟକାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କିନ୍ତୁ କେହି ବି ଗୁରୁତର ଭାବେ ଆହତ ହୋଇ ନାହାନ୍ତି।

ରୁଷର କୁରିଲ ଦ୍ୱୀପପୁଞ୍ଜର ସେଭେରୋ-କୁରିଲସ୍କରେ ସୁନାମୀ ଜୁଆର ପ୍ରବେଶ କରିଥିବା ସ୍ଥାନୀୟ ଗଭର୍ଣ୍ଣର ଭାଲେର। ଲିମାରେନକୋ କହିଛନ୍ତି। ତାଙ୍କ କହିବା କଥା ଯେ ଭୂକମ୍ପ ପରେ ସୁନାମୀ ଆସିଥିବା ବେଳେ ସ୍ଥାନୀୟ ଲୋକ ସୁରକ୍ଷିତ ରହିଛନ୍ତି। ସେମାନଙ୍କୁ ବିପଦ ଟଳିବା ଯାଏ ସେମାନଙ୍କୁ ଉଚ୍ଚସ୍ଥାନରେ ରହିବାକୁ ପରାମର୍ଶ ଦିଆଯାଇଛି। ଜାପାନର ଇୱାଟେ ସ୍ଥିତ କୁଜି ପୋର୍ଟରେ ୧.୩ ମିଟର ବା ୪.୩ ଫୁଟ ଉଚ୍ଚ ଜୁଆର ପ୍ରବେଶ କରିଛି। କ୍ରମାଗତ ଭାବେ ବଡ ବଡ ଜୁଆର କୂଳ ଲଙ୍ଘିବାରେ ଲାଗିଛି। ଜାପାନ ଓ ଆମେରିକାରେ ସୁନାମୀର ସତର୍କ ସାଇରନ ବାଜୁଥିବାରୁ ଲୋକମାନେ ଆତଙ୍କିତ ହୋଇପଡିଛନ୍ତି।

# ବେସନ ହାଲୱା

ଆମେ ଘରେ ସାଧାରଣତଃ ଗାଜର ହାଲୱା, ସୁଜି ହାଲୱା ପରି ମିଠା ଖାଦ୍ୟ ମାନ ପ୍ରସ୍ତୁତ କରି ଖାଇଥାଉ । କିନ୍ତୁ ଏଥରର ହୋଲି ଅବସରରେ କିଛି ନୂଆ ମିଠା ପ୍ରସ୍ତୁତ କରି ଖାଆନ୍ତୁ । ବେସନ ପ୍ରସ୍ତୁତ ହାଲୱା ହେଉଛି ଏକ ପାରମ୍ପରିକ ତଥା ସମୃଦ୍ଧ ଖାଇବା । ଏହାକୁ ଆପଣ ଜଳଖିଆ ବା ମିଠା ଦ୍ରବ୍ୟ ହିସାବରେ ବି ଖାଇପାରିବେ । ଏହି ସ୍ୱାଦିଷ୍ଟ ବ୍ୟନ ପ୍ରସ୍ତୁତ ପାଇଁ ଆବଶ୍ୟକ ହେଉଥିବା ସମାଗ୍ରୀ ଜାଣି ରଖନ୍ତୁ ।

ବେସନ- ୧କପ, ଲହୁଣୀ -ଅଧା କପ, ଚିନି-ଏକ କପ, ଗୁଜୁରାତି ପାଉଡର- ୧ଚାମଚ, ପାଣି-୨କପ, କଟା ଯାଇଥିବା କିଛି ବାଦାମ।

**ପ୍ରସ୍ତୁତ ପ୍ରଣାଳୀ :**

ପ୍ରଥମେ ମଧ୍ୟମ ଆଞ୍ଚଳରେ ଏକ ପ୍ୟାନ ବସାନ୍ତୁ । ଏଥିରେ ଚିନି,ଗୁଜୁରାତି ପାଉଡର ସହ ପାଣି ଫୁଟାନ୍ତୁ । ଏବେ ଅନ୍ୟ ଏକ ଫ୍ରାଇଙ୍ଗ ପ୍ୟାନରେ ଲହୁଣୀ ଗରମ କରନ୍ତୁ । ଏବେ ଧୀରେ ଧୀରେ ବେସନ ଦିଅନ୍ତୁ । ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ବେସନକୁ ପ୍ୟାନରେ ଧୀରେ ଧୀରେ ଘାଟନ୍ତୁ । ଏଥିପାଇଁ ନିଶ୍ଚିତ ରୂପେ ୫ରୁ୭ ମିନିଟ ସମୟ ଲାଗିଯିବ। ବେସନ ରଙ୍ଗ ବଦଳି ଗଲେ ଏଥିରୁ ଏକ ନୂଆ ବାସ୍ନା ଆସିବ । ଏବେ ସେଥିରେ ସିରପ ଧୀରେ ଧୀରେ ଢାଳନ୍ତୁ । ଏବେ ଆଞ୍ଚ କମ କରିଦିଅନ୍ତୁ। ଆଉ ୨ରୁ ୩ ମିନିଟ ପାଇଁ ଚୁଲିରେ ବସାନ୍ତୁ । ଦେଖିବେ ଧୀରେ ଧୀରେ ବେସନ ସବୁ ପାଣି ଶୁଖାଇଦେବ। ଏବେ ହାଲୱା ଥଣ୍ଡା କରି କାଜୁ ଓ ବାଦାମ ନେଇ ଗାର୍ନିସିଙ୍ଗ କରନ୍ତୁ।



ଖବର


# ପ୍ରଥମ ଫିଲ୍ମରୁ ବଲିଉଡକୁ ଦିୱାନା କଲେ ଅନିତା ପଡ୍ଡା





୨୨ ବର୍ଷୀୟ ଅଭିନେତ୍ରୀ ଅନୀତ ପଡ୍ଡା। ସୈୟାରା ପରେ ରାତାରାତି ପାଲଟିଲେ ନ୍ୟାସନାଲ୍ କ୍ରସ । ପ୍ରଥମ ଫିଲ୍ମରୁ ହେଉଛନ୍ତି ଜୋରଦାର୍ ଚର୍ଚ୍ଚା। ପ୍ରଥମ ଫିଲ୍ମରୁ ବଲିଉଡ୍ରେ କରିଛନ୍ତି ଧମାକା। ଅଭିନୟରେ ଜିତିଛନ୍ତି ସମସ୍ତଙ୍କ ହୃଦୟ । ପଞ୍ଜାବର ଅମୃତସରରେ ଅନୀତଙ୍କ ଜନ୍ମ । ବୟସ ତାଙ୍କର ମାତ୍ର ୨୨ । ଅନୀତଙ୍କ ଜନ୍ମ ଅକ୍ଟୋବର ୨୦୦୨ରେ ହୋଇଥିଲା। ଏକ ସାଧାରଣ ପରିବାରରୁ ଆସିଥିଲେ ଅନିତ । ପିଲାଦିନରୁ ଅଭିନୟ ପ୍ରତି ଆଗ୍ରହୀ ଥିଲେ ଅନିତ ଯ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଜଣେ ସାଧାରଣ ଛାତ୍ରୀ ଥିଲେ।ସେ ଖ୍ରୀଷ୍ଟ ମେରୀ କଲେଜ ରୁ ମାନବିକତାରେ ସ୍ନାତକ କରିଛନ୍ତି। ସେ ସ୍ପ୍ରିଙ୍ଗ ଡେଲ୍ ସିନିୟର ସେକେଣ୍ଡାରୀ ସ୍କୁଲରୁ ତାଙ୍କର ସ୍କୁଲ ଶିକ୍ଷା କରିଥିଲେ । କଲେଜ ସମୟରେ ସେ ଅଡିସନ୍ ଦେବା ଆରମ୍ଭ କରିଥିଲେ ଏବଂ ଅଭିନୟର ସ୍ୱପ୍ନ ଦେଖିବା ଆରମ୍ଭ କରିଥିଲେ। ଏହି ସ୍ୱପ୍ନ ପୂରଣ କରିବା ପାଇଁ ସେ ଚାଲିଯାଇଥିଲେ ମୁମ୍ବାଇ। ପ୍ରାରମ୍ଭରେ ସେ ବିଜ୍ଞାପନରେ କାମ କରିଥିଲେ। ପୂର୍ବରୁ ମଧ ଅନେକ ସାରା ଆଡ୍ ସୁଟ୍ କରିସାରିଛନ୍ତି। କିନ୍ତୁ ଅନୀତଙ୍କୁ ମୋହିତ ସୁରିଙ୍କ ଫିଲ୍ମ 'ସୈୟାରା'ରୁ ପରିଚୟ ମିଳିଛି। ପ୍ରଥମ ଫିଲ୍ମରେ ହିଁ ସମସ୍ତଙ୍କ ହୃଦୟ ଜିତିଛନ୍ତି ଅଭିନେତ୍ରୀ ଅନିତା ତାଙ୍କର ସରଳତା, ସୌନ୍ଦର୍ଯ୍ୟ ଏବଂ ଚମତ୍କାର ଅଭିନୟ ସମସ୍ତଙ୍କ ହୃଦୟ ଜିତିଛି । 'ସୈୟାରା' ଚଳଚ୍ଚିତ୍ରରୁ ଅନୀତଙ୍କୁ ମିଳିଛି ଏକ ନୂଆ ପରିଚୟ। ଏହାର ଲିଡ୍ ରୋଲ୍ରେ ନଜରରେ ଆସିଛନ୍ତି ଅନୀତ ପଡ୍ଡା। ସୋସିଆଲ୍ ମିଡିଆରେ ଏବେ କେବଳ ତାଙ୍କୁ ଏବଂ ତାଙ୍କ ଫିଲ୍ମକୁ ନେଇ ଚର୍ଚ୍ଚା । ୨୦୨୨ ମସିହାରେ ରେବତୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ସଲାମ ଭେଙ୍କି'ରେ ତାଙ୍କର ପ୍ରଥମ ଝଲକ ଦେଖିବାକୁ ମିଳିଥିଲା। ଏଥିରେ ତାଙ୍କର ଭୂମିକା ଛୋଟ ଥିଲା କିନ୍ତୁ ତାଙ୍କର ସ୍କ୍ରିନ୍ ଉପସ୍ଥିତି ଏବଂ ଲୁକ୍ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହାପରେ ସେ ୨୦୨୪ ମସିହାରେ ଅନୀତ ଆମାଜନ ପ୍ରାଇମର ୱେବ୍ ସିରିଜ୍ 'ବିଗ୍ ଗାର୍ଲ୍ସ ଡୋ□ କ୍ରାଇ'ରେ ରୁହି ଭୂମିକାରେ ଅଭିନୟ କରିଥିଲେ। ଏଥିରେ ସେ ପୂଜା ଭଟ ଏବଂ ରାଇମା ସେନଙ୍କ ଭଳି ବରିଷ୍ଠ ଅଭିନେତ୍ରୀଙ୍କ ସହ କାମ କରିଥିଲେ ଏବଂ ନିଜର ଛାପ ଛାଡ଼ିଥିଲେ। କିନ୍ତୁ ତାଙ୍କ ଜୀବନର ଟର୍ଣ୍ଣ ପଏଣ୍ଟ ସାଜିଥିଲା ମୋହିତ ସୁରୀଙ୍କ ଫିଲ୍ମ 'ସୈୟାରା'।

# ତ୍ୱଚା ସୁନ୍ଦର କରାଇବାର ଉପାୟ



ତ୍ୱଚାର ସୁନ୍ଦରତା ବଜାୟ ରଖିବା ପାଇଁ ସଭିଏଁ ବହୁ ଉପାୟ ଆପଣେଇ ଥାଆନ୍ତି । ଏହାଛଡ଼ା ଅଧିକାଂଶ ସମୟ ଅଭାବ କାରଣରୁ ତ୍ୱଚା ଉପରେ ଅଧିକ ଧ୍ୟାନ ମଧ ଦେଇ ପାରି ନଥାଆନ୍ତି । ମାତ୍ର ଏପରି କେତେକ ଉପାୟ ରହିଛି ଯାହାକୁ ଆପଣେଇ ମୁହଁର ସୁନ୍ଦରତାକୁ ଦ୍ୱିଗୁଣିତ କରିପାରିବା ।

ନଡ଼ିଆ ତେଲ -

ଯଦି ଆପଣଙ୍କ ତ୍ୱଚା ଅଧିକ ଶୁଷ୍କ ତେଲିଆ ନୁହେଁ ତେବେ ନିୟମିତ ନଡ଼ିଆ ତେଲର ମୁହଁରେ ମାଲିସ କରନ୍ତୁ । ରାତିରେ ଶୋଇବା ସମୟରେ ତୁଳାର ବ୍ୟବହାର କରି ମୁହଁରେ ଲଗାନ୍ତୁ । ସକାଳେ ଆପଣ ନିଜେ ଏହାର ଚମତ୍କାରିତା ଅନୁଭବ କରିବେ ।

ଗ୍ରୀନ ଟି ପ୍ୟାକ୍ -

ପେଷା ହୋଇଥିବା ଗ୍ରୀନ ଟିରେ ଅଳ୍ପ ପାଣି ମିଶାଇ ତୁଳାର ବ୍ୟବହାର କରି ଏହି ପେଷ୍ଟକୁ ରାତି ଯାକ ମୁହଁରେ ଲଗାଇ ରଖନ୍ତୁ । ସକାଳେ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ ।

# ରୁଦ୍ରାଭିଷେକ କଲେ ସୁଖଶାନ୍ତି ମିଳିଥାଏ


ଲୋକମାନେ ଦେବତାଙ୍କୁ ଫଳ, ଫୁଲ ନୈବେଦ୍ୟ ଅର୍ପଣ କରି ପୂଜା ଅର୍ଚ୍ଚନା କରିଥାନ୍ତି । ଯାହାର ସୁଫଳ ମିଳିଥାଏ ବୋଲି ଅନେକ ମତବ୍ୟକ୍ତ କରିଥାନ୍ତି । ଯଦି ଶିବଲିଙ୍ଗକୁ ରୁଦ୍ରାଭିଷେକ କରାଯାଏ ଏବଂ ତାର ଫଳ ସୁନିଶ୍ଚିତ ମିଳିଥାଏ ବୋଲି ଅନେକ ଜ୍ୟୋତିଷବିଦ୍ ପ୍ରକାଶ କରିଛନ୍ତି। ଆସନ୍ତୁ ଜାଣିବା ଭଗବାନ ମହାଦେବଙ୍କୁ କଣ ଅଭିଷେକ କଲେ କ'ଣମିଳିଥାଏ । ଯଦି କେହି ବ୍ୟକ୍ତି ସୁନାରେ ତିଆରି ଶିବଲିଙ୍ଗକୁ ଅଭିଷେକ କରେ ସେ ସର୍ବସିଦ୍ଧି ପ୍ରାପ୍ତ କରିଥାଏ। ସେହିଭଳି ରୂପାରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସୌଭାଗ୍ୟ ବୃଦ୍ଧି ହୋଇଥାଏ । ପିତଳରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସୁଖ ଶାନ୍ତି ମିଳିଥାଏ । ପାରଦରେ ତିଆରି ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସମସ୍ତ ସୌଭାଗ୍ୟ ଅର୍ଜନ ପ୍ରାପ୍ତ ହୋଇଥାଏ । କର୍ପୂରରେ ତିଆରି ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସବୁ ପ୍ରକାର ମଙ୍ଗଳ ହୋଇଥାଏ । ଲୁହାରେ ନିର୍ମିତ ଶିବ ଲିଙ୍ଗକୁ ଜଳାଭିଷେକ କଲେ ବ୍ୟକ୍ତି ଶତ୍ରୁକୁ ପରାସ୍ତ କରିବା ସହ ନିଜେ ବିଜୟୀ ହୋଇଥାଏ । ଚନ୍ଦନରେ ନିର୍ମିତ ଶିବଲିଙ୍ଗକୁ ଧନଲାଭ କରିପାରିବ । ଫୁଲରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ଭୂ-ସମ୍ପତ୍ତିର ଅଧିକାରୀ ହୋଇପାରିବେ । ମିଶ୍ରି ବା ଚିନିରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ଅଭୀଷ୍ଟ ପୂରଣ ହୁଏ । ବାଉଁଶରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସନ୍ତାନ ପ୍ରାପ୍ତ



କରିପାରିବେ । ଦୁବରେ ତିଆରି ଶିବ ଲିଙ୍ଗକୁ ରୁଦ୍ରାଭିଷେକ କଲେ ଦୁର୍ଘଟଣାରୁ ରକ୍ଷା ମିଳିଥାଏ ।

# ମହର୍ଷି ବଶିଷ୍ଠଙ୍କ ଉଦାରତା


ଦିଗବିଜୟ ପରେ ରାଜା କୌଶିକ ରାଜଧାନୀ ଅଭିମୁଖେ ଫେରୁଥିଲେ। ବାଟରେ ବ୍ରହ୍ମଜ୍ଞାନୀ ମହର୍ଷି ବଶିଷ୍ଠଙ୍କ ଆଶ୍ରମ ପଡ଼ିଲା। ଭାବିଲେ, ମହାମୁନିଙ୍କ ଦର୍ଶନ କରିଦେଇଯିବେ। ଆଶ୍ରମ ଦ୍ୱାର ଦେଶରେ ପହଞ୍ଚିବା ପରେ ବଶିଷ୍ଠ ତାଙ୍କୁ ଭିତରକୁ ଆସି ଅନ୍ନ ଗ୍ରହଣ କରିବା ଲାଗି ଅନୁରୋଧ କଲେ। କୌଶିକ କହିଲେ, ମୁଁ ଏକା ନାହିଁ । ମୋ ସହିତ ଲକ୍ଷ ଲକ୍ଷ ସୈନ୍ୟ ହାତୀ, ଘୋଡ଼ା ରହିଛନ୍ତି । ଆପଣଙ୍କୁ ଅସୁବିଧା ହେବ। ବଶିଷ୍ଠ କହିଲେ, କିଛି ଅସୁବିଧା ନାହିଁ ! ଆପଣ ଆସନ୍ତୁ। ବଶିଷ୍ଠଙ୍କ ନିକଟରେ ଗୋମାତା କାମଧେନୁଙ୍କ ବାଛୁରୀ ନନ୍ଦିନୀ ଥିଲେ। ସେ କୌଶିକଙ୍କ ସମସ୍ତ ସେନାବାହିନୀ ଓ ହାତୀଘୋଡ଼ା ପାଇଁ ଖାଦ୍ୟ ଯୋଗାଡ଼ କରିଦେଲେ। ଏହା ଦେଖି ରାଜା କୌଶିକ ଆଶ୍ଚର୍ଯ୍ୟ ହେଲେ। ଯିବା ବେଳେ ଋଷି ବଶିଷ୍ଠ ତାଙ୍କୁ ଉପହାର ଯାଚିଲେ। ରାଜା କହିଲେ, ଆପଣ ଯଦି କିଛି ଦେବାକୁ ଚାହୁଁଛନ୍ତି, ତା'ହେଲେ ମୋତେ ଏହି ନନ୍ଦିନୀ ଗୋମାତାଙ୍କୁ ଦିଅନ୍ତୁ। କିନ୍ତୁ ବଶିଷ୍ଠ କହିଲେ, ଆପଣ ରାଜା ! ଆପଣଙ୍କ ପାଖରେ ସମସ୍ତ ସମ୍ବଳ ରହିଛି। ମୁଁ ଋଷି ! ସବୁକିଛି ତ୍ୟାଗ କରି ସନ୍ନ୍ୟାସୀ ଜୀବନଯାପନ



କରୁଛି । ତେଣୁ ମୋର ସମ୍ବଳ ହେଉଛନ୍ତି ଏହି ନନ୍ଦିନୀ ଗୋମାତା। ତେଣୁ ମୁଁ ଏହାଙ୍କୁ ଆପଣଙ୍କୁ ଦେଇପାରିବି ନାହିଁ । ତା'ଛଡ଼ା ଗୋମାତା ନନ୍ଦିନୀ ଆପଣଙ୍କ ରାଜ୍ୟରେ ରହିଲେ ହୁଏତ' ଅନ୍ୟ କେଉଁ ରାଜା ଆପଣଙ୍କ ରାଜ୍ୟ ଉପରେ ଆକ୍ରମଣ କରିପାରନ୍ତି। ବଶିଷ୍ଠ ଏପରି ଅନେକ ବୁଝାଇଲେ ସୁଦ୍ଧା କୌଶିକ ବୁଝିଲେ ନାହିଁ। ସେ ବଳପୂର୍ବକ ନନ୍ଦିନୀଙ୍କୁ ନେଇଯିବା ଲାଗି ପ୍ରୟାସ କଲେ। ହେଲେ ନନ୍ଦିନୀଙ୍କ ଶରୀରରୁ ଲକ୍ଷ ଲକ୍ଷ ସୈନ୍ୟ ବାହାରିଲେ। ସେମାନେ କୌଶିକଙ୍କ ସେନାବାହିନୀର ବିନାଶ କଲେ। କୌଶିକଙ୍କୁ ପରାଜିତ ହୋଇ ଫେରିଯିବାକୁ ପଡ଼ିଲା। ଏହି ଘଟଣା କୌଶିକଙ୍କ ମନରେ ଗଭୀର ରେଖାପାତ କଲା। ସେ ରାଜ୍ୟସିଂହାସନ ତ୍ୟାଗ କରି କଠୋର ତପସ୍ୟା କଲେ। ବଶିଷ୍ଠଙ୍କ ପରି ବ୍ରହ୍ମଜ୍ଞାନୀ ହେବା ଲାଗି ତାଙ୍କ ମନରେ ଇଚ୍ଛା ଜାଗ୍ରତ ହେଲା। ସିଦ୍ଧି ପ୍ରାପ୍ତ କରିବା ପରେ ସେ ପୁଣି ବଶିଷ୍ଠଙ୍କ ଆଶ୍ରମକୁ ଫେରିଲେ। ସେତେବେଳେ ସେ ବିଶ୍ୱମିତ୍ରଙ୍କ ନାମରେ ପରିଚିତ ହୋଇସାରିଥିଲେ। ସିଦ୍ଧି ମିଳିଥିଲା କିନ୍ତୁ ଅହଂକାର ଯାଇନଥିଲା। ବଶିଷ୍ଠଙ୍କ ଆଶ୍ରମରୁ ପୁଣି ନନ୍ଦିନୀଙ୍କୁ ନେବା ଲାଗି ପ୍ରୟାସ କଲେ। ବଶିଷ୍ଠଙ୍କ ପୁତ୍ରମାନଙ୍କ ସହ ତାଙ୍କର ମୁହାଁମୁହିଁ ହେଲା। କୌଶିକ ସମସ୍ତଙ୍କୁ ହତ୍ୟା କଲେ। ବଶିଷ୍ଠ ଓ ତାଙ୍କ ପତ୍ନୀ ଜୀବନରେ ଦୁଃଖର କଳାବାଦଲ ଘୋଟି ଆସିଲା। ତଥାପି ଉଦାର, କ୍ଷମାଶୀଳ ବଶିଷ୍ଠ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ । ବିଶ୍ୱାମିତ୍ରଙ୍କୁ ଏଥର ମଧ ଖାଲି ହାତରେ ଫେରିଯାଇଥିଲେ। କାରଣ ସେତେବେଳକୁ ଗୋ-ମାତା ନନ୍ଦିନୀ ସ୍ୱର୍ଗପୁରୀକୁ ଚାଲିଯାଇଥିଲେ। ଅନ୍ୟପଟେ ବିଶ୍ୱାମିତ୍ରଙ୍କ ଏହି କୃତକର୍ମକୁ ଦେବତା, ଋଷି-ମୁନି ସମସ୍ତେ ବିରୋଧ କଲେ। ବିଶ୍ୱାମିତ୍ରଙ୍କ ଚେତା ପଶିଲା। ଅହଂକାରବଶତଃ ମହର୍ଷି ବଶିଷ୍ଠଙ୍କର ସେ ଯେଉଁ କ୍ଷତି କରିଛନ୍ତି ତା'ର ପ୍ରାୟଶ୍ଚିତ କରିବା ଲାଗି ସେ ପୁଣିଥରେ ତପସ୍ୟା କରିବା ଲାଗି ନିଷ୍ପତ୍ତି ନେଲେ। ହଜାର ହଜାର ବର୍ଷ ପର୍ଯ୍ୟନ୍ତ କଠୋର ତପସ୍ୟା ଚାଲିଲା। ତାଙ୍କର ତପଶକ୍ତି ଏତେ ପ୍ରଖର ହୋଇଗଲା ତା'ର ପ୍ରଭାବ ତିନି ପୁରରେ ବ୍ୟାପିଗଲା। ଶେଷରେ ବିଶ୍ୱାମିତ୍ର ତପଭଙ୍ଗ କରି ମହର୍ଷି ବଶିଷ୍ଠଙ୍କୁ କ୍ଷମା ଯାଚନା କରିବା ଲାଗି ମନସ୍ତ କଲେ। ତେଣୁ ସେ ବଶିଷ୍ଠ ମୁନିଙ୍କ ଆଶ୍ରମ ଅଭିମୁଖେ ଚାଲିଲେ । ସେଠାରେ ପହଞ୍ଚିବା ସମୟରେ ସନ୍ଧ୍ୟା ହୋଇସାରିଥିଲା। ଆଶ୍ରମରେ ମହର୍ଷି ବଶିଷ୍ଠ ଏବଂ ପତ୍ନୀ ଅରୁନ୍ଧତୀ ବସିଥିଲେ। ଅରୁନ୍ଧତୀ କହୁଥିଲେ, ସ୍ୱାମୀ ! ଆଜି ଆକାଶରେ ଚନ୍ଦ୍ରଙ୍କ ଆଲୋକ କେତେ ସୁନ୍ଦର ଦିଶୁଛି। ଘନ ଅନ୍ଧାର ରାତ୍ରୀ ଚନ୍ଦ୍ରଙ୍କ ଆଲୋକରେ ଆଲୋକିତ ହୋଇ ଉଠୁଛି। ଚତୁର୍ଦ୍ଦିଗ ପ୍ରକାଶମାନ ହୋଇଉଠୁଛି । ତାଙ୍କ କଥା ଶୁଣି ମହର୍ଷି ବଶିଷ୍ଠ କହିଲେ, ନା ଦେବୀ ! ପ୍ରକାଶ ଦେଖିବାର ଅଛି ତ' ମହର୍ଷି ବିଶ୍ୱାମିତ୍ରଙ୍କ ତପସ୍ୟାର ପ୍ରକାଶକୁ ଦେଖ। ଯାହା ଏବେ ତିନି ପୁରରେ ବ୍ୟାପିଯାଇଛି। ମହର୍ଷି ବଶିଷ୍ଠଙ୍କ ଉପମା ଶୁଣି ବିଶ୍ୱାମିତ୍ର ତୁରନ୍ତ ଯାଇ ତାଙ୍କ ପାଦ ତଳେ ପଡ଼ିଗଲେ। ସେ କରିଥିବା ପାପ ପାଇଁ ତାଙ୍କୁ କଠୋରରୁ କଠୋରତମ ଦଣ୍ଡ ଦେବା ଲାଗି ପ୍ରାର୍ଥନା କଲେ। ମହର୍ଷି ବଶିଷ୍ଠ କିନ୍ତୁ ତାଙ୍କୁ କ୍ଷମା ଦେଲେ। ଅନ୍ୟପଟେ ତପଶକ୍ତି ପାଇଁ ତାଙ୍କୁ ବ୍ରହ୍ମର୍ଷି ପଦବୀ ପ୍ରଦାନ କଲେ ।

# ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚି ମୂଷାର ଯୋଗଦାନ

ରାମାୟଣର କଥାବସ୍ତୁ ଅନୁସାରେ ଯେତେବେଳେ ଭଗବାନ ରାମ ମା ସୀତାଙ୍କ ଉଦ୍ଧାର ପାଇଁ ଲଙ୍କରେ ପହଞ୍ଚିବାକୁ ସମୁଦ୍ରରେ ସେତୁବନ୍ଧ ନିର୍ମାଣ କରୁଥିଲେ ମହାବଳୀ



ହନୁମାନଠାରୁ ଆରମ୍ଭ କମରି ପୂରା ବାନର ସେନା ଲାଗି ରହିଥିଲେ । ମହାବୀର ହନୁମାନ ଏବଂ ତାଙ୍କର ପୂରା ବାନର ସେନା ବଡ଼ ବଡ଼ ପଥର ସବୁରେ 'ଶ୍ରୀରାମ' ଲେଖି ନିର୍ମାଣ କାର୍ଯ୍ୟରେ ଲିପ୍ତ ରହିଥିଲେ । ଏହି ସମୟରେ ପ୍ରଭୁ ରାମଚନ୍ଦ୍ରଙ୍କ ଦୃଷ୍ଟି ଏକ ଗୁଣ୍ଡୁଚି ମୂଷା ଉପରେ ପଡ଼ିଲା । ଗୁଣ୍ଡୁଚି ମୂଷାଟି ସମୁଦ୍ର କୂଳରେ ଥିବା ବାଲିରେ ଗଡ଼ି ଯାଉଥିଲା ଏବଂ ଦେହରେ ଲାଗିଥିବା ବାଲିକୁ ପୋଲ ନିର୍ମାଣ ସ୍ଥଳରେ ଝାଡ଼ି ଦେଉଥିଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ଗୁଣ୍ଡୁଚି ମୂଷାଟି ଏହି କାର୍ଯ୍ୟରେ ଲିପ୍ତ ରହିଥିବା ଭଗବାନ ରାମ ଦେଖିବାକୁ ପାଇଲେ । ଗୁଣ୍ଡୁଚି ପାଖକୁ ଯାଇ ଶ୍ରଦ୍ଧାରେ ଗୁଣ୍ଡୁଚି ମୂଷାକୁ ନିଜର ହାତରେ ଉଠାଇ କହିଲେ- ଯେ ତୁମେ କ'ଣ କରୁଛି। ଗୁଣ୍ଡୁଚି ମୂଷାଟି ଭଗବାନ ରାମଙ୍କୁ ପ୍ରଣାମ କଲା ଏବଂ କହିଲା - ମହାବଳୀ ହନୁମାନ ହନୁମାନ ତାଙ୍କର ପୂରା ବାନର ସେନା ବଡ଼ ବଡ଼ ପଥରରେ ଏହି ପୋଲର ନିର୍ମାଣ କରୁଛନ୍ତି । କିନ୍ତୁ ମୁଁ ଛୋଟ ଗୁଣ୍ଡୁଚି ମୂଷାଟିଏ । ତେଣୁ ମୋଦ୍ୱାରା ଯାହା ସମ୍ଭବ ତାହା ମୁଁ କରୁଛି । ଏହି କାମରେ ମୁଁ ମୋର ଏହି ଛୋଟିଆ ଯୋଗଦାନ ଦେବାକୁ ଚାହୁଁଛି । ଭଗବାନ ରାମ ଗୁଣ୍ଡୁଚିର ଏହି ଭାବନାରେ ଅତ୍ୟନ୍ତ ପ୍ରୀତ ହେଲେ ଏବଂ ଶ୍ରଦ୍ଧାରେ ତା ପିଠିକୁ ଆଉଁଶି ଦେଲେ । ସେହିଦିନଠାରୁ ଗୁଣ୍ଡୁଚି ମୂଷା ପିଠିରେ ଭଗବାନ ରାମଙ୍କ ଅଙ୍ଗୁଳି ଚିହ୍ନ ରହିଛି ।

# ଅଗଷ୍ଟ ୩୧ ସୁଦ୍ଧା ୟୁଏଏନ୍ ଜେନେରେଟ୍ କରିବାକୁ ବିଡିଏର ନିବେଦନ

**ଭୁବନେଶ୍ୱର,୩୦।୭ (ମହାଭାରତ):** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ସମସ୍ତ ଆବଂଟନ ପ୍ରାପ୍ତକାରୀଙ୍କୁ ୩୧ ଅଗଷ୍ଟ ସୁଦ୍ଧା ଏକ ୟୁନିକ୍ ଆକାଉଂଟ୍ ନମ୍ବର (ୟୁଏଏନ୍) ଜେନେରେଟ୍ କରିବାକୁ ନିବେଦନ କରାଯାଇଛି। ଏହି ୟୁଏଏନ୍ ବିଭିନ୍ନ ପୂର୍ବ ଓ ପରବର୍ତ୍ତୀ ଆବଂଟନ ସେବା ପାଇଁ ବାଧ୍ୟତାମୂଳକ ରହିବ । ସଂପୃକ୍ତ ସେବାଗୁଡ଼ିକ ମଧ୍ୟରେ ସମ୍ପତି ଆବଂଟନ, ଲିଜ୍ ଡିଡ୍ କାର୍ଯ୍ୟକାରୀ କରିବା, ଋଣ ପାଇଁ ଆପତିମୁକ୍ତ ପ୍ରମାଣପତ୍ର (ଏନଓସି) ପ୍ରାପ୍ତି, ସମ୍ପତି ହସ୍ତାନ୍ତର ଏବଂ ଲିଜ୍‌ହୋଲ୍ଡରୁ ଫ୍ରିହୋଲ୍ଡ ଜମିରେ ପରିବର୍ତନ ଭଳି ସେବା ଅନ୍ତର୍ଭୁକ୍ତ ରହିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି।

ଆବେଦନକାରୀମାନେ ବିଡିଏର ସରକାରୀ ୱେବସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ.ବିଡିଏ.ଜିଓଭି .ଇନ୍ ପରିଦର୍ଶନ କରି ନିଜର ୟୁଏଏନ୍ (ୟୁନିକ୍ ଆକାଉଣ୍ଟ୍ ନମ୍ବର) ତିଆରି କରିପାରିବେ। ଏହି ୟୁନିକ୍ ଆକାଉଣ୍ଟ୍ ନମ୍ବର (ୟୁଏଏନ୍) ଭବିଷ୍ୟତରେ ବିଡିଏ ସହିତ ସମସ୍ତ କାରବାର ଏବଂ ଆବେଦନ ପାଇଁ ଏକ ସ୍ୱତନ୍ତ୍ର ରେଫରେନ୍ସ ନମ୍ବର ଭାବେ କାର୍ଯ୍ୟ କରିବ । ଆବେଦନକାରୀମାନଙ୍କୁ ପଞ୍ଜିକରଣ ପ୍ରକ୍ରିୟା ଏବଂ ସମ୍ବନ୍ଧୀୟ ପ୍ରଶ୍ନରେ ସାହାଯ୍ୟ କରିବା ନିମନ୍ତେ ବିଡିଏ ଏହାର କାର୍ଯ୍ୟାଳୟରେ ଏକ ୟୁଏଏନ୍ ସୁବିଧା କେନ୍ଦ୍ର ସ୍ଥାପନ କରିବ।




ସେହିପରି, ଲିଜ୍ ହୋଲ୍ଡ ସମ୍ପତିକୁ ଫ୍ରିହୋଲ୍ଡ ଜମିରେ ପରିବର୍ତନ କରିବା ପାଇଁ ଚାଲୁଥିବା ପ୍ରକ୍ରିୟାରେ ବିଡିଏ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରିଛି। ଲିଜ୍ ହୋଲ୍ଡରୁ ଫ୍ରିହୋଲ୍ଡ ପରିବର୍ତନ ପାଇଁ ପ୍ରାପ୍ତ ୧,୨୫୦ଟି ଆବେଦନ ମଧ୍ୟରୁ, ବିଡିଏ ଏପର୍ଯ୍ୟନ୍ତ ୭୪୩ଟି ଆବେଦନ ସଫଳତାର ସହିତ ପଞ୍ଜୀକୃତ କରିଛି। ଏଥିମଧ୍ୟରୁ ଉଲ୍ଲେଖନୀୟ ଭାବେ, ଆବେଦନକାରୀ ୮୪୩ଟି ଆବେଦନ ବିଡିଏ ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ଦାଖଲ କରିଛନ୍ତି। ଯାହା ଡିଜିଟାଲ୍ ପ୍ରକ୍ରିୟା ପ୍ରତି ଜନସାଧାରଣଙ୍କ ଆଗ୍ରହକୁ ପ୍ରତିଫଳିତ କରୁଛି ।

ଫ୍ରିହୋଲ୍ଡ ମାନ୍ୟତା ପାଇଁ ଯୋଗ୍ୟ ହେବା ପାଇଁ, ଆବଂଟିତ ବ୍ୟକ୍ତିଙ୍କୁ ନିଜ ପ୍ଲଟରେ ଗୃହ ନିର୍ମାଣ କରି ଅତି କମରେ ପାଞ୍ଚ ବର୍ଷ ଧରି ସେଠାରେ ବସବାସ କରିଥିବା ଆବଶ୍ୟକ। ଏହା ସହ, ପରିବର୍ତନ ପାଇଁ ଆବେଦନ କରିବା ପୂର୍ବରୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସହ ଏକ ବୈଧ ଲିଜ୍ ଡିଡ୍ ହୋଇଥିବା ଜରୁରୀ। ସେହିଭଳି ଏହି ପରିବର୍ତନ କାର୍ଯ୍ୟକ୍ରମ ଅଧୀନରେ ୨୭ଟି ଗୃହ ଯୋଜନା ଅନ୍ତର୍ଭୁକ୍ତ ହୋଇଥିବା ନେଇ ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରମୁଖ ଯୋଜନାଗୁଡ଼ିକ ମଧ୍ୟରେ ପୋଖରୀପୁଟ ପର୍ଯ୍ୟାୟ-୧, ପର୍ଯ୍ୟାୟ-୨ ଏବଂ ପର୍ଯ୍ୟାୟ-୩, ଚନ୍ଦ୍ରଶେଖରପୁରର ପ୍ରାଚୀ ଏନକ୍ଲେଭ, ଲୁମ୍ବିନୀ ବିହାର, ପାତ୍ରପଡ଼ାର ଉଦୟଗିରି ବିହାର ଏବଂ ଭୀମପୁରର ଲିଙ୍ଗରାଜ ବିହାର ଅନ୍ତର୍ଭୁକ୍ତ ରହିଛି। ଆବାସିକ ପ୍ଲଟ୍‌ର ଫ୍ରିହୋଲ୍ଡ ପରିବର୍ତନ ଶୁଳ୍କ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୪ ବର୍ଷ ପାଇଁ ସ୍ଥିର କରାଯାଇଥିବା ଘରୋଇ ଜମିର ସର୍ବଶେଷ ବେଞ୍ଚମାର୍କ ମୂଲ୍ୟାଙ୍କନର ୩% ଧାର୍ଯ୍ୟ କରାଯାଇଛି।

ଏହାଛଡା ଯେଉଁ ଆବେଦନକାରୀଙ୍କ ପ୍ଲଟ୍ ବନ୍ଧକ ରଖାଯାଇଛି, ସେମାନଙ୍କୁ ସମ୍ପୃକ୍ତ ଆର୍ଥିକ ସଂସ୍ଥାରୁ ଏକ ଆପତିମୁକ୍ତ ପ୍ରମାଣପତ୍ର (ଏନଓସି) ଦାଖଲ କରିବାକୁ ହେବ। ଏହା ସହିତ, କୌଣସି ଦେୱାନୀ ବିବାଦ ନ ଥିବା ଏକ ଶପଥପତ୍ର ମଧ୍ୟ ଦାଖଲ କରିବା ଆବଶ୍ୟକ। ଯଦି କୌଣସି ଆଇନଗତ ମାମଲା ବିଚାରାଧୀନ ଥାଏ, ତେବେ କୋର୍ଟ ଚୂଡ଼ାନ୍ତ ରାୟ ପ୍ରଦାନ କରିବା ପରେ ହିଁ ଆବେଦନ ଉପରେ ବିଚାର କରାଯିବ ବୋଲି କୁହାଯାଇଛି। ଏହା ବ୍ୟତୀତ, ଯେଉଁମାନେ ସରକାରୀ, ସାର୍ବଜନୀନ ଉଦ୍ୟୋଗ ବା ବିଡିଏ ଜମି ଉପରେ ଜବରଦଖଲ କରିଛନ୍ତି, ସେମାନେ ଫ୍ରିହୋଲ୍ଡ ପରିବର୍ତନ ପାଇଁ ଯୋଗ୍ୟ ହେବା ନିମନ୍ତେ ପ୍ରଥମେ ଜବରଦଖଲ କରିଥିବା ସମ୍ପତି ଖାଲି କରି ଏ ବାବଦରେ ଏକ ସତ୍ୟପାଠ ଦାଖଲ କରିବା ଆବଶ୍ୟକ। ଅନ୍ୟଥା, ସେମାନେ ଫ୍ରିହୋଲ୍ଡ ପରିବର୍ତନ ପାଇଁ ଅଯୋଗ୍ୟ ହେବେ ବୋଲି ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଭ୍ୟାସ କକ୍ଷ ଉଦଘାଟିତ

**ଭୁବନେଶ୍ୱର,୩୦।୭ (ମହାଭାରତ):** ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ମଧ୍ୟରେ ସାଂସ୍କୃତିକ ସମ୍ପର୍କ ଏବଂ ସୃଜନଶୀଳ ମନୋରଞ୍ଜନକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଆଜି ଏହାର ରେଳମଣ୍ଡଳ ସାଂସ୍କୃତିକ ସଂଗଠନର ରୂପାନ୍ତରଣ କରିଛି। ଏହି ରୂପାନ୍ତରଣରେ ଉଚ୍ଚସ୍ତରୀୟ ଓ ଆଧୁନିକ ସଙ୍ଗୀତ ଉପକରଣ ସହିତ ଏକ ସମ୍ପୂର୍ଣ୍ଣ ସଜ୍ଜିତ ଅଭ୍ୟାସ କକ୍ଷ ଉନ୍ମୋଚିତ ହୋଇଛି । ଏହି ଉତ୍ସର୍ଗୀକୃତ ସ୍ଥାନ କର୍ମଚାରୀ ଏବଂ ସେମାନଙ୍କ ପିଲାମାନଙ୍କୁ



ସେମାନଙ୍କର ଅବସର ସମୟରେ ସଙ୍ଗୀତ ଏବଂ କଳାତ୍ମକ ଆଗ୍ରହକୁ ଅନୁସରଣ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବା ଲକ୍ଷ୍ୟ ରଖିଛି।

ରେଳମଣ୍ଡଳ ସାଂସ୍କୃତିକ ସଂଗଠନର ଏହି ବାଦ୍ୟଯନ୍ତ୍ର ସହିତ ନୂତନ ସଜ୍ଜିତ ଅଭ୍ୟାସ କକ୍ଷ କର୍ମଚାରୀମାନଙ୍କର ସାମଗ୍ରିକ କଲ୍ୟାଣ ବୃଦ୍ଧି କରିବା ଏବଂ ସାଂସ୍କୃତିକ ଭାବନାକୁ ପ୍ରୋତ୍ସାହିତ କରିବାରେ ସାଂସ୍କୃତିକ କାର୍ଯ୍ୟକଳାପର ମହତ୍ୱ ଉପରେ ଗୁରୁତ୍ୱାରୋପ କରିବ ଏବଂ କର୍ମଚାରୀ ଓ ସେମାନଙ୍କ ପରିବାରକୁ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ଏବଂ ସୁବିଧାର ପୂର୍ଣ୍ଣ ଉପଯୋଗ କରିବାକୁ ଉତ୍ସାହିତ କରିବ।

ଏହି ସଂଗଠନର ନେତୃତ୍ୱ ନେବାରେ ସଭାପତି ତଥା ଅତିରିକ୍ତ ଡିଭିଜନାଲ ରେଲୱେ ମ୍ୟାନେଜର (ଭିତ୍ତିଭୂମି) ଶୁଭ୍ରଜ୍ୟୋତି ମଣ୍ଡଳ ଏବଂ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ତଥା ସଂଗଠନର କାର୍ଯ୍ୟନିର୍ବାହୀ ସଚିବ ଭାବରେ ଆର. ଏନ. ଏ. ପରିଡା କାର୍ଯ୍ୟ କରିବେ। ଅନ୍ୟାନ୍ୟ ପଦାଧିକାରୀମାନଙ୍କ ମଧ୍ୟରେ ବରିଷ୍ଠ ଡିଭିଜନାଲ ସାମଗ୍ରୀ ପ୍ରବନ୍ଧକ ଜାଭେଦ ଖାନ ସଚିବ ଭାବରେ; ବିଭାଗୀୟ ବିତ୍ତ ପ୍ରବନ୍ଧକ ଉପାଧ୍ୟାୟ ସତ୍ୟ କୁମାର ଆର ଅର୍ଥ ସଚିବ ଭାବରେ ଏବଂ ସହାୟକ କାର୍ମିକ ଅଧିକାରୀ ଶ୍ରୀମତୀ ତପସ୍ୱିନୀ ମହାନନ୍ଦିଆ ସହାୟକ ସଚିବ ଭାବରେ ଅନ୍ତର୍ଭୁକ୍ତ ଅଛନ୍ତି।

# ନନ୍ଦନକାନନରେ ବାଘ ଦିବସ

**ଭୁବନେଶ୍ୱର,୩୦।୭ (ମହାଭାରତ):** ନନ୍ଦନକାନନରେ ପାଳନ ହୋଇଛି ଆନ୍ତର୍ଜାତିକ ବ୍ୟାଘ୍ର ଦିବସ। ସ୍କୁଲ ଛାତ୍ରଛାତ୍ରୀ ମାନେ କାର୍ଯ୍ୟକ୍ରମରେ ଯୋଗଦେଇ ବ୍ୟାଘ୍ର ସୁରକ୍ଷା ପାଇଁ ସଚେତନତା ବାର୍ତ୍ତା ଗ୍ରହଣ କରିଛନ୍ତି। ଏହା ସହ ବ୍ୟାଘ୍ର ସୁରକ୍ଷାକାରୀଙ୍କୁ ସମ୍ମାନିତ କରାଯାଇଛି। ଛୋଟ ପିଲାଙ୍କ କୁଇଜ୍ ପ୍ରତିଯୋଗିତା ସହ ଦସ୍ତଖତ ଅଭିଯାନରେ ସାମିଲ ହୋଇଥିଲେ।

ଏହା ସହ ଭିଡିଓଗ୍ରାଫି ପ୍ରତିଯୋଗିତା ମଧ୍ୟ ହୋଇଥିଲା। ନନ୍ଦନକାନନରେ ମେଲାନିଷ୍ଟିକ ବାଘର ପ୍ରଜନନ ପାଇଁ ଗୁରୁତ୍ୱ ଦିଆଯାଉଥିବା କହିଛନ୍ତି ସହକାରୀ ବନ ସଂରକ୍ଷକ ଡକ୍ଟର ରୁଦ୍ର ପ୍ରସାଦ ରଥ । ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ୨୦୧୬ରୁ ନନ୍ଦନକାନନରେ ପାଳନ ହୋଇ ଆସୁଛି। ସାରା ଭାରତରେ ଏବେ ୩୭୦୦ ବାଘ ରହିଛନ୍ତି। ଏବେ ନନ୍ଦନକାନନ ରେ ୨୯ଟି ବାଘ ରହିଛନ୍ତି। ୧୯ଟି ସାଧାରଣ ରଙ୍ଗର ବାଘ, ୬ଟି ଧଳା ଓ ୪ଟି ମେଲେନାଷ୍ଟିକ ବାଘ ରହିଛନ୍ତି। ଏଥର ସେଭ ଟାଇଗର ଥିମରେ କାର୍ଯ୍ୟକ୍ରମ ହୋଇଛି । ପ୍ରଜନନ ନନ୍ଦନକାନନରେ ଚାଲିଛି। ପ୍ରତେକ ବର୍ଷ ବାଘ ସଂଖ୍ୟା ବଢୁଛି। ନିକଟସ୍ଥ ଚିଡିଆଖାନାରେ ଏକ୍ସଚେଞ୍ଜ କରାଯାଉଛି। ସେଣ୍ଟର ଜୁ ଅଥରୀଟିଙ୍କ ଠାରୁ ଅନୁମତି ପାଇଲେ ନୂଆ ବାଘ ଆସିବାର ସମ୍ଭାବନା ରହିଛି। ମେଲାନିଷ୍ଟିକ ଟାଇଗର ପ୍ରଜନନ ପାଇଁ ବେଶ ପ୍ରାଧାନ୍ୟ ଦିଆଯାଉଛି ବୋଲି ସହକାରୀ ବନ ସଂରକ୍ଷକ ଡକ୍ଟର ରୁଦ୍ର ପ୍ରସାଦ ରଥ କହିଛନ୍ତି।

# ମହିଳା ୱର୍କଫୋର୍ସକୁ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମ୍ମାନ

**ଭୁବନେଶ୍ୱର,୩୦।୭ (ମହାଭାରତ):** ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍କର୍ଷତା ଓ ଏହାରଅଗ୍ରଣୀ ଭୂମିକା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ମହିଳା ୱର୍କଫୋର୍ସକୁ ଫେମିନା ୱିମେନ୍ ଆଚିଭର୍ସ ୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଛି। ଭାରତର ଅଗ୍ରଣୀ ମହିଳା ଭିତିକ ପ୍ରତ୍ରିକା ଫେମିନା ପକ୍ଷରୁ ଆୟୋଜିତ ଫେମିନା ଆଚିଭର୍ସ ଆୱାର୍ଡ ସମ୍ମାନ, ଓଡ଼ିଶା ୨୦୨୫ ସମ୍ମାନ ପ୍ରଦାନ ଉତ୍ସବରେ ସୋଆର ମହିଳା ୱର୍କଫୋର୍ସକୁ ଦୁଇଟି ସମ୍ମାନ ପ୍ରଦାନ କରାଯାଇଛି।




ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ନେତୃତ୍ୱ ନେଇ ସୋଆର ୱିମେନ୍ ୱର୍କଫୋର୍ସକୁ 'ଏକ୍ସିଲେନ୍ସ ଇନ୍ ଏଜୁକେସ୍‌ନାଲ ଲିଡରସିପ୍' ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସୋଆର ଉପକୁଳପତି ପ୍ରଫେସର ନୀତା ମହାନ୍ତି, କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର ସଂଘମିତ୍ରା ମିଶ୍ର, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ରୁଚି ଭୂୟାଁ, ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତି ତ୍ରିପାଠୀ, ଡିନ୍ ପ୍ରଫେସର ସସ୍ମିତା ଦାସ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର କମ୍ପ୍ୟୁଟର ସାଇନ୍‌ସେସ୍ ବିଭାଗର ମୁଖ୍ୟ ପ୍ରଫେସର ଦେବାହୁତି ମିଶ୍ର, ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟସ ଆଫେୟାର୍ସ) ଆଇଟିଇଆର, ପ୍ରଫେସର ରେଣୁ ଶର୍ମା ଓ ଜାଗୋର ମେଂଟର ପ୍ରଫେସର ଅନୀତା ପଣ୍ଡା ଏହି ସମ୍ମାନ ଗ୍ରହଣ କରିଥିଲେ।

ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍କର୍ଷତା ନେଇ ସୋଆ ଗ୍ରୁପ୍ ଅଫ୍ ହସ୍ପିଟାଲ୍‌ସର ମହିଳା ଶାଖାକୁ 'ଆଉଟଷ୍ଟାଣ୍ଡିଙ୍ଗ କଂଟ୍ରିବ୍ୟୁସନ୍ ଟୁ ୱିମେନ୍ ଏମ୍ପାୱାରମେଂଟ ଇନ୍ ଏଜୁକେସନ ଆଣ୍ଡ ହେଲ୍‌ଥ କେୟାର' ସମ୍ମାନ ପ୍ରଦାନ କରାଯାଇଛି। ସୋଆ ପକ୍ଷରୁ ଚିଫ୍ ଫ୍ୟାସିଲିଟେଟିଙ୍ଗ ଅଫିସର ଶ୍ରୀମତି ପ୍ରତିମା ରାଉତରାୟ, ସୋଆ ଫାର୍ମାସୀ ମୁଖ୍ୟ ଡକ୍ଟର ଜସ୍ମୀନ ପଣ୍ଡା, ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର କ୍ୱାଲିଟି ବିଭାଗର ମୁଖ୍ୟ ପ୍ରଫେସର ଅରୋଲିପି ଦାସ, ବାୟୋମେଡିକାଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଇଂ ମନୋରମା ପରିଡ଼ା, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିଜିଏମ୍ ଶ୍ରୀମତି ପୁଷ୍ପାଞ୍ଜଳୀ ରାଉତ୍, ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ମୀନତି ମିଶ୍ର, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ – ୨ର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି କମଳିନୀ ମଲ୍ଲିକ, ସୋଆ ରେଡିଓର ଇନ୍‌ଚାର୍ଜ ଶ୍ରୀମତି ହନୀ ପଟ୍ଟନାୟକ, ସୋଆ ଫାର୍ମସୀର ପ୍ରଫେସର ସ୍ନିଗ୍ଧା ପଟ୍ଟନାୟକ, ସୋଆ ସ୍କୁଲ୍ ଅଫ୍ ହୋଟେଲ୍ ମ୍ୟାନେଜମେଂଟର ପ୍ରଫେସର ସସ୍ମିତା ମହାନ୍ତି ଓ ପ୍ରଫେସର ସ୍ମିତା ସୁଚରିତା ମହାପାତ୍ର ଏବଂ ସୋଆ ଆଲୁମିନାଇର ସଭାପତି ଡକ୍ଟର ସୁସ୍ମିତା ପଣ୍ଡା ଏହି ସମ୍ମାନ ଗ୍ରହଣ କରିଥିଲେ।

# ମହିଳା ଥିବା ଜାଗାରେ ବିଜେଡି ନେତାଙ୍କୁ ଦୂରେଇ ରଖନ୍ତୁ : ଅଭିଳାଷ

**ଭୁବନେଶ୍ୱର,୩୦।୭ (ମହାଭାରତ):** କଲେଜ୍ କ୍ୟାମ୍ପସକୁ ବିଜେଡି ଯିବା ନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେପି ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା। ସେ କହିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କର ବୟସ ହେଇ ଗଲାଣି। ଲୋକେ ତାଙ୍କୁ ନିର୍ବାଚନରେ ହରାଇଥିଲେ ତଥାପି ଗୋଟେ ସିଟରେ ସେ ଜିତିଛନ୍ତି ହେଲେ ବିଧାନସଭା ଯାଉ ନାହାଁନ୍ତି କିନ୍ତୁ ଦରମା ନେଉଛନ୍ତି। ଆମେ ଅନୁରୋଧ କରୁଛୁ ନବୀନ ପଟ୍ଟନାୟକଙ୍କୁ ଆପଣଙ୍କ ନେତାଙ୍କୁ ଆଉ କ୍ୟାମ୍ପସ ପଠାନ୍ତୁ ନାହିଁ। ଆପଣ ଙ୍କ ନେତା ଦିବ୍ୟ ଶଙ୍କର ମିଶ୍ର ଯାଇଥିଲେ ମହାଲିଙ୍ଗ କଲେଜକୁ। ଯେଉଁଭଳି ଦୁଷ୍କର୍ମ ଆଉ ବଳାତ୍କାର କଲେ ଆଉ ମମିତାକୁ ହତ୍ୟା କଲେ। ସାକ୍ଷୀଙ୍କୁ ଜେଲରେ ହତ୍ୟା କରି ଆତ୍ମହତ୍ୟା ରୂପ ଦେଲେ। କଟକ କ୍ୟାମ୍ପସରେ କଣ ହେଲା। ଆପଣଙ୍କ ନେତା ଅମରେଶ ଜେନା କଣ କରିଛନ୍ତି ଜାଣିଛନ୍ତି ନା ନାହିଁ। ମହିଳା ଥିବା ଜାଗାରେ ଆପଣଙ୍କ ନେତାଙ୍କୁ ଦୂରେଇ ରଖନ୍ତୁ।

# ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସମୀକ୍ଷା

**ଭୁବନେଶ୍ୱର,୩୦।୭ (ମହାଭାରତ):** କୃଷିଭବନ ଅଡିଟୋରିଅମଠାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମତ୍ସ୍ୟ ଅଧିକାରୀମାନଙ୍କର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ୩୦ ଗୋଟି ଜିଲ୍ଲାର ଜିଲ୍ଲା ମତ୍ସ୍ୟ ଅଧିକାରୀ ଯୋଗ ଦେଇଥିଲେ।



ଏଥିରେ ମନ୍ତ୍ରୀ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଯୋଜନା ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା (MMKY) ଏବଂ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (PMMSY) ଅଧୀନରେ କାର୍ଯ୍ୟକ୍ଷମ ସମସ୍ତ ଯୋଜନାର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ହିତାଧିକାରୀଙ୍କଠାରୁ ଦରଖାସ୍ତ ଗ୍ରହଣ କରି ତୁରନ୍ତ କାର୍ଯ୍ୟାଦେଶ (Go-Ahead) ପ୍ରଦାନ କରିବାକୁ ମନ୍ତ୍ରୀ ଜିଲ୍ଲା ମତ୍ସ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ କିସାନ କ୍ରେଡିଟ୍ କାର୍ଡ (କଉଉ), ଭିତ୍ତିଭୂମି ବିକାଶ, ମାଛ ଚାଷୀଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧି ଉପରେ ସବିଶେଷ ସମୀକ୍ଷା କରିଥିଲେ।

ରାଜ୍ୟରେ ଉନ୍ନତ ମାନର ଗୁଣାତ୍ମକ ଯାଆଁଳ ଉତ୍ପାଦନ ଓ ସଠିକ ସମୟରେ ମାଛ ଚାଷୀଙ୍କ ନିକଟରେ ଏହାର ଉପଲବ୍ଧତା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଜଳକୃଷି ବୀମା ନିମନ୍ତେ ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମ (NFDP)ରେ ରେଜିଷ୍ଟ୍ରେସନ ଉପରେ ପ୍ରାଧାନ୍ୟ ଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ସରକାରୀ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ର ଗୁଡିକର ଭିତ୍ତିଭୂମି ବିକାଶ ଉପରେ ଧ୍ୟାନ ଦେବା ନିମନ୍ତେ ଅଗ୍ରାଧିକାର ଦିଆଯାଇଥିଲା। KCC ମାଧ୍ୟମରେ ମାଛ ଚାଷୀଙ୍କୁ ଋଣ ପ୍ରଦାନ ନିମନ୍ତେ ସମସ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ଦରଖାସ୍ତ ସଂଗ୍ରହ କରି ବ୍ୟାଙ୍କକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲାମ୍, ଆପିକଲର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର, ଓ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନବୀନ ପଟ୍ଟନାୟକ ଓ ରାହୁଲ ଗାନ୍ଧୀଙ୍କ କୁଶପୁତଳିକା ଦାହ

**ଭୁବନେଶ୍ୱର,୩୦।୭ (ମହାଭାରତ):** ମହିଳା ସୁରକ୍ଷାକୁ ଆଳ କରି ଗତ କିଛି ଦିନ ହେଲା ଓଡିଶା ବନ୍ଦ, ଘେରାଓ, କ୍ୟାଣ୍ଡେଲ ଶୋଭାଯାତ୍ରା ଜରିଆରେ ଉଭୟ ବିଜେଡି ଓ କଂଗ୍ରେସ ଦଳ କୁମ୍ଭୀର କାନ୍ଦଣା କାନ୍ଦିବାର ଦୃଶ୍ୟ ଓଡିଶାବାସୀ ଦେଖୁଛନ୍ତି । ଅନ୍ୟ ପଟେ ମହିଳା ଦୁଷ୍କର୍ମରେ ଅଭିଯୁକ୍ତ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଏବଂ ବିଏମ୍‌ସି କର୍ପୋରେଟର ତଥା ବିଜେଡି ନେତା ଅମରେଶ ଜେନାଙ୍କ କ୍ଷେତ୍ରରେ ଉଭୟ ଦଳର ମୁଖିଆଙ୍କ ତୁଣ୍ଡି ବନ୍ଦ । ବାସ୍ତବରେ ମହିଳା ସୁରକ୍ଷା ପ୍ରସଙ୍ଗରେ ଉଭୟ ଦଳର ଦୋମୁହାଁ ନୀତି ପଦାରେ ପଡିଛି । ନିଜ ଅସଲ ଚିତ୍ର ଧରାପଡିବା ଭୟରେ ଅତ୍ୟନ୍ତ ନିମ୍ନସ୍ତରକୁ ଯିବା ପାଇଁ ମଧ୍ୟ ପଛାଉ ନାହାନ୍ତି ଉଭୟ ଦଳ । ଏହାର ପ୍ରତିବାଦ କରି ଆଜି ଭୁବନେଶ୍ୱର ଜିଲ୍ଲା ତରଫରୁ ମାଷ୍ଟରକ୍ୟାଂଟିନ ଛକଠାରେ ବିଜେଡି ମୁଖିଆ ନବୀନ ପଟ୍ଟନାୟକ ଏବଂ କଂଗ୍ରେସର ତଥାକଥିତ ମୁଖିଆ ରାହୁଲ ଗାନ୍ଧୀଙ୍କ କୁଶପୁତଳିକା ଦାହ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ରାଜ୍ୟବାସୀଙ୍କ ନିକଟରେ ଉଭୟ ଦଳର ଅସଲ ଚରିତ୍ର, ସ୍ୱଭାବ ଓ ମାନସିକତାକୁ




ମନେ ପକାଇ ଦେବା ପାଇଁ ସମସ୍ତ ଜିଲ୍ଲାରେ ବ୍ୟାପକ ଓ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହେବ ବୋଲି ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର କହିଛନ୍ତି । ମହିଳା ଦୁଷ୍କର୍ମ ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସ ଦଳ ଭିତରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ନିଜ ଶାସନ କାଳର ଅପକର୍ମ ଓ କୁକର୍ମକୁ ଜନମାନସରୁ ଦୂରେଇ ରଖିବା ପାଇଁ ଉଭୟ କଂଗ୍ରେସ ଏବଂ ବିଜେଡି ଦଳ ଅପପ୍ରୟାସ ଆରମ୍ଭ କରିଦେଇଛନ୍ତି । ଏହା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଶ୍ରୀ ମିଶ୍ର କହିଛନ୍ତି। ବିଜେପି ସରକାର ମହିଳାମାନଙ୍କ ପ୍ରତି ସମ୍ବେଦନଶୀଳ ଓ ସମର୍ପିତ ସରକାର। ମହିଳା ସୁରକ୍ଷା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଶକ୍ତ, ଦ୍ୱରିତ ଏବଂ ସଚେତନଧର୍ମୀ ପଦକ୍ଷେପ ଗ୍ରହଣ କରୁଛନ୍ତି । ବର୍ତ୍ତମାନ ବିଜେପି ସରକାରର କଡା ଅଭିମୁଖ୍ୟ ଦେଖି ରାଜ୍ୟର ମାଁ ଓ ଭଉଣୀଙ୍କ ଆତ୍ମବିଶ୍ୱାସ ବଢିଛି । ରାଜ୍ୟର ମାଁ ଓ ଭଉଣୀମାନଙ୍କୁ ନ୍ୟାୟ ଓ ସମ୍ମାନ ଦେବା ପାଇଁ ବିଜେପି ସରକାର ପ୍ରତିଶୃତିବଦ୍ଧ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏହି ବିକ୍ଷୋଭରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ରାଜ୍ୟ ସଂପାଦକ ସରୋଜ କର, ରାଜ୍ୟ ସଂପାଦିକା କସ୍ତୁରୀ ମିଶ୍ର, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡ.ଐଶ୍ୱର୍ଯ୍ୟା ବିଶ୍ୱାଳ, ମହିଳାମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦିକା ରଶ୍ମୀରେଖା ଦାସ, ଭୁବନେଶ୍ୱର ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁବାଷିନୀ ପୃଷ୍ଟିଙ୍କ ସମେତ ଜିଲ୍ଲା ଓ ରାଜ୍ୟର ଅନେକ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ସାତକୋଶିଆ ବାଘ ଶୂନ୍ୟ

**ଭୁବନେଶ୍ୱର,୩୦।୭ (ମହାଭାରତ):** ସାତକୋଶିଆ ବାଘ ଶୂନ୍ୟ ହୋଇଯାଇଛି ବୋଲି କହିଛନ୍ତି ପିସିସିଏଫ୍ ପ୍ରେମ୍ ଝା। ସେ କହିଛନ୍ତି ଯେ ସାତକୋଶିଆକୁ ବର୍ତମାନ କୌଣସି ବାଘ ଆଣିବାକୁ ଯୋଜନା ନାହିଁ। ୫ ବର୍ଷ ପୂର୍ବେ ସାତକୋଶିଆରେ ବାଘ ରହିଥିଲେ, ବର୍ତ୍ତମାନ ଆଉ ବାଘ ନାହାନ୍ତି। ଶିମିଳିପାଳରେ ୨ ପ୍ରକାର ବାଘ ଅଛନ୍ତି, ନର୍ମାଲ ଟାଇଗର ଓ ବ୍ଲାକ୍ ଟାଇଗର। ପ୍ରତି ୪ ବର୍ଷରେ ଥରେ ବାଘ ଗଣନା କରାଯାଉଛି। ଶିମିଳିପାଳରେ ବର୍ତମାନ ବାଘଙ୍କ ସଂଖ୍ୟା ୩୦ ରହିଛି । ଶାବକଙ୍କୁ ୨ବର୍ଷ ହେଲା ପରେ ସେମାନଙ୍କୁ ଗଣନାରେ ସାମିଲ କରାଯିବ ବୋଲି କହିଛନ୍ତି ପିସିସିଏଫ୍। ସେ ଆହୁରି କହିଛନ୍ତି ଶିମିଳିପାଳ ପରେ ଏବେ ଦେବ୍ରିଗଡରେ ଏକ ବାଘ ପ୍ରକଳ୍ପ କରିବା ନେଇ ଯୋଜନା କରୁଛି ବିଭାଗ।

# କୋଟକ ଆକ୍ଟିଭ ମୋମେଣ୍ଟମ୍ ଫଣ୍ଡ୍ ଶୁଭାରମ୍ଭ

**ମୁମ୍ବାଇ,୩୦।୭ (ଏଜେନ୍ସି):** କୋଟକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ ("କେଏମ୍‌ଏଏମ୍‌ସି" / "କୋଟକ ମ୍ୟୁଚୁଆଲ ଫଣ୍ଡ୍") ଗତିଶୀଳତା ବିଷୟକୁ ଅନୁସରଣ କରି ଏକ ଓପନ୍-ଏଣ୍ଡେଡ ଇକ୍ୱିଟି ସ୍କିମ୍ କୋଟକ ଆକ୍ଟିଭ ମୋମେଣ୍ଟମ୍ ଫଣ୍ଡ୍ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ଏହି ଫଣ୍ଡ୍ ଆଭ୍ୟନ୍ତରୀଣ ନିଜସ୍ୱ ମଡେଲରେ ପ୍ରସ୍ତୁତ ଆୟ ଗତିଶୀଳତା ରହିଥିବା ଷ୍ଟକ୍‌ଗୁଡିକୁ ଚିହ୍ନଟ କରି ସୁଯୋଗଗୁଡ଼ିକୁ ଉପଯୋଗ କରିବାକୁ ଲକ୍ଷ୍ୟ ରଖିଛି। ସ୍କିମ୍ ଜନସାଧାରଣଙ୍କ ସବ୍‌ସ୍କ୍ରିପ୍‌ସନ ନିମନ୍ତେ ୨୦୨୫ ଜୁଲାଇ ୨୯ରୁ ୨୦୨୫ ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। ଗତିଶୀଳତା ଆଧାରିତ ପାଣ୍ଠି ନିବେଶ ସାଧାରଣତଃ ମୂଲ୍ୟ ବୃଦ୍ଧି ଘଟୁଥିବା ଷ୍ଟକଗୁଡିକ କ୍ରୟ ଭିତ୍ତିକ ହୋଇଥାଏ, ଯେଉଁଥିରେ ଏହି ଧାରା ଜାରି ରହିବା ଆଶା କରାଯାଏ। ତେବେ ଗତିଶୀଳତା କେବଳ ମୂଲ୍ୟ କ୍ଷେତ୍ରରେ ସୀମିତ ନୁହେଁ। ଆୟକାରୀ ଗତିଶୀଳତା ଉର୍ଦ୍ଧ୍ୱମୁଖୀ ହେଉଥିବା ଏବଂ ଅନୁକୂଳ ଆନାଲିଷ୍ଟ ରେଟିଂ ପ୍ରାପ୍ତ ହେଉଥିବା ଏବଂ ମଜଭୁତ ମୂଳଦୁଆ ସମର୍ଥନ ରହୁଥିବା ଷ୍ଟକଗୁଡିକ ଉପରେ ଦୃଷ୍ଟିନିବଦ୍ଧ କରିଥାଏ। କୋଟକ ଆକ୍ଟିଭ ମୋମେଣ୍ଟମ୍ ଫଣ୍ଡ୍ ଆନାଲିଷ୍ଟମାନଙ୍କର ତାଜା ତଥ୍ୟ ଅଥବା ସକାରାତ୍ମକ ଚକିତ କରିବା ଭଳି ଆୟ ଆଧାରରେ ସେୟାର ପିଛା ବର୍ଦ୍ଧିତ ଆୟ କରୁଥିବା କମ୍ପାନୀ ଗୁଡିକୁ ଲକ୍ଷ୍ୟ ରଖୁଛି। ନିଜସ୍ୱ ମଡେଲ ଆୟ ଏବଂ ବିକ୍ରି କ୍ଷେତ୍ରରେ ଅଭିବୃଦ୍ଧି ସହିତ ଆନାଲିଷ୍ଟଙ୍କ ରେଟିଂକୁ ଉପଯୋଗ କରି ଗତିଶୀଳତାର ମୂଲ୍ୟାୟନ କରିଥାଏ। ନିଲେଶ ଶାହ, ମ୍ୟାନେଜିଂ ଡାଇରେକ୍ଟର, କୋଟକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ କହିଥିଲେ, "ବଜାରଗୁଡିକ ସର୍ବଦା ଆୟ ଉପରେ ନଜର ରଖିଥାନ୍ତି। ଐତିହାସିକ ଦୃଷ୍ଟିରୁ ଆୟ ଉଭୟ ବୁଲ୍ ଏବଂ ବିଅର୍ (ବୃଦ୍ଧି ଓ ହ୍ରାସ) ପର୍ଯ୍ୟାୟଗୁଡିକରେ ମୂଲ୍ୟ ତୁଳନାରେ ଯଥେଷ୍ଟ ଭଲ ପ୍ରଦର୍ଶନ କରିଛି।

# ରାଜଭବନରେ ମହିଳାମାନଙ୍କ ଯୌନ ନିର୍ଯାତନା ନିବାରଣ ଆଇନ ସଚେତନତା

**ଭୁବନେଶ୍ୱର,୩୦।୭ (ମହାଭାରତ):** ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ମଙ୍ଗଳବାର ଦିନ "କର୍ମ କ୍ଷେତ୍ରରେ ମହିଳାମାନଙ୍କ ଯୌନ ନିର୍ଯ୍ୟାତନା (ସୁରକ୍ଷା, ନିବାରଣ ଏବଂ ପ୍ରତିକାର) ଆଇନ – ୨୦୧୩" ସଂପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ରୂପା ରୋଶନ ସାହୁ ଉଦ୍‌ବୋଧନ ଦେଇ ସଚେତନତା ଶିବିର ଆୟୋଜନର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିବା ସହ କର୍ମ କ୍ଷେତ୍ରରେ ସଙ୍କୋଟତା, ସମ୍ମାନ ଓ ବୃିଗତ ଚିନ୍ତାଧାର ବଜାୟ ରଖିବା ଏବଂ କର୍ମକ୍ଷେତ୍ରକୁ ଏକ ନିରାପଦ ଏବଂ ଯେ କୌଣସି ପ୍ରକାରର ନିର୍ଯ୍ୟାତନାରୁ ମୁକ୍ତ



ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତେ ପ୍ରତିବଦ୍ଧତା ଦେଖାଇବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ପ୍ରତ୍ୟେକ ବ୍ୟକ୍ତିଙ୍କ ମର୍ଯ୍ୟାଦା ଏବଂ ଅଧିକାରକୁ ସୁରକ୍ଷା ଦେବା ପାଇଁ ପ୍ରଣୀତ ପୋଷ ଆଇନ (କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ନିର୍ଯ୍ୟାତନା ନିବାରଣ ଆଇନ) ପାରସ୍ପରିକ ସମ୍ମାନ ଏବଂ ଉତର ଦାୟିତ୍ୱର ସଂସ୍କୃତିକୁ ସୁନିଶ୍ଚିତ କରିବା ପାଇଁ ସାମୁହିକ ଅଭିଯାନରେ ମୂଳଦୂଆଭାବେ କାର୍ଯ୍ୟ କରେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ଏପରି ଏକ କର୍ମକ୍ଷେତ୍ର ସୃଷ୍ଟି କରିବା ପାଇଁ ଆମର ଅଟଳ ପ୍ରତିବଦ୍ଧତାର ନିଦର୍ଶନ, ଯେଉଁଠାରେ ପ୍ରତ୍ୟେକ ମହିଳା କର୍ମଚାରୀ ନିଜ କର୍ମ କ୍ଷେତ୍ରରେ ସୁରକ୍ଷିତ ଏବଂ ସଶକ୍ତ ଅନୁଭବ କରିବେ। ଯେକୌଣସି ପ୍ରକାରର ଯୌନ ନିର୍ଯ୍ୟାତନା ସମାନତା ଏବଂ ମାନବିକ ମର୍ଯ୍ୟାଦା ନୀତିର ଅପମାନ ବୋଲି କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ସାହୁ କହିବା ସହ ସତର୍କତା ଏବଂ ସଂକଳ୍ପର ସହ ଏପରି ଆଚରଣକୁ ରୋକିବା ଏବଂ ସମାଧାନ କରିବା ସମସ୍ତଙ୍କର ମିଳିତ କର୍ତବ୍ୟ ହେଉ ବୋଲି କହିଥିଲେ। ରାଜଭବନରେ ଏପରି ସଚେତନତା କାର୍ଯ୍ୟକ୍ରମ କର୍ମକ୍ଷେତ୍ର ପ୍ରତି ଆମର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରିବ ଯେଉଁଠାରେ ମର୍ଯ୍ୟାଦା ଏବଂ ବୃତିଗତ ଚିନ୍ତାଧାରା ପ୍ରତିଫଳିତ ହେବ ବୋଲି କହିଥିଲେ।ଶିବିରରେ ସାଧନ ବ୍ୟକ୍ତିଭାବେ ଯୋଗଦେଇ ପୋଲିସ୍ କମିଶନରେଟର ଆଇ.ଟି ଏବଂ ସୋସିଆଲ ମିଡିଆ ସେଲ୍ ଏସିପି ସୁଚିସ୍ମିତା ଦାସ ପାୱାର ପଏଂଟ୍ ପ୍ରେଜେଂଟେସନ ମାଧ୍ୟମରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ନିର୍ଯ୍ୟାତନା ନିବାରଣ ଆଇନ୍ ସଂପର୍କରେ ବିଶଦଭାବେ ଅବଗତି କରାଇଥିଲେ।

# ସ୍ୱଦେଶୀ ସାମଗ୍ରୀକୁ ପ୍ରାଧାନ୍ୟ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିରକ୍ଷା ସାମଗ୍ରୀ କ୍ରୟ ସଂକ୍ରାନ୍ତୀୟ ଉଚ୍ଚସ୍ତରୀୟ କମିଟି ୭୦ହଜାର ୫୦୦ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହା ମଧ୍ୟରେ ଅତ୍ୟାଧୁନୀକ ଗନଠାରୁ ଆରମ୍ଭ କରୁ ସୁପରସୋନିକ ମିଶାଇଲ ପର୍ଯ୍ୟନ୍ତ ଅନେକ ୱିପନ ସିଷ୍ଟମ ରହିଛି। ଏହା ଉଭୟ ସ୍ଥଳସେନା ଏବଂ ନୌସେନାରେ ବ୍ୟବହୃତ ହେବ। ଏହା ଫଳରେ ଭାରତୀୟ ସେନା କେବଳ ସଶକ୍ତ ହେବ ନାହିଁ, ଦେଶର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଶିଳ୍ପ ମଧ୍ୟ ସମୃଦ୍ଧ ହେବ। କାରଣ ପ୍ରସ୍ତାବିତ ୭୦ ହଜାର କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ମଧ୍ୟରୁ ୯୫ ପ୍ରତିଶତ ସ୍ୱଦେଶୀ ସଂସ୍ଥାରୁ କ୍ରୟ କରାଯିବ। ଏହାକୁ ମିଶାଇ ଚଳିତ ଆର୍ଥିକ ବର୍ଷରେ ଅନୁମୋଦିତ ପ୍ରତିରକ୍ଷା ସାମଗ୍ରୀ କ୍ରୟ ପରିମାଣ ୨ ଲକ୍ଷ କୋଟି ଟଙ୍କାକୁ ଟପିଛି। ସ୍ୱଦେଶୀ ସାମଗ୍ରୀ କ୍ରୟ ଫଳରେ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ବାବଦ ବ୍ୟୟ ହ୍ରାସ ପାଇବା ସହିତ ଭାରତ ଏହାକୁ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବ। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ଏକ ବହୁତ ବଡ଼ ସଫଳତା। ଏହା ଦ୍ୱାରା ସୁରକ୍ଷା ବ୍ୟବସ୍ଥା କେବଳ ସୁଦୃଢ଼ ହେବ ନି, ପ୍ରତିରକ୍ଷା ଶିଳ୍ପ ମଧ୍ୟ ସମୃଦ୍ଧ ହୋଇପାରିବ। ଭାରତ ଚାରିପଟେ ଚୀନ ଓ ପାକିସ୍ତାନ ଭଳି ଶକ୍ତିଶାଳୀ ଶତ୍ରୁ ରହିଛନ୍ତି। ସେମାନଙ୍କ ସହିତ ଭାରତର ଯୁଦ୍ଧ ସମ୍ଭାବନା ସବୁ ବେଳେ ରହିଛି। ତେଣୁ ଭାରତକୁ ସବୁ ବେଳେ ବିପୁଳ ଅର୍ଥ ପ୍ରତିରକ୍ଷା ବ୍ୟବସ୍ଥା ଲାଗି ବ୍ୟୟ କରିବାକୁ ପଡୁଛି। କିନ୍ତୁ ବିଦେଶରୁ ଲଢୁଆ ବିମାନ, ସବମେରିନ ଓ ମିସାଇଲ ସିଷ୍ଟମ ଆଣି ଭାରତ ଶକ୍ତିଶାଳୀ ଚୀନର ମୁକାବିଲା କରିପାରିବ ନାହିଁ। ଏଥିଲାଗି ଭାରତକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ନିଜକୁ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ ଓ ଲଢୁଆ ବିମାନ ପ୍ରସ୍ତୁତ କରିବାକୁ ପଡ଼ିବ। ଏହା ଦ୍ୱାରା ଆମେ ବିଦେଶକୁ ଏହା ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବା, ସାମରିକ କ୍ଷେତ୍ରରେ ଶକ୍ତିଶାଳୀ ହୋଇପାରିବା ଏବଂ ଚୀନ ଓ ପାକିସ୍ତାନର ମିଳିତ ମୁକାବିଲା କରିପାରିବା। ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଏନଡିଏ ସରକାର ଆସିବା ପରେ ପ୍ରତିରକ୍ଷା କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ଭାରତ ପ୍ରୟାସ କରିଆସୁଛି। ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ ଓ କ୍ଷେପଣାସ୍ତ୍ର ପ୍ରସ୍ତୁତ ହେଉଛି। ଏହାକୁ ଆହୁରି ତ୍ୱରାନ୍ୱିତ କରିବାକୁ ପଡ଼ିବ। ଆଗାମୀ ୫ ବର୍ଷ ଭିତରେ ଭାରତ ସରକାର ୫ଲକ୍ଷ କୋଟି ଟଙ୍କାର ସ୍ୱଦେଶୀ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଯୋଜନା କରିଛନ୍ତି। ଏହା ମେକ ଇନ ଇଣ୍ଡିଆ ଅଭିଯାନର ଏକ ମାଇଲଖୁଣ୍ଟ ହେବ। ଏହା ଦ୍ୱାରା ଭାରତର ପ୍ରତିରକ୍ଷା ଶିଳ୍ପ ସମୃଦ୍ଧ ହେବା ସହିତ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ପାଇବେ ଏବଂ ଭାରତକୁ ଆଉ ଅସ୍ତ୍ରଶସ୍ତ୍ର ଲାଗି ଆମେରିକା ବା ଋଷିଆ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ସେହିପରି ୭୦ ପ୍ରତିଶତ ସ୍ୱଦେଶୀ ଜ୍ଞାନ କୌଶଳରେ ଆଇଏନଏସ ବିକ୍ରାନ୍ତ ପ୍ରସ୍ତୁତ ହୋଇଛି। ଏହା ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାର ଏକ ମାଇଲଖୁଣ୍ଟ । ଯଦି ଏହି ପ୍ରକ୍ରିୟା ଜାରି ରହେ ତେବେ ଆଗାମୀ ୨୦ ବର୍ଷ ଭିତରେ ଭାରତ ସାମରିକ ଦୃଷ୍ଟିରୁ ଏକ ବିରାଟ ଶକ୍ତିଭାବେ ଉଭା ହେବ, ଏଥିରେ ସନ୍ଦେହ ନାହିଁ। କେବଳ ପ୍ରତିରକ୍ଷା କ୍ଷେତ୍ରରେ ନୁହେଁ, ସବୁ କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହେବା ଉଚିତ। ବିଶେଷ କରି କୃଷି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପାଇଁ ସୁଯୋଗ ରହିଛି। କିନ୍ତୁ ଉଦ୍ୟମ ନାହିଁ। ଯଦି ଏବେଠାରୁ ଏଥିପାଇଁ ଯୋଜନାବଦ୍ଧ ଉଦ୍ୟମ କରାଯାଏ ତେବେ ଏହାର ସୁଫଳ ମିଳିବାକୁ ୧୦ ବର୍ଷ ଲାଗିଯିବ।

# ଏକ ମୁକ୍ତାହାର

॥ ଅନୀତା ପଟ୍ଟନାୟକ ॥

“ ଦ୍ୱାଦଶରେ ଶୁଭଶ୍ରୀ କହିଲା ‘ତୁମେ ଯେତିକି କରିବାକୁ ସମର୍ଥ ତା ଠାରୁ କମ କରିବା ହେଉଛି ଚୋରି’, ତ୍ରୟୋଦଶରେ ମଞ୍ଜୁଶ୍ରୀର ଉକ୍ତି ଥିଲା ‘ସୁଖ କହିଲେ ଶୁଭକଥା ବାର୍ତ୍ତା, ଶୁଭଚିନ୍ତା ଓ ଶୁଭକର୍ମକୁ ବୁଝାଏ’, ଚତୁର୍ଦ୍ଦଶରେ ଶ୍ରଦ୍ଧାଞ୍ଜଳୀ ଏହି ଉକ୍ତିଟି ମନେରଖିଥିଲା ‘ସାଧକର ବହୁତ ମଙ୍ଗଳ ହୁଏ ଯେତେବେଳେ ସେ ଆପଣାର ଭୁଲକୁ ସ୍ୱୀକାର କରେ ଓ ଅନ୍ୟର ଭୁଲ ଖୋଜିବାକୁ ଚେଷ୍ଟା କରେନାହିଁ।’

ସେ ଦିନ ତାଙ୍କର ଜନ୍ମଦିନ ଥିଲା। ମୁଁ ଓ ମୋ ସହିତ ଆଉ ଛତିଶ ଜଣ ବାନ୍ଧବୀ ଏକାଠି ହୋଇ ପ୍ରଶାନ୍ତି ନିଳୟମ ଯାତ୍ରା କରିଥିଲୁ। ଆନ୍ଧ୍ରପ୍ରଦେଶ ଅନନ୍ତପୁର ଜିଲ୍ଲାର ଏକ କ୍ଷୁଦ୍ର ପୁଟ୍ଟପର୍ତ୍ତି ଗ୍ରାମରେ ଆମେ ପହଞ୍ଚିଲୁ। ଶୁଣିବାକୁ ପାଇଲୁ ସତ୍ୟସାଇ ବାବା ଦିବ୍ୟସମ୍ଭାଷଣ ଆଜି ସନ୍ଧ୍ୟା ସମୟରେ ପ୍ରଦାନ କରିବେ। ତାଙ୍କର ଦର୍ଶନ, ସ୍ପର୍ଶ ଓ ସମ୍ଭାଷଣ ଖୁବ ମନମୁଗ୍ଧକର। ଦର୍ଶନ ଓ ପାଦ ପ୍ରଣାମର ସୌଭାଗ୍ୟ ଲାଭ କରି ମୁଁ ଓ ମୋର ବାନ୍ଧବୀମାନେ ଉପଲବ୍ଧି କରିଥିଲୁ ଯେ ସତ୍ୟସାଇ ବାବା ଅବତାରୀ ପୁରୁଷ। ସେ ଦିନ ଆମେ ସ୍ଥିର କରିଥିଲୁ ତାଙ୍କର ସମ୍ଭାଷଣ ଆମେ ଶୁଣିବା; ଓ ସେ କହୁଥିବା ବାଣୀକୁ ଜଣେ ଜଣେ ମନେ ରଖିବା ଓ ତାହାକୁ ଦିନେ ଏକାଠି ଲିପିବଦ୍ଧ କରି ରଖିବା। ମତେ ବାନ୍ଧବୀମାନେ ସେହି ଲିପିବଦ୍ଧ ଉପଦେଶଗୁଡ଼ିକର ଉପକ୍ରମ ଲେଖିବାର ଦାୟିତ୍ୱ ଦେଇଥିଲେ। ତାଙ୍କର ବାଣୀକୁ ଆଧାର କରି ଏହି ଉପକ୍ରମଟି ଲେଖୁଛି।

ସେ କୁହନ୍ତି ସମୟର ଅତନ୍ଦ୍ର ନିଦ୍ରାରେ ତୁମେ ଅଚେତନ। ତୁଚ୍ଛକର୍ମ, ହୀନଚିନ୍ତାରେ ପରିପୂର୍ଣ୍ଣ ତୁମ ଜୀବନ ଖାତାର ହିସାବ ପୃଷ୍ଠାପରେ ପୃଷ୍ଠା ତୁମର କାମନା ବାସନା କଳଙ୍କିତ କରି ଚାଲିଛି। ତୁମେ ଜାଣିଚ, ସ୍ୱପ୍ନର ସେପାରି ନିଦ୍ରାର ଅତୀତରେ ଏକ ସୁଖମୟ ରାଜ୍ୟ ରହିଛି। ତୁମର ଅଜ୍ଞତାରେ ଜାଗ୍ରତ ଓ ଚେତନାର ଊର୍ଦ୍ଧ୍ୱରେ ଏକ ସ୍ୱର୍ଗାତୀତ ଭୂମି ରହିଛି ଯାହାର ନାମ ପ୍ରଶାନ୍ତି। ମୁଁ ବାଟବଣାଙ୍କୁ ପରିତ୍ରାଣ କରିବା ପାଇଁ ଆସିଛି। ନିର୍ବୋଧ ଅହଂକାରରେ ପୂର୍ଣ୍ଣଚିତ୍ତରେ କଣ୍ଟାବୁଦାରେ କଳ୍ପନାର ଭୂତଖୋଜି ବୁଲୁଛି। ଘନ ଅନ୍ଧକାରରେ ଆଖିରେ ପୁଟୁଳି ବାନ୍ଧି ଜନ୍ମ ମୃତ୍ୟୁ ଗର୍ଭରେ ବାରମ୍ବାର ପଡ଼ି ତୁମେ ପରାଜି, ବିଖଣ୍ଡିତ ଦୁର୍ଗତିର ଶିକାର ହୋଇ ଆର୍ତ୍ତନାଦ କରୁଛ। ମୁଁ ଆସିଛି ତୁମକୁ ଆରୋଗ୍ୟ କରିବା ପାଇଁ। ତୁଚ୍ଛ ସ୍ୱାର୍ଥ-ବାତୁଳତା। ଦୀନହୀନ କ୍ଷଣିକ ପ୍ରୀତି ବଡ଼ପଣ ବଡ଼ଲୋକ, ଛୋଟ ଛୋଟ ପ୍ରେମ ଘୃଣା ଏ ସବୁ ପିଲାଖେଳ ଏସବୁର ମୁକ୍ତି ଦେବା ପାଇଁ।

ଟ୍ରେନରେ ଫେରୁଥିବା ସମୟରେ ଭଗବାନ ସତ୍ୟସାଇଙ୍କ ଠାରୁ ଆହରଣ କରିଥିବା ତାଙ୍କର ବାଣୀକୁ ଏକାଠି କରିବାକୁ ଚେଷ୍ଟା କଲୁ। ବାନ୍ଧବୀମାନେ ଯେ ଯାହା ରାସ୍ତାରେ ଚାଲିଗଲେ। କିନ୍ତୁ ସେ ମୁକ୍ତାଗୁଡ଼ିକୁ ମୁଁ ଲିପିବଦ୍ଧ କରି ରଖିଛି। ସେଥିରେ ଏକ ସୁନ୍ଦରହାର ହୋଇ ପାରୁଛି। ସେହି ମୁକ୍ତାର ହାରକୁ ମୁଁ ଆଜି ତାଙ୍କର ପାଦପଦ୍ମରେ ଅର୍ପଣ କରୁଛି।

ପ୍ରଥମ ମୁକ୍ତ - କୀର୍ତ୍ତିପଦ୍ମା ମନେରଖି ମତେ କହିଥିଲା ‘ଈଶ୍ୱରଙ୍କ ଠାରେ ପହଞ୍ଚିବାର ରାଜମାର୍ଗ ହେଉଛି ସଦାଚାର’। ହିରଣମୟୀ ମନେରଖିଥିବା ଦ୍ୱିତୀୟ ମୁକ୍ତାଟି ‘ସଂସାରକୁ ଜିଣିବା ଲୋକକୁ ବୀର କୁହାଯା, କିନ୍ତୁ ନିଜକୁ ଜିଣିଥିବା ଲୋକଙ୍କୁ ମହାବୀର କୁହାଯାଏ’, ତୃତୀୟ ବାନ୍ଧବୀ ସାଗ୍ନିକା ମନେରଖିଥିଲା ‘ସତ୍ୟର ରାସ୍ତା ଈଶ୍ୱରଙ୍କ ପାଖକୁ ଅସତ୍ୟର ରାସ୍ତା ରାକ୍ଷାସ ପାଖକୁ’, ଚତୁର୍ଥ ବାନ୍ଧବୀ ପୁଷ୍ପାଞ୍ଜଳୀ ମନେରଖି କହିଥିଲା ‘ଈଶ୍ୱରଙ୍କର ଅନୁଗ୍ରହ ପାଇବାର ପ୍ରଥମ ପଦକ୍ଷେପ ହେଉଛି ବିଶ୍ୱାସ’, ପଞ୍ଚମ ବାନ୍ଧବୀ ଉର୍ବୀ କହିଥିଲା ‘ଧୈର୍ଯ୍ୟଶୀଳତା ସାଧକର ସର୍ବୋତ୍ତମ ଉପକାରର ପନ୍ଥା’, ଷଷ୍ଠ ବାନ୍ଧବୀ ରାଧା କହିଥିଲା ‘ପ୍ରତ୍ୟେକ କର୍ମକୁ ଆତ୍ମଦୃଷ୍ଟି ଓ ପରମାତ୍ମାଙ୍କୁ ପାଇବା ପାଇଁ କରିଚାଲ’, ସପ୍ତମ ବାନ୍ଧବୀ ଲୋପାମୁଦ୍ରା କହିଥିଲା ‘ଈଶ୍ୱରଙ୍କ ସର୍ବମୟତା ଉପରେ ବିଶ୍ୱାସ କର। ସବୁ ନାମ ତାଙ୍କର ସବୁ ରୂପ ତାଙ୍କର’। ଅଷ୍ଟମରେ ପ୍ରୀୟମ୍ବଦା ମନେରଖିଥିବା କଥାଟିକୁ କହିଲା ‘ଯେ ନିଶ୍ଚଳ ଜ୍ଞାନର ଅଧିକାରୀ ସେ ସଦାସର୍ବଦା ଈଶ୍ୱରଙ୍କର ନିକଟତମ ହୋଇ ତାଙ୍କ ସନ୍ନିଧିରେ ବାସ କରେ’, ନବମରେ ସତ୍ୟରୂପା ସେ ଦିନର ସମ୍ଭାଷଣକୁ ଉଦ୍ଧାର କରି କହିଲା ‘ସହଜାତ ପ୍ରବୃତ୍ତିରୁ ମୁକ୍ତ ହେବାକୁ ପ୍ରକୃତ ମୁକ୍ତି କୁହାଯାଏ’, ଦଶମରେ ସାଇସୁଧା ବକ୍ତବ୍ୟ ରଖିଲା ‘କର୍ମଫଳ ତ୍ୟାଗ କରିଥିବା ବ୍ୟକ୍ତିର କର୍ମ ହିଁ ସମାଧି’, ଏକାଦଶରେ ଦେବଶ୍ରୀର ଉକ୍ତି ଥିଲା ‘ତୁମେ ଯେତିକି କରିବାକୁ ସମର୍ଥ ତାଠାରୁ ଅଧିକ କରିବାକୁ ବାହାରି ପଡ଼ିବା ହିଁ ଭାଣ୍ଡାମି’।

ଦ୍ୱାଦଶରେ ଶୁଭଶ୍ରୀ କହିଲା ‘ତୁମେ ଯେତିକି କରିବାକୁ ସମର୍ଥ ତା ଠାରୁ କମ କରିବା ହେଉଛି ଚୋରି’, ତ୍ରୟୋଦଶରେ ମଞ୍ଜୁଶ୍ରୀର ଉକ୍ତି ଥିଲା ‘ସୁଖ କହିଲେ ଶୁଭକଥା ବାର୍ତ୍ତା, ଶୁଭଚିନ୍ତା ଓ ଶୁଭକର୍ମକୁ ବୁଝାଏ’, ଚତୁର୍ଦ୍ଦଶରେ ଶ୍ରଦ୍ଧାଞ୍ଜଳୀ ଏହି ଉକ୍ତିଟି ମନେରଖିଥିଲା ‘ସାଧକର ବହୁତ ମଙ୍ଗଳ ହୁଏ ଯେତେବେଳେ ସେ ଆପଣାର ଭୁଲକୁ ସ୍ୱୀକାର କରେ ଓ ଅନ୍ୟର ଭୁଲ ଖୋଜିବାକୁ ଚେଷ୍ଟା କରେନାହିଁ।’ ପଞ୍ଚଦଶରେ ମୋନାଲିସା ମନେରଖିଥିଲା ‘ସାଧକର ଲକ୍ଷ୍ୟପ୍ରାପ୍ତି ପାଇଁ ଶାନ୍ତ ଓ ଆଶ୍ୱସନଭରା କଥା ଅପରିହାର୍ଯ୍ୟ’, ଷୋଡ଼ଶ ଉକ୍ତିଟି ମଧୁଲିତାର ଥିଲା ‘ଜିଭ ମିଠାଥିଲେ ଲୋକ ତୁମ ନାମକୁ ବି ଦଣ୍ଡବତ କରିବେ’, ସପ୍ତଦଶ ଉକ୍ତିଟି ମନେରଖିଥିଲା ଅଞ୍ଜଳୀ - ‘ଜିଭ ବୋଲ ମାନିଲେ ସାରା ସଂସାର ବୋଲମାନେ’, ଅଷ୍ଟଦଶ ଅମୃତବାଣୀକୁ ମନେରଖିଥିଲା ରଞ୍ଜନା ‘ହରିଙ୍କ ଆଦେଶ ଯେ ମାନେ ସେ ଯୋଗୀ ଯେ ନ ମାନେ ସେ ରୋଗୀ’, ଉଣିଶତମ ଉକ୍ତି ଥିଲା ପ୍ରତିଶୃତିର ‘ହୃଦୟ ସହ ହୃଦୟ ବାନ୍ଧି ହୋଇଗଲେ ତର୍କ ବିତର୍କ ରହେନାହିଁ’, ବିଂଶ ଉକ୍ତିଟିଥିଲା ପ୍ରତ୍ୟାଶାର ‘ଅଶୁଦ୍ଧ ଖାଦ୍ୟ ମନୁଷ୍ୟକୁ ଅଶୁଦ୍ଧ କରିଦିଏ, ଧର୍ମର ସୂର୍ଯ୍ୟକୁ ଉଦିତ ହେବାକୁ ଦିଏନାହିଁ’। ଏକବିଂଶ ଅମୃତ ବାଣୀକୁ ମନେରଖି ଶତରୂପା କହିଲା ‘ମୁକ୍ତି ପାଇଁ ଅନ୍ୟବାଟ ଖୋଜିଲେ କିପରି ହେବ ଅଖଣ୍ଡ ଆନନ୍ଦର ଭାବନା ହରି ଭାବନା ହୃଦୟରେ ରଖିବାକୁ ହେବ’, ଦ୍ୱାବିଂଶ ଉକ୍ତି ମନେ ରଖିଥିଲା ଦୀପ୍ତିମୟୀ ‘ବାଦ ବିବାଦର ବୋଝକୁ ଫିଙ୍ଗି ବିଶ୍ୱାସ ଓ କର୍ମର ତୁମକୁ ଈଶ୍ୱର ଲାଭରେ ସାହାଯ୍ୟ କରିବ’, ତ୍ରୟୋବିଂଶ ଉକ୍ତିକୁ କହିଥିଲା ସୁଧା ‘ଆଧ୍ୟାତ୍ମିକ ସାଧନାକୁ ନିଷ୍ଫଳ କରିଦେବ ଫଳ ପାଇବାର ବ୍ୟାକୁଳତା’, ଚର୍ତୁବିଂଶ ଅମୃତବାଣୀକୁ ମନେ ରଖିଥିଲା ପଦ୍ମଶ୍ରୀ ‘ମନବୁଦ୍ଧି ଶରୀର ଧ୍ୱଂସ ପାଇଲେ ହେଁ ଅବିନଶ୍ୱର ଆତ୍ମାର ଅନିଷ୍ଟ ହୋଇନଥାଏ’। ପଞ୍ଚବିଂଶ ବାଣୀଟିଥିଲା ପଲ୍ଲିଶ୍ରୀର ‘ଶରୀର ଆମର ସ୍ୱରୂପ ନୁହେଁ, ତାର କ୍ଷୟ ମୃତ୍ୟୁ ଅଟେ। ନର, ନାରାୟଣ ପାଲଟିବାର ପ୍ରଥମ ପାହାଚ ହେଉଛି ମୁଁ ବୋଲି ଯାହାକୁ କହୁଛ ତାହା ଶରୀର ନୁହେଁ ପରମାତ୍ମା ଏହାକୁ ଉପଲବ୍ଧି କରିବା ହେଉଛି ସାଧନା, ତପସ୍ୟା’, ଷଡ଼ବିଂଶ ଉକ୍ତିକୁ ସ୍ମରଣ କରି ମଞ୍ଜୁଶ୍ରୀ କହିଲା ‘ଯେଉଁଠାରେ ହରିନାମର ମଧୁର ଧ୍ୱନୀ ଓ ସୁଗନ୍ଧଥାଏ ତାହାକୁ ବୈକୁଣ୍ଠ କୁହାଯାଏ’, ସପ୍ତବିଂଶ ଉକ୍ତି ଥିଲା ଇତିଶ୍ରୀର ‘ଗୋରୁର ଚମଡ଼ାରେ ଜୋତା ଚପଲ କରାଯାଏ, ମନୁଷ୍ୟ ଚମଡ଼ା କୌଣସି କାମରେ ଲାଗେ ନାହିଁ। କିନ୍ତୁ ମନୁଷ୍ୟ ପବିତ୍ର କର୍ମ ସଂପାଦନ କଲେ ଦେବତ୍ୱ ଲାଭ କରିବ’। ଅଷ୍ଟବିଂଶ ମଧୁରବାଣୀକୁ ମନେରଖି ସ୍ମରଣ କରି ଜ୍ୟୋର୍ତିମୟୀ କହିଲା ‘ସଂସାର ସ୍ନେହଭରା ଘର ପାଲଟି ଯିବା ଦରକାର। ନିଜକୁ ଶ୍ରଦ୍ଧା କରେ, ତାପରେ ଗାଁ ନଗରୀକୁ ଶ୍ରଦ୍ଧା କରେ, ତାପରେ ଜିଲ୍ଲା, ଦେଶ ଓ ସାରା ସଂସାରକୁ ଶ୍ରଦ୍ଧାକର ଦେଖିବ ଏହା ସମ୍ଭବ ହୋଇପାରିବ’, ଅଣତିରିଶତମ ଉକ୍ତି ଥିଲା ନନ୍ଦିନୀର ‘ଅନ୍ୟମାନଙ୍କ ଠାରୁ ତୁମେ ଯେଉଁ ସମ୍ମାନ ଆଶା କରୁଛ ତୁମେ ପ୍ରଥମେ ତାହା ଅନ୍ୟମାନଙ୍କୁ ଦେଖାଅ। ଦେଖିବ ତୁମର ମଙ୍ଗଳ ହେବ’, ତ୍ରିଂଶ ଉକ୍ତି ଥିଲା ସୁଷମାର ‘ଯାହା ଜାଣି ନାହିଁ ତାହା ମାନିଯାଅ। ଛଳନାକରି ଅଜ୍ଞତାକୁ ଘୋଡ଼ାଅ ନାହିଁ, ଏହା ଅଧ୍ୟାତ୍ମିକ ସାଧନାରେ ବାଧା ସୃଷ୍ଟି କରେ’। ଏକ ତ୍ରିଂଶ ଉକ୍ତି ପ୍ରତିଭାର ଥିଲା ‘ମନର ବିକାର ଉପରେ ଅଧିକାର ହାସଲ କଲେ ବ୍ରହ୍ମକୁ ବୁଝିହୁଏ ମନରେ ବ୍ରହ୍ମସତ୍ୟ ଆସିଲେ ଦୁଃଖ ଶୋକର ଅନ୍ତ ଘଟେ। ଆତ୍ମାନନ୍ଦ ପାଇଁ ସଂସାରମାୟାକୁ ଦୂର କରିହେବ’, ଦ୍ୱାତ୍ରିଂଶ ଉକ୍ତି ଥିଲା ଭାରତୀର ‘ତୁମେ ବୀର ଓ ବୁଦ୍ଧିମାନ ହୋଇଥିଲେ ବି ଈଶ୍ୱରଙ୍କ କୃପା ବିନା ଦାସ ପାଲଟିଯିବ’, ତେତିଶତମ ଉକ୍ତି ଦକ୍ଷାର ଥିଲା ‘ଯେ ସମସ୍ତଙ୍କୁ ସେବାକରେ, ପ୍ରେମ କରେ ହରି ତାଙ୍କୁ ଗୌରବ ମଣ୍ଡିତ କରିଥାନ୍ତି’। ଚଉତିରିଶତମ ଉକ୍ତିଟିକୁ ସ୍ମରଣ କରି ତୁଳସୀ କହିଲା ‘ପକ୍ଷୀ ରାତିରେ ଗଛ ଡାଳରେ ବିଶ୍ରାମ କରେ ଓ ସୂର୍ଯ୍ୟ ଉଦିତ ହେଲେ କୁଆଡ଼େ ଚାଲିଯାଏ, ସେହିପରି ପତ୍ନୀ, ସନ୍ତାନ, ଧନ, ସଂପତ୍ତି କୌଣସି ଖବର ନ ଦେଇ ଚାଲିଯାଆନ୍ତି ତେଣୁ ଶାଶ୍ୱତ ପରମାତ୍ମାଙ୍କୁ ପାଇବା ପାଇଁ ଧ୍ୟାନକର’। ପଞ୍ଚତିରିଶ ଉକ୍ତିକୁ କହିଥିଲା ବିଶ୍ୱବାରା ‘ଗ୍ରନ୍ଥ ପଢ଼ି କି ଲାଭ ଯଦି ତାହା ପାଳନ ନ ହୁଏ ଯାହାକି ବିଦ୍ୟାର ମାପକାଠି। ସେପରି ଲୋକ ଜଣେ ଡିଗ୍ରୀଧାରୀ ମୂର୍ଖ’। ଇନ୍ଦିରାର ଛତିଶତମ ମୁକ୍ତାଥିଲା ‘ନିଜର ସୁଖ, ଶାନ୍ତି ପାଇଁ ଯେତିକି ଲାଗିଛୁ ଅନ୍ୟର ସୁଖ ଶାନ୍ତି ପାଇଁ ସେତିକି ଚେଷ୍ଟାକର ଏହା ହିଁ ପ୍ରକୃତ ଦେବତ୍ୱ’। ସେ ଦିନର ସଫଳତମ ଯାତ୍ରା ଆଜି ବି ମନେପଡ଼େ। ସେଥି ନିମନ୍ତେ ତାଙ୍କର ଜନ୍ମ ଦିବସରେ ପ୍ରଶାନ୍ତି ଓ ଭଗବାନ ସତ୍ୟସାଇ ବାବାଙ୍କ ନିକଟରେ ଶତକୋଟି ପ୍ରଣାମ।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦,
ସିଡିଏ, କଟକ
ଦୂରଭାଷ : ୯୬୯୨୯୮୦୦୨୬

# ହୁଅନ୍ତୁ ପିଲାର ବନ୍ଧୁ

॥ ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

ବର୍ତ୍ତମାନର ମୋବାଇଲଧରା ବ୍ୟସ୍ତ ସମୟ ଭିତରେ ଆପଣଙ୍କ ପିଲା ଏକା ଏକା ରହିବାକୁ ଚେଷ୍ଟା କରୁଛି କି? ବେଳେ ବେଳେ ଚୁପଚାପ, ଉଦାସ ଏହିପରି ମନୋଭାବ ତାର ଦେଖୁଛନ୍ତି କି? ସ୍କୁଲ ଖୁବ ହେଲେ ଘର ଏହାରି ଭିତରେ ସେ ନିଜକୁ ବାନ୍ଧି ରଖିବା ପାଇଁ ଚେଷ୍ଟା କରୁଛି କି? ଯଦି ହିଁ ତେବେ ଏହା ଅବୁଝା ନୁହେଁ ଯେ ସେ ନିଜର ବନ୍ଧୁଟିଏ ପାଇପାରୁନାହିଁ ଖୁସି, ସୁଖ, ଆନନ୍ଦକୁ ବାଣ୍ଟିବା ପାଇଁ। ତେବେପ ଏହାକୁ ଛୋଟିଆ କଥା ଭାବନ୍ତୁ ନାହିଁ। ଏହା ନିଶ୍ଚିନ୍ତ ଭାବେ ବଡ଼ କଥା। କାରଣ ଏହା ପିଲାର ଶାରୀରିକ, ବୌଦ୍ଧିକ ଓ ସାମାଜିକ ଅଭିବୃଦ୍ଧିର ବାଧକ ନିଶ୍ଚୟ। ଏହିପରି ଉଦାସ ରହୁଥିବା ପିଲାଙ୍କ ହାବଭାବ ପରବର୍ତ୍ତୀ ସମୟ ପାଇଁ ଭଲ ହୋଇନଥାଏ। କାରଣ ପିଲାଟି ତାର ଜଣେ ବନ୍ଧୁ ପାଇଲେ ପ୍ରଥମତଃ ଏକଲାପଣକୁ ଦୂରେଇ ପାରିବ ଦ୍ୱିତୀୟତଃ ତା ମନକଥା ବାଣ୍ଟିପାରିବ ଆଉ ନିଜ ଜୀବନକୁ ନେଇ ସେ ଖୁବ ଖୁସିରେ ଆଗେଇ ପାରିବ ମଧ୍ୟ। ବର୍ତ୍ତମାନର ସମୟରେ ଅନେକ ପିଲା ବାହାରକୁ ନଯାଇପାରି ପ୍ରାୟତଃ ଅନେକ ସମୟ ଘର ଭିତରେ ଏକ ପ୍ରକାର ଆବଦ୍ଧ ହୋଇ ରହୁଥିବାରୁ, ପିଲାଟିର ମାନସିକ, ଶାରୀରିକ ଓ ବୌଦ୍ଧିକ ସ୍ଥିତି ସମ୍ପର୍କରେ ଅନେକ ବାପାମାଆ ଅଜଣା ଥାଆନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି କୋମଳମତି ପିଲାଟିର ମନକୁ ବୁଝି ତା'ପାଇଁ କିଛି ସମୟ କାଢ଼ିଲେ ତାର କଅଁଳ ମନ ଆସନ୍ତା କାଲିର ଏକ ଉଜ୍ଜ୍ୱଳ ସମାଜ ପାଇଁ କ୍ଷେତ୍ର ଯେ ସୃଷ୍ଟି ନକରିପାରିବ ତାହା କିଏ ବା ନ କହିବ? ଅନେକ ସମୟରେ ପାରିବାରିକ ଝଡ଼ଝଞ୍ଜା, ବାପା-ମାଆ ବା ଆତ୍ମୀୟ ସ୍ୱଜନଙ୍କ ଭିତରେ ମନାନ୍ତର, ମତାନ୍ତର ଏପରି ଅଘଟଣ ପିଲାମାନଙ୍କୁ ଯଥେଷ୍ଟ ଆଘାତ ଦେଇଥାଏ।

ଶିଶୁ ନିଷ୍ପାପ ଚକ୍ଷୁଯୁଗଳରେ ଲୁଚି ରହିଥାଏ ଆଗାମୀ ଭବିଷ୍ୟତର ଗୁଚ୍ଛଗୁଚ୍ଛ ସ୍ୱପ୍ନ । ମନରେ ଅନାବନା ଅନେକ ପ୍ରଶ୍ନ, କିଏ କ'ଣ କାହିଁକି, କିପରି - କିଏ ବା ସମର୍ଥ ହେବ ସେ ପ୍ରଶ୍ନମାନଙ୍କର ଉତ୍ତର ଦେବାକୁ । ସାଂପ୍ରଦାୟିକତା, ଜାତିଗତ ବିଦ୍ୱେଷ, ଅନ୍ଧ ପରମ୍ପରା ଓ ପ୍ରଦୂଷିତ ପରିବେଶ ଭିତରେ ଅହରହ ଜୀବନ ପାଇଁ ସଂଗ୍ରାମ କରୁଥିବା ସାଧାରଣ ମଣିଷ କ'ଣ ଜିତିପାରିବ ଶିଶୁମାନଙ୍କର ଚଳଚଞ୍ଚଳ ମନ ଓ ଚିନ୍ତାଧାରାକୁ । ଜୀବନର ପ୍ରାରମ୍ଭରୁ ଶିଶୁ, ପ୍ରକୃତି, ସମାଜ ଓ ପରିବେଶ ସହିତ ଓତଃପ୍ରୋତଃ ଭାବରେ ଜଡ଼ିତ ଥାଏ । ତାର, ଭାଷା, ବ୍ୟବହାର, ଚାଲିଚଳଣୀ ଓ ସଦାଚାର ଶିକ୍ଷା କରିଥାଏ ପରିବାରରୁ ବିଶେଷତଃ ସମାଜ ତଥା ପରିବେଷ୍ଟିନୀ ମାନଙ୍କ ଠାରୁ । ଗ୍ରାମାଞ୍ଚଳର ଶିଶୁଟିଏ ଶିକ୍ଷିତ ପରିବାର ଶିଶୁଠାରୁ ନିଶ୍ଚୟ ପୃଥକ ଓ ଭିନ୍ନ ଗୁଣର କେବଳ ପରିବେଶ ପାଇଁ । ଉପଯୁକ୍ତ ପରିବେଶ ଶିଶୁଟିକୁ ଉପଯୁକ୍ତ ମଣିଷ କରି ଗଢ଼ିତୋଳେ - ଏହା ନିରାଟ ସତ୍ୟ । ତେବେ ଶିଶୁ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ହେଲେ ଆବଶ୍ୟକ ଉପଯୁକ୍ତ ଶିକ୍ଷାର ପ୍ରସାର । ସହରାଞ୍ଚଳ ଶିଶୁମାନଙ୍କ ଠାରୁ ପ୍ରାରମ୍ଭ କରି ଗ୍ରାମାଞ୍ଚଳର ଶିଶୁମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ କିପରି ଉପଯୁକ୍ତ ଭାଷା, ଶିକ୍ଷା ଓ ଜ୍ଞାନ ପହଞ୍ଚିପାରିବ ସେଥିପାଇଁ ସମାଜ ଓ ସରକାର ସଚେତନ ହେବା ଉଚିତ । ପ୍ରତ୍ୟେକ ପରିବାର ନିଜ ନିଜ ଶିଶୁଙ୍କର ଜ୍ଞାନ ବୃଦ୍ଧି, ଚାଲିଚଳଣୀ ଓ ସୁବ୍ୟବହାର ପ୍ରତି ନଜର ଦେବା ସହ ସେମାନଙ୍କର ଜ୍ଞାନର ବିକାଶ କିପରି ସମ୍ଭବ ହେବ, ସେଥିପାଇଁ ତତ୍ପରତା ପ୍ରକାଶ କରିବା ଆବଶ୍ୟକ। ପିଲାମାନଙ୍କର ସାମାଜିକ ବ୍ୟବହାର ଉପରେ ଧ୍ୟାନ ଦେଇ ତାର ମନ ଭିତରର ଲାଜକୁଳା ଗୁଣକୁ ପ୍ରଥମତଃ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ସେହିପରି ପିଲାମାନଙ୍କୁ ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେବା ମିଳାମିଶା କରିବା ସର୍ବୋପରି ନିଜର ସମସ୍ୟା ଜଣାଇବା ଏହିପରି ଗୁଣକୁ ଶିଖାନ୍ତୁ। ମନେରଖନ୍ତୁ ପିଲାମାନଙ୍କୁ କେବେ ସେମାନଙ୍କର ଭାଇଭଉଣୀ ହୁଅନ୍ତୁ ବା ପଡ଼ୋଶୀ କିମ୍ବାର ସେମାନଙ୍କର କ୍ଲାସମେଟ କସ୍ମିନ କାଳେ ତୁଳନା କରନ୍ତୁ ନାହିଁ। ଏପରିକି ନିଜ ପିଲାଦିନର କୌଣସି ଘଟଣା କହି ପିଲାମାନଙ୍କ ଭିତରେ ତୁଳନାର ଚିତ୍ର ଦିଅନ୍ତୁ ନାହିଁ। ଏହା ଅପେକ୍ଷା ତାକୁ ବେଶ ସ୍ୱାଭାବିକ ଓ ଖୋଲା ହୃଦୟର ଶିଖାନ୍ତୁ। ବନ୍ଧୁ ତିଆରି କରିବା, ନିଜ ସୁଖଦୁଃଖ ବାଣ୍ଟିବା, ସମସ୍ତଙ୍କ ସହିତ ମିଳିମିଶି ସଦଭାବର ସହ ବଞ୍ଚିବା ଏହି କଳା ହିଁ ପିଲାଟିକୁ ଶିକ୍ଷା ଦିଅନ୍ତୁ।

ପିଲାଟିର ବାପା-ମାଆ ସେମାନଙ୍କର ରୋଲ ମଡ଼େଲ ହୁଅନ୍ତୁ। ସବୁବେଳେ ପିଲାମାନଙ୍କ ସାମ୍ନାରେ ନିଜେ ବେଶ ଖୋଲା ଭାବେ ସମୟ ବିତାନ୍ତୁ। ପିଲାଟି ସାମାଜିକ ଭାବେ କାହା ସହିତ ନ ମିଶି ପାରୁଥିଲେ ତାକୁ ମନସ୍ତାତ୍ତ୍ୱିକ ଭାବେ ପ୍ରେରଣା ଦେଇ ତାର ସହପାଠୀ ବା ବନ୍ଧୁ ମାନଙ୍କ ସହ ମିଶିବାର ସୁଯୋଗ ସୃଷ୍ଟି କରନ୍ତୁ। ଅନେକ ବାପା-ମାଆ ନିଜେ ଚୁପ ଚାପ ସ୍ୱଭାବର ହୋଇଥିବାରୁ ପିଲାମାନେ ଜନ୍ମରୁ ପ୍ରାୟତଃ ସେହି ଗୁଣକୁ ଆଦରି ଥାଆନ୍ତି। ତେଣୁ ପିଲାମାନଙ୍କୁ ସମୟ ଦିଅନ୍ତୁ କେବଳ ମୋବାଇଲ, ପଇସା ବା ତାଙ୍କ ଆବଶ୍ୟକତା ଯୋଗାଇ ଦେଲେ ଆପଣ ପିଲାର କେବେ ହେଲେ ବନ୍ଧୁ ହୋଇପାରିବେ ନାହିଁ କାରଣ ଛୋଟ ପିଲାଟି ଭିତରେ ଅନେକ ପ୍ରଶ୍ନ, ଅନେକ ଘଟଣାର ଉତ୍ତର ସେ ଖୋଜିଥାଏ। ଏପରି କ୍ଷେତ୍ରରେ ସେ ଜଣେ ନିଶ୍ଚିନ୍ତ ଓ ସତ ପରାମର୍ଶ ପାଉଥିବା ବନ୍ଧୁଟି ଆବଶ୍ୟକ କରିଥାଏ ଯେଉଁ କାର୍ଯ୍ୟଟି ବା ତାର ପ୍ରଥମ ବନ୍ଧୁ ଭାବେ ତା ମାଆ ବାପା ରହିବେ। ଆଉ ଗୋଟିଏ ବଡ଼ କଥା ମନେରଖନ୍ତୁ, ଅନେକ ସମୟରେ ଶିଶୁ ଅବାଧ ହେଲେ ଆମେ ତାକୁ ବିଭିନ୍ନ ଭୟ ଦେଖାଇଥାଉ, ଏହାଫଳରେ ତା'ଉପରେ ମାନସିକ ଚାପ ପଡ଼ିଥାଏ । ଫଳରେ ଅନେକ ସମୟରେ ଶିଶୁ କୌଣସି କାର୍ଯ୍ୟ କରିବା ପୂର୍ବରୁ ନିଜର ସାହାସ ହରାଇ ବସେ । ସେହିପରି ପିଲା ଭୁଲ୍ କରି ବସିଲେ ଆମେ ତାକୁ ମାଡ଼ ଦେଉ ଓ ଆଉ ଭୁଲ୍ ନକରିବା ପାଇଁ ନିର୍ଦ୍ଦେଶ ଦେଉ । ତାଦ୍ୱାରା ପିଲା ଭୁଲ୍ କରେନି ସତ କିନ୍ତୁ ସେ ଆଉ ଠିକ୍ କରିବା ପାଇଁ ମଧ ଅଗ୍ରସର ହୁଏନାହିଁ ମନରେ ରହିଯାଏ ଭୟ ଆଶଙ୍କା । ଏପରି ନକରି ପିଲାକୁ ନିର୍ଦ୍ଦିଷ୍ଟ ବିଷୟ ଉପରେ ତନ୍ନ ତନ୍ନ କରି ବାରମ୍ବାର ବୁଝାଇବା ଦରକାର । ଶିଶୁର ମନ ଚଳଚଞ୍ଚଳ ସେ ଯାହା କରି ବସେ ତାହା ଭୁଲ କି ଠିକ୍ ସେ ଚିନ୍ତା କରିନଥାଏ । ଅନୁକରଣ ପ୍ରୀୟ ହୋଇଥିବାରୁ ଯାହା ସମାଜରୁ ଗ୍ରହଣ କରେ ତାହା ନିଜପାରୁ ପର୍ଯ୍ୟନ୍ତ ସେ କରିବାକୁ ସକ୍ଷମ ହୋଇଥାଏ । ପରିବେଶର ପ୍ରଭାବ ତା ଉପରେ ଚାପ ସ୍ୱରୂପ ଲଦି ହୋଇପଡ଼େ । ଆପଣ କେବେ ଭୁଲିଯାଆନ୍ତୁ ନାହିଁ ପିଲାଟି ହେଉଛି ଆପଣଙ୍କର ପ୍ରତୀକ। ଆପଣଙ୍କର ଶାରୀରିକ ଓ ମାନସିକ ପ୍ରତିଫଳନର ସେ ଚିତ୍ର। ତେଣୁ ପିଲାଟି ଦିନରୁ ହିଁ ତାକୁ ସତ୍ ଶିକ୍ଷା ଓ ସତ୍ ପରାମର୍ଶ ଦେବା ସହ ଉତ୍ତମ ଜୀବନ ଗଢ଼ିବା ନିଜ ପଡ଼ୋଶୀ, ସମାଜ ଓ ରାଷ୍ଟ୍ର ପାଇଁ ନିଜ ଉତ୍ତମ ସେବା ମନୋଭାବ ସୃଷ୍ଟି କରାଇବାର ପ୍ରାଥମିକ ଦାୟିତ୍ୱ ବାପା ମାଆଙ୍କର। ବାପାମାଆ ମାନେ ନିଜେ ଆଗେ ସଦଗୁଣର ଅନୁଶୀଳ କରି ପିଲାମାନଙ୍କୁ ସେହି ରାସ୍ତାରେ ଆଗେଇ ନେଲେ ପିଲାମାନେ ଉତ୍ତମ ବନ୍ଧୁ ପାଇପାରିବେ ଆଉ ଉତ୍ତମ ଜୀବନ ସେମାନଙ୍କ ଜୀବନ ଅଭିବୃଦ୍ଧି ବିକାଶର ଆଲୋକବର୍ତ୍ତିକା ସାଜିବ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪

# ଜ୍ୟେଷ୍ଠ ପୁତ୍ର ଓ ପୃଥିବୀ ମାଆ

॥ ଅଜୟ କୁମାର ବେହେରା ॥

ବସୁମତୀ, ଅନେକ ମାଆଙ୍କ ଭିତରୁ ଜଣେ ଦେବୀ ମାଆ। ପୃଥିବୀ ମାଆ ହିଁ ବସୁମତୀ ମାଆ। ତାଙ୍କର ପ୍ରଥମ ସନ୍ତାନ ହେଉଛି ସାଗର। ଯେ ମହାଦାମ୍ଭିମ ଓ ଗର୍ବୀ। ପୁଣି ତାଙ୍କ ଠାରୁ କେହି କ୍ଷେତ୍ରବଳୀ ନାହାଁନ୍ତି। କ୍ଷେତ୍ରର ଅଧିଶ୍ୱରମାନେ ଜମିଦାର ଏଥିରେ ସବୁଠାରୁ ବଡ଼ ଜମିଦାରୀରେ ସାଗର, ସପ୍ତସମୁଦ୍ରଙ୍କର ନାମ ରହିଛି। ରସାତଳ କୁହନ୍ତୁ ପାତାଳ କୁହନ୍ତୁ ଆଉ ପୃଥିବୀର ସର୍ବତ୍ର ନିଶ୍ଚେ ଭୂମି ଅଛି। ପାତାଳ ମାନେ ନିମ୍ନ ସ୍ଥାନ ପାଦତଳ, ରସାତଳ ମାନେ ରସର ତଳ ଏଠାରେ ଜଳକୁ ଆଧାର କରିଥିବା ମାଟି। ସମୁଦ୍ର ପତନ କହିଲେ ସମୁଦ୍ରର ଜଳ ଶୂନ୍ୟସ୍ଥାନରୁ ଉପରରୁ ଉପରୁ ଉଠିଥିବା ସ୍ଥାନ।

ଏହି ସମୁଦ୍ର ସାଗର ମହାରୁ ଉପ ପର୍ଯ୍ୟନ୍ତତ ଅନେକ ନାମକରଣ ହେଲେ ମୋଟ ଧରିଲେ ସାଗର। ଏଇ ସାଗର ପୃଥି ମାତାଙ୍କର ପ୍ରଥମ ସନ୍ତାନ। ପୃଥିମାତାଙ୍କର ବ୍ୟାପକ ଭୂ ସମ୍ପତ୍ତି ଗର୍ଭରେ ଅନେକ ମୂଲ୍ୟବାନ ଖଣିଜ ପଦାର୍ଥ, ଗ୍ୟାସ ରହିଛି। ସବୁ ମାଆଙ୍କ ପରି ପୃଥି ମାଆ ତାଙ୍କ ପିଲାଙ୍କ ପାଇଁ ମାଟିତଳେ ପିଲାଙ୍କ ଭବିଷ୍ୟତ ପାଇଁ ଦ୍ରବ୍ୟ ରଖିଛନ୍ତି। ହେଲେ ଏସବୁ ଗୋପନ ଧନୁକୁ ଜୁଲମ କରି ଭୟଦେଖାଇ ଛଡ଼ାଇ ନେଇଛନ୍ତି ସାଗର। କୁହାଯାଏ ତିନିଭାଗ ଜଳ ଏକ ଭାଗ ମାଟି ପୃଥିବୀରେ ରହିଛି। ମାଆ ବସୁମତୀ ସନ୍ତାପରେ ସମୟ କାଟୁଛନ୍ତି। ସାଗରରେ ତୋର ପର ଭାଇଭଉଣୀଙ୍କ ପାଇଁ ମୁଁ କଣ ସମ୍ପତ୍ତି ଦେବୀ ତୁ ଏତେ ନେ ନା। ହେଲେ ସାଗରଙ୍କର ଜିଦ ଦାବୀରେ ଆହୁରି ନେବେ, ସମୁଦ୍ରଙ୍କୁ ଅର୍ଥ ତୃଷ୍ଣା ଛାଡୁନାହିଁ।

ମାଆଙ୍କର ମନ କଥାରୁ ଅନୁମାନ କରି ସାଗର କହୁଛନ୍ତି ମାଆ ମୁଁ ଅମର ହେଲେ ପରେ ପରେ ଯେ ଜନ୍ମ ସେମାନେ ମର। ସେମାନେ କଣ ପରମାୟୁ ମୋରି ପରି ପାଇଛନ୍ତି କି? କି ପାଇବେ କି? ସେମାନେ ବଂଶ ବୃଦ୍ଧି କଲେ ବି ସେ ବଂଶ ବି ସମୟୋନୁସାରେ କ୍ଷୟ ହେବ ହେଲେ ମୁଁ ଅକ୍ଷୟ। ମୁଁ ତୋ ଥିବା ଯାଏ ତୋର ସେବା କରିବି ସେମାନେ ଏପରି ଭରଷାଶୀଳ ନୁହଁ। ସନ୍ତାନ ମାୟା ସବୁ ସ୍ତ୍ରୀଲୋକଙ୍କର ଅଛି। ଏଥିରୁ ଆଦି ମାତାଙ୍କର କେମିତି ନରହିବ? ଦେବୀ ମାଆ ଜ୍ୟେଷ୍ଠପୁତ୍ର ଦ୍ୱାରା ସଦା ଚାପରେ ତପରେ ସାଗର ସର୍ବଦା ତଟରେ ଭୟଙ୍କର ଭାବରେ ପିଟି ହୋଇ ମାଟିକୁ ତା ଆଡ଼କୁ ଭିଡ଼ି ନେଉଛି। ଦେବୀ ମାଆଙ୍କର କ୍ରନ୍ଦନ ନିତ୍ୟ ଠାକୁରେ ଶୁଣ ଶୁଣ ଏହାର ପ୍ରତିକାର କର। ଭଗବାନ ଶୁଣିଲେ ସାଗର ତ୍ରାସ ଜନ୍ମ ନେଲେ। ତାଙ୍କ ନାମ ଅଗସ୍ତ୍ୟ। ଲୋକେ ତାଙ୍କୁ ଅଗସ୍ତି କହୁଛନ୍ତି। ଦିବ୍ୟ ବ୍ରାହ୍ମଣ ମହାତେଜସ୍ୱୀ ସ୍ଥିରଚେତ ଦୃଢ଼ ଧୈର୍ଯ୍ୟର ସେ ଜୀବନ୍ତ ରୂପ। ସେ ଏପରି ସାଧନ ବ୍ରତୀ ହେଲେ ସମୁଦ୍ର ଜଳକୁ ମନ୍ତ୍ରପୁତ କରି ଗୁଣ୍ଡୁଷେ ଜଳରେ ନିଶେଷ କରିଦେଲେ।

ଏବେ ସାଗର ଜାଣିଲେ ନରଙ୍କ ମଧରେ ବି ଏମିତି ବ୍ୟକ୍ତି ଆସିଲେ ଯେ ଅମାପ ଜଳକୁ ନିଶେଷ କରିଦେଲେ। ଏଇ ସାଗର ପ୍ରତ୍ୟକ୍ଷରେ ନହେଲେ ବି ପରୋକ୍ଷରେ ବର୍ଷାର କାରଣ ସାଗରରେ ଜଳ ନରହିଲେ ଜୀବଜଗତ ବୃକ୍ଷଲତା କେହି ବଞ୍ଚି ପାରିବେ ନାହିଁ। ଏପାଇଁ ଅଗସ୍ତି ଦେବ ଋଷ ଅନୁରୋଧରେ ସାଗରଙ୍କୁ ମୁଖରୁ ପୁଣି କାଢ଼ିଦେଲେ। ଏ ସାଗର ଜଳ ବ୍ରାହ୍ମଣ ଅଇଣ୍ଠା ଏ ତୀର୍ଥଜଳରେ ଆସେ ମାତ୍ର ଗଙ୍ଗା ଯମୁନା ଗୋମତୀ ନର୍ମଦା ଜଳ ପରି ପବିତ୍ର ନୁହଁନ୍ତି। ପୃଥିମାତାଙ୍କ ଆଶ୍ୱାସନା ମିଳିଲା ଯେ ସାଗରକୁ ତ୍ରାସ ଏମିତି ବି ତାଙ୍କର ପିଲା ଜଣେ ଜନ୍ମ ନେଇଛି। ସାଗରଙ୍କ ଡର ହେଲା ସେ ତାଙ୍କର ସ୍ଥିତି ପରିସୀମା ବୁଝିଗଲେ। ସେ ବି ବଡ଼ଭାଇ ନାମ ମଣିଷଙ୍କ ପାଇଁ କରିଚାଲିଛନ୍ତି। ସାଗର ନଥିଲେ ଅନେକ ଅସୁବିଧା ସଂସାରରେ ହୁଅନ୍ତା। ମାଆ ଖୁସି ତାଙ୍କର ପୁଅମାନେ ଏମିତି ହେବେ ଏକଥା ସେ ସଦା ସେ ବ ଚାଲିଲେ। ସାଗରରେ ତରୀ ଗଲାଣି, ପୋତ, ଜାହାଜ କେତେ କଣ? ସାଗର ବଡ଼ଭାଇ କମାରେ ବି ଅଛନ୍ତି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ତ୍ରି-ଦିବସୀୟ ଓଡ଼ିଶୀ ନୃତ୍ୟର କର୍ମଶାଳା ଉଦଯାପିତ



ପାରଳାଖେମୁଣ୍ଡି (ମହାଭାରତ): କଳା ଓ ସଂସ୍କୃତିର ନଗରୀ ପାରଳାଖେମୁଣ୍ଡି ସ୍ଥିତ ନୃତ୍ୟାନୁଷ୍ଠାନ ଶ୍ରୀ ଜଗଗାଥ ଓଡ଼ିଶୀ କଳା କେନ୍ଦ୍ରରେ ତ୍ରି-ଦିବସୀୟ ଓଡ଼ିଶୀ ନୃତ୍ୟର କର୍ମଶାଳା ଉଦଯାପିତ ହୋଇଯାଇଛି। ଉକ୍ତ ଅବସରରେ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ଗୁରୁ ଡକ୍ଟର ଗଜେନ୍ଦ୍ର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ନୃତ୍ୟାନୁଷ୍ଠାନର ୨୫ ଜଣ ଛାତ୍ରୀ ଭାଗ ନେଇ ନୃତ୍ୟ ନାଟିକା ଶିକ୍ଷା ଲାଭ କରିଛନ୍ତି।କର୍ମଶାଳାର ତ୍ରି-ଦିବସରେ ପରମ୍ପରାନୁଯାୟୀ ଗୁରୁ ପୂଜନରୁ ଆରମ୍ଭ କରାଯାଇ ଓଡ଼ିଶୀ ନୃତ୍ୟର ତଥ୍ୟାତ୍ମକ ଜ୍ଞାନ ସହ ନୃତ୍ୟର ବିଭିନ୍ନ ଭଙ୍ଗୀ , ତାଳ ଏବଂ ନୃତ୍ୟନାଟିକା ଶିକ୍ଷା ଦେଇଥିଲେ।

## ୧୯ ବର୍ଷ ପରେ ଖୋଲିଲା ଦବୁନୟ ସୟକ୍ରୟଡିହି ଓଏମ ସି ଖଣି

ଯୋଡ଼ା(ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ୍ ଅନ୍ତର୍ଗତ ବଡକାଳୀ ମାଟି ଗ୍ରାମପଞ୍ଚାୟତ ରେ ଥିବା ତଥା ଯୋଡା ଖଣି ମଣ୍ଡଳ ରେ ବନ୍ଦ ହୋଇ ପଡ଼ି ରହିଥିବା ଦବୁନ। ସାକ୍ରାଡିହୀ ଲୌହ ଓ ମାଙ୍ଗାନିଜ ଖଣି ଖୋଲିଛି । ସୋମବାର ଠାରୁ ଖଣିରୁ ଲୁହାପଥର ପରିବହନ ଆରମ୍ଭ କରାଯାଇଛି ।ଓଡ଼ିଶା ଖଣି ନିଗମର ବଡ଼ବିଲ ଆଁଚଳିକ ଅଧିକାରୀ ଅବନିକାନ୍ତ ପ୍ରଧାନ ଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ,ଓଡ଼ିଶା ସରକାର ଙ୍କ ଓଏମସି ଅଧୀନରେ ଏହି ଖଣି ଟି ରହିଥିଲା ।ବିଭିନ୍ନ ବୈଧାନିକ କାରଣ ଓ ତତ୍କାଳୀନ ସରକାରଙ୍କ ଅପାରଗତା କାରଣରୁ ଖଣି ଟି ୨୦୦୬ ମସିହାରୁ ବନ୍ଦ ରହିଥିଲା । ଶ୍ରମିକ ନେତା ମହେଶ୍ୱର ରାଉତ କହିଛନ୍ତି ଯେ,ଉକ୍ତ ଖଣିରେ ୫୦୦ ରୁ ଉର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟ ହରା ହୋଇଥିଲେ ।ଖଣି ଚାଲୁ କରିବା ପାଇଁ ବିଭିନ୍ନ ଶ୍ରମିକ ସଂଗଠନ, ସ୍ଥାନୀୟ ବଡକାଳୀମାଟି ଗ୍ରାମପଞ୍ଚାୟତ ବାସୀ ଦୀର୍ଘ ବର୍ଷ ଧରି ଦାବି କରି ଆସୁଥିଲେ ହେଁ ତତ୍କାଳୀନ ସରକାର ଶୁଣି ନ ଥିଲା ।ଓଏମ ସି ର ଏହି ଖଣି ରେ ଉନ୍ନତ ମାନର ଲୁହାପଥର ଯାହାକି ଶତକଡା ୬୨ ଗ୍ରେଡ ଲୌହଂଶ ବା ଏଫ୍‌ଇ ଅଂଶ ବିଶେଷ ଥାଏ । ଏକ ଲାଭଜନକ ଖଣି ହୋଇ ଥିବାରୁ ଏହାକୁ ବେସରକାରୀ ସଂସ୍ଥା ହାତେଇବା ପାଇଁ ଚେଷ୍ଟା କରିଥିଲେ ।ତେବେ ଏହି ଖଣି ଟି ଚାଲୁ ହେବାରୁ ମୁଖ୍ୟତଃ ରାଜ୍ୟ ରେ ଥିବା ଇସ୍ପାତ କାରଖାନା ଗୁଡ଼ିକ ସଠିକ୍ ମୂଲ୍ୟ ରେ ନିଗମ ଠାରୁ ଖଣିଜ ପାଇ ପାରିବେ ।ଉକ୍ତ ଖଣି କୁ ନିଗମ କିପରି କାର୍ଯ୍ୟକ୍ରମ କରି ପାରିବ ଏ ନେଇ ମୁଖ୍ୟ ମନ୍ତ୍ରୀ ମୋହନଚରଣ ମାଝୀ ଓଡ଼ିଶା ଖଣି ନିଗମ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ ସହ ଆଲୋଚନା ପରେ ଗତ ମେ ମାସ ୧୫ ତାରିଖରେ ଏହି ଖୋଲି କୁ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିଥିଲେ ।ଏହି ଖଣି ର ପରିବହନ କାର୍ଯ୍ୟ ସୋମବାର୍ ଠାରୁ ଆରମ୍ଭ ହୋଇଛି ।ପରିବହନ କାର୍ଯ୍ୟ ଆରମ୍ଭ ହେବ। ପରେ ରୁଗଣ ହୋଇ ପଡିଥିବା ଟ୍ରକ୍ ମାଲିକ ଙ୍କ ମନ ଭିତରେ ଆଶାର ସଂଚାର କରିଛି ।ଟ୍ରକ୍ ମାଲିକ ସଂଘ ପକ୍ଷରୁ ସଭାପତି ମାତା ପ୍ରସାଦ ଜୟସ୍ୱାଲ କହିଛନ୍ତି ଯେ,ନିଗମ ର ଏହି ଖଣି ଟି ଖୋଲିବା ପରେ ପ୍ରାୟ ୩୦୦ରୁ ୫୦୦ ଗାଡ଼ି ପରିବହନ କାର୍ଯ୍ୟ କରି ପାରିବେ ।ଆସନ୍ତା ନଭେମ୍ବର ମାସ ଠାରୁ ଏହା ପୂର୍ଣ୍ଣ କାର୍ଯ୍ୟକ୍ଷେମ ହେବ।ଏହି ଖଣି ର ବାର୍ଷିକ ଲୁହାପଥର ଉତ୍ପାଦନ କ୍ଷମତା ୩ ମିଲିୟନ ମେଟ୍ରିକ୍ ଟନ୍ ଓ ମାଙ୍ଗାନିଜ ବାର୍ଷିକ ୦.୦୫ ମିଲିୟନ ମେଟ୍ରିକ୍ ଟନ୍ କ୍ଷମତା ରହିଛି ।ଲୁହାପଥର ଖଣିରେ ୩୦୦ ଓ ମାଙ୍ଗାନିଜ ଖଣିରେ ୨୦୦ ଶ୍ରମିକ ନିଯୁକ୍ତି ପାଇ ପାରିବେ । ବର୍ତମାନ ସୁଦ୍ଧା ଯୋଡା ଖଣି ମଣ୍ଡଳରେ ଓଏମ ସି ଅଧୀନରେ ୮ ଟି ଖଣି ଚାଲୁଥିବା ଓଏ ମ ସି ର ବଡ଼ବିଲ ଆ□ଳିକ ଅଧିକାରୀ ଅବନିକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି ।ବିଭନ୍ନ ବୈଧାନିକ କାରଣ ଯୋଗୁଁ ବହୁ ଖଣି ଏବେ ବନ୍ଦ ରହିଛି ।ଫଳରେ ବିଭିନ୍ନ ବେସରକାରୀ ଖଣି ଲିଜଧାରି ମାନେ ଚଢ଼ା ଦରରେ କାରଖାନା ଗୁଡ଼ିକ କଞ୍ଚାମାଲ୍ ବିକ୍ରି କରୁଛନ୍ତି।ଯାହାଫଳରେ ରାଜ୍ୟ ରେ ଶିଳ୍ପ ସଙ୍କଟ ଦେଖା ଦେଇଛି ।ବନ୍ଦ ପଡ଼ିଥିବା ଓ ଏମ ସି ଖଣି ଗୁଡ଼ିକ ଏହି ପରି ଚାଲିଲେ ଶିଳ୍ପ ସଂସ୍ଥା ଗୁଡ଼ିକ ଉଚିତ୍ ମୂଲ୍ୟ ରେ କଞ୍ଚାମାଲ୍ ପାଇ ପାରିବେ ।

## କେବଳ କାଗଜ କଲମରେ ଚାଷୀ ଙ୍କ ଦୁଃଖ ବୁଝୁଛନ୍ତି ସରକାର

ଦଶପଲ୍ଲା (ମହାଭାରତ): ଚାଷୀ ଙ୍କ ଦୁଃଖ କେବଳ କାଗଜ କଲମରେ। ସରକାର ଚାଷୀ ଙ୍କ ପ୍ରତି ଆନ୍ତରିକତା ନଥିବା ଜଣାପଡୁଛି। ସମବାୟ ସମିତି ର ବିଭାଗୀୟ ଅଧିକାରୀ ଓ ସମ୍ପାଦକ ଙ୍କ ଭୁଲ ଲାଗି ଚାଷୀ ଆଜି ଗଣଧାରଣରେ। ଆଜି ଦ୍ୱିତୀୟ ଦିନ ଗଣଧାରଣା ରେ ଚାଷୀ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡ ଚାଷୀ ଙ୍କ କ୍ଷେତ୍ରରେ। ବିଗତ ୭ବର୍ଷ ହେଲା ମଧଖଣ୍ଡ ସମବାୟ ସମିତି ଟି ଜନୈକ କର୍ମଚାରୀ ଙ୍କ ଭୁଲ ଲାଗି ବ୍ଲାକ ଲିଷ୍ଟରେ ରହିଛି। ଚାଷୀ ମାନେ ଧାନ ଦେବା ଓ ପଞ୍ଜିକରଣ ଆଦି ଘୋଳାହାଣ୍ଡି ସମବାୟ ସମିତି ଅଧୀନରେ କରିବାକୁ ବାଧ ହେଉଛନ୍ତି। ଏହାକୁ ନେଇ ଚାଷୀ ମାନେ ଅନେକ ଥର ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳ ଶୂନ୍ୟ ଚାଷୀମାନେ ବାଧ ହୋଇ ଗଣଧାରଣା ଦେଇଛନ୍ତି। ଯଦି ସରକାର ଚାଷୀ ଙ୍କ ଦାବୀ କୁ ଶୀଘ୍ର ସମାଧାନ ନ କରନ୍ତି ଆଗାମୀ ଦିନରେ ରାଜରାସ୍ତା କୁ ଓଲହାଇବେ ବୋଲି କହିଥିଲେ । ଖବର ପାଇ ଚାଷୀ ଙ୍କ ପାଖରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପହଂଚି ଆଲୋଚନା କରିବା ସହ ଉଚ୍ଚ କର୍ତ୍ତୃପକ୍ଷ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ନୟାଗଡ ର ପ୍ରାର୍ଥନା ପ୍ରିୟଦର୍ଶିନୀ ପହଂଚି ଚାଷୀ ଙ୍କ ସହିତ ଆଲୋଚନା କରିଥିଲେ। ହେଲେ କିଛି ଲାଭ ହୋଇନଥିଲା। ନୟାଗଡ ଜିଲ୍ଲାପାଳ ମହୋଦୟ ଙ୍କୁ ଏ ବିଷୟରେ ଅବଗତ କରିବେ ବୋଲି କହିଥିଲେୟ ତିନି ଦିନ ମଧରେ ଚାଷୀଙ୍କ କଥା ନ ଶୁଣନ୍ତି ତାହାହେଲେ ମଙ୍ଗଳବାର ଠାରୁ ଧାରଣା ଜାରି ରହିବ ବୋଲି ମଧ୍ୟଖଣ୍ଡ ସମବାୟ ସମିତି ସଭାପତି ସୂଚନା ଦେଇଥିଲେୟ କିନ୍ତୁ ଜିଲ୍ଲା ପ୍ରଶାସନ ଚାଷୀ ଙ୍କ ଦୁଃଖ କୁ ଶୁଣି ନଥିଲେ। ସେଥିଯୋଗେ ଚାଷୀ ମାନେ ମଙ୍ଗଳବାର ଦିନ ଦ୍ୱିତୀୟ ଦିନ ଧାରଣା ରେ ବସିଛନ୍ତି। ତେବେ ବିଗତ ସରକାର ଏ ବିଷୟରେ କୌଣସି ପଦକ୍ଷେପ ନେଇ ନ ଥିଲେ କି ବର୍ତମାନ ର କୁହାଯାଉଥିବା ଲୋକଙ୍କ ସରକାର ମୋହନ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଚାଷୀ ନିଜର ହକ ପାଇଁ ଚାଷ ସମୟରେ ଧାରଣା ରେ ବସିବା କେତେ ଦୂର ଠିକ ତାହା ଆଲୋଚ୍ୟ ର ବିଷୟ।

## ସମାଧାନ ନହେବା ପର୍ଯ୍ୟନ୍ତ ରେଙ୍ଗାଲି-ସପ୍ନେ ରାସ୍ତାରେ ଚଳିବ ନାହିଁ ଭାରିଯାନ

ସମ୍ବଲପୁର,(ମହାଭାରତ): ରେଙ୍ଗାଲି-ସପ୍ନେ ରାସ୍ତା ଉପରେ ର୍ନିଭର କରୁଥିବା ଲୋକଙ୍କ ପୁଞ୍ଜିଭୂତ କୋହ ଆଜି ଉଗ୍ର ରୂପ ନେଇଛି। ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ ଓ ଅଞ୍ଚଳର ଅଧିବାସୀ ମାନେ ମିଳିତ ଭାବରେ ରାସ୍ତାର ତୁରିଟିକ୍ରା ମଉଲା ଭଣଜା ଛକ ଠାରେ ରାସ୍ତା ଅବରୋଧ କରିଛନ୍ତି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଭାରିଯାନ ସହ ରାସ୍ତାରେ ଯାତାୟାତ କରୁଥିବା ଚାରିଚକିଆ ଗାଡିଗୁଡିକ ଅଟକି ରହିଛି।ସୂଚନାଯୋଗ୍ୟ ଯେ ଏହି ରାସ୍ତାର ଉପରେ ରେଙ୍ଗାଲି, ସାଲଡ, ତୁରିଟିକ୍ରା, ବାରିକପାଲି, କୁର୍ଲା, ଯୁଗିପାଲି, ସପ୍ନେ ସମେତ ସମ୍ବଲପୁର ଜିଲ୍ଲା ଏବଂ ସିମାନ୍ତ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ ଓ ଛତିଶଗଡ ଅଞ୍ଚଳର ଜନସାଧାରଣଙ୍କ ର୍ନିଭର କରନ୍ତିୟ ସପ୍ନେ ଇବ ସେତୁ ହେଲା ପରେ ଏହି ରାସ୍ତାର ଗୁରୁତ୍ୱ ବହୁ ମାତ୍ରରେ ବଢି ଯାଇଛି। ସେତୁର ଅପର ପାର୍ଶ୍ୱ ଲଖନପୁର ବ୍ଲକ ସାହାଜବାହାଲ ଠାରେ ଅବସ୍ଥାପିତ ଜେଏସଡବ୍ଲ୍ୟୁ ଏନର୍ଜି(ଉତ୍କଳ)ଲିମିଟେଡ ଓ ଥର୍ମାଲ ସ୍ଥିତ ଓପିଜିସିର କମ୍ପାନୀର ଭାରିଯାନ ଗୁଡିକ କୋଇଲା ଏବଂ କଞ୍ଚାମାଲ ପରିବହନ କରୁଥିବା ଯୋଗୁଁ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇଛି।ରାସ୍ତା ଉପରେ ବଡ ବଡ ଗାତ ହୋଇଥିବା ଯୋଗୁଁ ନିୟମିତ ଭାବରେ ଦୁର୍ଘଟଣା ଘଟି ଅନେକ ଧନଜୀବନ ନଷ୍ଟ ହେବାର ସହ ଅନେକ ଗାଈ ଗୋରୁଙ୍କ ସହ ମଣିଷ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ଏପରିକି ଏହି ରାସ୍ତାର ଉପରେ ମଣିଷ କାହିଁକି ଯମ ମଧ୍ୟ ଯିବାକୁ ଡରୁଛିୟ ଆଜିର ଜନ ଆନ୍ଦୋଳନକୁ ମିଶାଇ ଅଞ୍ଚଳର ଲୋକେ ପାଞ୍ଚ ଥର ଆନ୍ଦୋଳନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରି ନାହିଁ। ଆନ୍ଦୋଳନ ସମୟରେ କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷ ଲୋକଙ୍କୁ ଦେଇଥିବା କୌଣସି ପ୍ରତିଶ୍ରୁତି ରକ୍ଷା କରୁ ନଥିବାରୁ କମ୍ପାନୀ ଉପରେ ଲୋକଙ୍କର ଭରଷା ତୁଟିଯିବା ପରେ ଲୋକେ ବାଧହୋଇ ମିଳିତ ଭାବରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଯାହା ଦଳମତ ର୍ନିବିଶେଷରେ ଲୋକ ସମସ୍ୟାର ସମାଧାନ ପାଇଁ ଆନ୍ଦୋଳନ କରାଯାଇଛି। ଆନ୍ଦୋଳନ ସ୍ଥଳକୁ ରେଙ୍ଗାଲି ଭାରପ୍ରାପ୍ତ ତହସିଲଦାର ଜ୍ଞାନରଞ୍ଜନ ମାଝୀ, ଅତିରିକ୍ତ ତହସିଲଦାର କିଶୋର ସାହୁ,ରେଙ୍ଗାଲି ଆଇଆଇସି ଗୁରୁଦେବ କର୍ମୀ ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଲୋକେ ତାଙ୍କର ଦାବିପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଅଧିକାରୀ ମାନଙ୍କୁ ଚରମ ବାଣି ଶୁଣାଇଛନ୍ତି ।ସକାଳ ୮ଟାରୁ ଅପରାହ୍ନ ୨ଟା ହୋଇଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇ ନାହିଁୟ ଏତେ ଘଟଣା ପରେ ମଧ୍ୟ ଉଭୟ କମ୍ପାନୀର କୌଣସି ଅଧିକାରୀଙ୍କ ନିଦ ଭାଙ୍ଗି ନାହିଁ କି ଲୋକ ସମସ୍ୟା ଧ୍ୟାନ ଦେଉ ନଥିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି ।ପରେ ଡେପୁଟି କଲେକ୍ଟର ସୁଶାନ୍ତ କୁମାର ନାଏକ,ପୂର୍ତ୍ତବିଭାଗର ସହକାରୀ ଯନ୍ତ୍ରୀ ସୁମନ୍ତ କୁମାର ପରେଖ ଆନ୍ଦୋଳନ ସ୍ଥଳକୁ ଆସି ଆନ୍ଦୋଳନ କାରୀମାନଙ୍କ ସହ ଦୀର୍ଘ ସମୟ ଆଲୋଚନା କରି ଆସନ୍ତା ଅଗଷ୍ଟ ମାସ ୮ ତାରିଖ ଦିନ ରେଙ୍ଗାଲି ବ୍ଲକ ପରିସରରେ ସମ୍ବଲପୁର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆନ୍ଦୋଳନକାରୀ,ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ଗ୍ରହଣ କରି ୮ ତାରିଖ ପର୍ଯ୍ୟନ୍ତ ଏହି ରାସ୍ତାରେ କୌଣସି କମ୍ପାନୀ ଏବଂ ଅନ୍ୟ କୌଣସି ସଂସ୍ଥାର ଭାରିଯାନ ଚଳାଚଳ ନ କରିବାକୁ ନିଷ୍ପତ୍ତି ଗ୍ରହଣ କରିବା ପରେ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିଲା।

## ଶିମିଳିପାଳ ଦକ୍ଷିଣ ବନ୍ୟଜନ୍ତୁ ବନଖଣ୍ଡରେ ବିଶ୍ୱ ବ୍ୟାଘ୍ର ଦିବସ

କରଞ୍ଜିଆ, (ମହାଭାରତ)ଶିମିଳିପାଳ ଦକ୍ଷିଣ ବନ୍ୟଜନ୍ତୁ ବନଖଣ୍ଡ ବିଶ୍ୱ ବ୍ୟାଘ୍ର ଦିବସକୁ ବାଘ ସଂରକ୍ଷଣ ଓ ସାମୁଦାୟିକ ସହଭାଗିତାକୁ ପ୍ରୋତ୍ସାହିତ କରି ଉତ୍ସାହର ସହ ପାଳନ କରିଛି। ଦିନଟି ଆରମ୍ଭ ହୋଇଥିଲା ଦେବକୁଣ୍ଡ, ସୀତାକୁଣ୍ଡ ଓ ବ୍ରହ୍ମଣକୁଣ୍ଡରେ ପରିଚ୍ଛନ୍ନତା ଅଭିଯାନରୁ, ଯେଉଁଥିରେ ୪୦୦ରୁ ଅଧିକ ଅଂଶଗ୍ରହଣକାରୀ, ନିକଟସ୍ଥ ଗାଁର ଲୋକେ, ସ୍କୁଲ ଛାତ୍ରଛାତ୍ରୀ, ଇକୋ-ଡେଭଲପମେଣ୍ଟ କମିଟି (ଇଡିସି) ଓ ବନ ସୁରକ୍ଷା ସମିତି (ଭିଏସଏସ) ସଦସ୍ୟମାନେ ଭାଗ ନେଇଥିଲେ।ଏହାପରେ 'ଏକ ପେଡ୍ ମା କେ ନାମ' ପହ□



ଅଧୀନରେ ଗୋଡିପୋଖରୀ, ବୁଡାମରା, ବୁଢାବାଳଙ୍ଗ, ଜାମୁଗଡିଆ ଓ ମାନଭଙ୍ଗା ଗାଁରେ ୨୦୦୦ରୁ ଅଧିକ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଉଦଘାଟନ କେନ୍ଦ୍ର ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ସିଂହ ଯାଦବ ଭର୍ଚୁଆଲ ମାଧ୍ୟମରେ କରିଥିଲେ। ଅପରାହ୍ନ ରେ ଜିଲ୍ଲାସ୍ତରୀୟ ଉତ୍ସବ ବାରିପଦାର ସଙ୍କଳ୍ପ ହଲରେ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ହେମକାନ୍ତ ସୟ, ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଏସ ପି ବରୁଣ ଗୁଣ୍ଟୁପାଲ୍ଲୀ, ଶିମିଳିପାଳ ଦକ୍ଷିଣ ବନ୍ୟଜନ୍ତୁ ବିଭାଗ ର ଉପନିର୍ଦ୍ଦେଶକ ଡକ୍ଟର ସମ୍ରାଟ ଗୌଡା, ବାରିପଦା ଡି ଏଫ ଓ ଏ. ଉମା ମହେଶ, ଓ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବିବେକାନନ୍ଦ ପଟ୍ଟନାୟକ, ଉପସ୍ଥିତ ଥିଲେ। ଅଂଶଗ୍ରହଣକାରୀଙ୍କ ମଧ୍ୟରେ ସ୍କୁଲ ଛାତ୍ରଛାତ୍ରୀ, ଶିମିଳିପାଳ ଅଞ୍ଚଳର ଗାଁ ଲୋକେ, ଇଡିସି ଓ ଭିଏସଏସ ସଦସ୍ୟ, ସରପଞ୍ଚ ଓ ୱାର୍ଡ ସଦସ୍ୟ, ବନ କର୍ମଚାରୀ ଓ ଅଧିକାରୀ, ଇଲେକ୍ଟ୍ରୋନିକ ଓ ପ୍ରିଣ୍ଟ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## କଳିଙ୍ଗନଗର ମୁଖ୍ୟ ରାସ୍ତା ମୃତ ଦଣ୍ଡ କୁ ଆହ୍ୱାନ କରୁଛି

ଦାନଗଦି: (ମହାଭାରତ)ଯାଜପୁର କଳିଙ୍ଗନଗର ଅଞ୍ଚଳ ମୁଖ୍ୟ ରାସ୍ତା ଯାହା କଳିଙ୍ଗନଗର କାରଖାନା ମାନଙ୍କ ପାଇଁ ମୁଖ୍ୟ ରାସ୍ତା ସାଜିଛି। ଯାଜପୁର କଳିଙ୍ଗନଗର ଡୁବୁରୀ ଠାରୁ ପାଣିକୋଇଲି ସଂଯୋଗ ହୋଇଥିବା ମୁଖ୍ୟ ରାସ୍ତା ଏବଂ ଯାଜପୁର ରୋଡ ଠାରୁ ଡୁବୁରୀ କୁ ସଞ୍ଚମ ଏହି ମୁଖ୍ୟ ରାସ୍ତା କଳିଙ୍ଗନଗର ର ମାନଦଣ୍ଡ ପରିଲକ୍ଷିତ ହେଉନଥିବାବେଳେ। କଳିଙ୍ଗନଗର ର ଏହି ମୁଖ୍ୟ ରାସ୍ତାରେ ମାନପୁର ବ୍ରିଜ କୁ ଅତିକ୍ରମ କରୁଛି । ଏହି ପୋଲ ଯାହା କଳିଙ୍ଗନଗର ମୁଖ୍ୟରାସ୍ତା ପୋଲଟି ଭାଙ୍ଗି ତୁଟି ଯାଇ ମରାମତି ଅଭାବ ହୋଇପଡ଼ିଥିବାବେଳେ ଏହି ପୋଲ ଦେଇ ର୍ନିଭର କରୁଥିବା ଜନସାଧାରଣ ଙ୍କ ପକ୍ଷେ କଷ୍ଟ ସାଧ ହୋଇପଡିଛି। ଏହି ପୋଲଟି ଭାଙ୍ଗି ତୁଟି ଅସଜଡା ଅବସ୍ଥାରେ ପଡ଼ିରହିଥିବାସହ ପୋଲ ଆରମ୍ଭ ରୁ ଶେଷ ପର୍ଯ୍ୟନ୍ତ ମଝିରେ ଖାଲ ଖମା ରେ ବୁଡି ରହିଛି । ଯାହା ଫଳରେ ଏହି ପୋଲ ଉପରେ ର୍ନିଭର କରୁଥିବା ଏଠାକାର ଜନ ସାଧାରଣଙ୍କ ସହ କାରଖାନା କୁ ର୍ନିଭର କରି ଯାତାୟାତ କରୁଥିବା ଶ୍ରମିକ ମାନେ ମଧ ଅସୁରକ୍ଷିତ ମନେ କରୁଛନ୍ତି। ଜନଗହଳି ପୂର୍ଣ୍ଣ କଳିଙ୍ଗନଗର ର ଏହି ମୁଖ୍ୟରାସ୍ତା ରେ ନିରୀହ ସାଧାରଣ ଲୋକଙ୍କ ଜୀବନ ବିପଦପୂର୍ଣ୍ଣ ହୋଇପଡିଛି। ମରଣ ଜନ୍ତା ପାଲଟିବାକୁ ବସିଲାଣି କଳିଙ୍ଗନଗର ଏହି ମୁଖ୍ୟ ରାସ୍ତାଟିୟ କଳିଙ୍ଗନଗର ଅଞ୍ଚଳ ସର୍ବ ବୃହତ୍ତଶିଳ୍ପ ନଗରୀ ରେ ବେସ ପରିଚିତ ।ଛୋଟ ବଡକି କି କୋଡ଼ିଏ ରୁ ଉର୍ଦ୍ଧ କାରଖାନା ଗଢିଉଠିଛିୟ ୨୦୦୦ ମସିହା ପୂର୍ବେ ଆରମ୍ଭ ହୋଇ ୨୦୨୫ ସୁଦ୍ଧା କୋଡ଼ିଏ ରୁ ଉର୍ଦ୍ଧ କାରଖାନା ଗଢି ଉଠିବା ପରେ କଳିଙ୍ଗନଗର ଅଞ୍ଚଳର ମାନଚିତ୍ର ବଦଳି ଶିଳ୍ପ ନଗରୀର ମାନ୍ୟତାରେ ଶିଳ୍ପ ରାଜଧାନୀ କଳିଙ୍ଗନଗର ସର୍ବ ବୃହ୍ ଶିଳ୍ପ ନଗରୀର ମାନ୍ୟତା ପାଇଛି। କାରଖାନାର ଧୂଳି ଧୂଆଁ ରେ ଦିନ ବିତାଉଛନ୍ତି ଏଠାକାର ବସବାସ କରୁଥିବା ଜନ ସାଧାରଣ ।ପ୍ରଶାସନର ନଜର ବନ୍ଦୀ ହୋଇଥିବା ଏହି କଳିଙ୍ଗନଗରରେ ଅନେକ ସମୟରେ ଦୁର୍ଘଟଣା ଛାଡିବାର ନା ଥମୁନଥିବାବେଳେ ଦୃଘଟଣା ପରେ ଦୁର୍ଘଟଣା ଘଟି ଧନ ଜୀବନ କ୍ଷୟ କ୍ଷତି ହେଉଅଛି ଯାହା ଫଳରେ ଅନେକ ସମସ୍ୟା ଉପୁଜିଛି। ଏହି ମୁଖ୍ୟ ରାସ୍ତା ଅସଂଖ୍ୟ ଭାରିଯାନ ଯାତାୟତ କରିବାସହ କାରଖାନାକୁ ଶ୍ରମିକ ମାନେ ବସ ମାଧ୍ୟମରେ ଯାତାୟତ ଏହି ରାସ୍ତା ଦେଇ ଅତିକ୍ରମ କରୁଥିବାବେଳେ। କାରଖାନା ମାନରୁ କଞ୍ଚାମାଲ ସହ କାରଖାନା ମାନରୁ ଆସୁଥିବା ପଦାର୍ଥ ଏହି ରାସ୍ତା ଦେଇ ଅତିକ୍ରମ କରିବା ଫଳରେ ଏହି ମୁଖ୍ୟ ରାସ୍ତା ଜନଗହଳିପୂର୍ଣ୍ଣ ହୋଇ ପଡିଥିବାବେଳେ ଅନେକ ସମୟରେ ରାସ୍ତା ଜାମ ରହୁଛି ଯାହା ଫଳରେ ଏହି ମୁଖ୍ୟ ରାସ୍ତାର ମାନପୁର ଓଭର ବ୍ରିଜ ରେ ଘଣ୍ଟା ଘଣ୍ଟା ଜାମ ରହିବା ସହ ଅନେକ ସମସ୍ୟାରେ ଯାତାୟତ କରୁଛନ୍ତି ସାଧାରଣ ବାସିନ୍ଦା। ଦିତୀୟ ବ୍ରିଜ ର କାର୍ଯ୍ୟ ବିଳମ୍ବ ହେଉଥିବାବେଳେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ଏଠାକାର ଜନସାଧାରଣ। ଏହାର ସମାଧାନ ପାଇଁ କମ୍ପାନୀ ସରକାର ଏହାକୁ ଦୃଷ୍ଟି ଦେବା ସହ ମାନପୁର ବ୍ରିଜ ଦ୍ୱିତୀୟ ସେତୁ ର କାର୍ଯ୍ୟ ପୁରୁଣା ଓଭର ବ୍ରିଜ୍ ମରାମତି ସହ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କଡାକଡି ଭାବେ ପାଳନ କଲେ ସମସ୍ୟାର ନିମନ୍ତେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଜିଲ୍ଲାପାଳ ନିର୍ଦ୍ଦେଶ କୁ ଫୁଁ' ଗଡୁଛି ଭାରୀଯାନ ଯାତ୍ରୀବାହୀ ବସ

ପୁରୀ (ମହାଭାରତ) :ଅସ୍ତରଙ୍ଗ ର ବହୁ ପୁରାତନ ଭଉଁରିଆ ସେତୁ ଟି ବିପଦ ସଂକୁଳ ହୋଇଯାଇଥିବାରୁ ନିମାପଡା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିପୋର୍ଟକୁ ବିଚାର କରି, ସୁରକ୍ଷା ଦୃଷ୍ଟିକୋଣରୁ ଅସ୍ତରଙ୍ଗରୁ ପାଟସୁନ୍ଦରପୁର ରାସ୍ତାର ଉକ୍ତ ଭଉଁରିଆ ସେତୁ ଉପରେ ଭାରୀ ଯାନବାହାନ ଚଳାଚଳ ଉପରେ ପୁରୀ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ପ୍ରତିବନ୍ଧକ ଲଗାଇଛନ୍ତି। ସାଧାରଣ ଜନତା ସୁରକ୍ଷା ଦୃଷ୍ଟି ରୁ ଗ୍ରାମ୍ୟ ଉଉୟନ ବିଭାଗ ପକ୍ଷରୁ ଏହି ପୁରୁଣା ସେତୁ ଦେଇ ଭାରୀ ଯାନବାହାନ ଚଳାଚଳ ଉପରେ କଟକଣା ଲଗାଯାଇଛି। ଯାହାକୁ ନେଇ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ ରେ ଗତ ଶନିବାର ଦିନ ଗ୍ରାମ୍ୟ ଉନ୍ନୟନ ବିଭାଗ, ବ୍ଲକ ପ୍ରଶାସନ ଓ ତହସିଲ କୁ ନେଇ ଅସ୍ତରଙ୍ଗ ବ୍ଲକ ସଭା ଗୃହ ରେ ଏକ ମିଳିତ ବୈଠକ ମଧ ହୋଇଥିଲା ମାତ୍ର ସାଧାରଣ ଜନତାଙ୍କ ମଧରେ ସଚେତନତା ସୃଷ୍ଟି ପାଇଁ ଏହି ସ୍ଥାନରେ ଆବଶ୍ୟକୀୟ ସାଇନେଜ୍ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହି ନିର୍ଦେଶ କୁ କେତେ ମାନୁଛନ୍ତି ସମ୍ପୃକ୍ତ ବିଭାଗ, ଗାଡି ମାଲିକ ଏବଂ ଚାଳକ କଟକଣା କୁ ଫୁ କରି ପ୍ରତିଦିନ ସେହି ସେତୁ ଉପରେ ଯାତ୍ରୀଙ୍କ ଜୀବନ କୁ ବାଜି ଲଗାଇ ଯିବା ଆସିବା କରୁଚି ଯାତ୍ରୀବାହି ବସପ୍ରର୍ନିଦ୍ଧଶାସନ ଦ୍ୱାରା ବିସ୍ପଦ ସଂକୁଳ ଘୋଷଣା ପରେ କିପରି ତା ଉପରେ ବସ ଯାଉଚି ଯଦି କିଛି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ରହିବ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର



ନବରଙ୍ଗପୁର:(ମହାଭାରତ):ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଦ୍ୱାରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାପଡାହାଣ୍ଡି ବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରର ଅଧକ୍ଷ ତଥା ଜିଲ୍ଲା ଦୌରାଜର୍ଜ ଶ୍ରୀଯୁକ୍ତ ସୁବ୍ରତ ମହାନ୍ତିଙ୍କ ନିର୍ଦେଶ କ୍ରମେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସାଇ ଅଭିପ୍ସା ଗୋଛାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଓ କିଶୋର ନ୍ୟାୟ ଯତ୍ନ ଏବଂ ସୂରକ୍ଷ୍ୟୟ ଆଇନ ଓ ବାଧତାମୂଳକ ଶିକ୍ଷ୍ୟୟ ଅଧିକାର ଆଇନ ବିଷୟରେ ସଚେତନତା ଶିବିରରେ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ସତ୍ୟଜିତ କନ୍ଦନକେଲ, ପୋଲିସ ଉପ ଅଧିକ୍ଷକ, ନବରଙ୍ଗପୁର, ରାଜ କିଶୋର ନାଗ ଉପ ମୁଖ୍ୟ ଆଇନ ଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା, ନବରଙ୍ଗପୁର, କିଶୋରୀ ପଟ୍ଟନାୟକ, ପାନେଲ ଲଇୟାର, ଶତାବ୍ଦୀକୟ ପାଲୋ, ଆଇନଜୀବି, ନବରଙ୍ଗପୁର, ଦୀପକ କୁମାର ଜେନା, ଇନ୍ସପେକ୍ଟର ଇନ ଚାର୍ଜ, ପାପଡାହାଣ୍ଡି, ପ୍ରଭାତୀ ବେହେରା, ଅଧକ୍ଷ୍ୟା, ସରକାରୀ ବାଳିକା ଉଚ ବିଦ୍ୟାଳୟ, ପାପଡାହାଣ୍ଡି ଓ ପାରା ଲିଗାଲ ସଦସ୍ୟ ଓ ପାନେଲ ଲଇୟାର, ପ୍ରମୁଖ ଯୋଗ ଦେଇଥିଲେ। ପରିଶେଷରେ, ପ୍ରଭାତୀ ବେହେରା, ଅଧକ୍ଷ୍ୟା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାପଡାହାଣ୍ଡି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଦ୍ୱାରା ପରିଚାଳନା କରାଯାଇଥିଲା।

## ନାଲକୋ ଏମ୍ପଲୋୟିଜ ସଙ୍ଘ ତରଫରୁ ସମ୍ବର୍ଦ୍ଧନା

ଅନୁଗୋଳ(ମହାଭାରତ): ବୃହତ ଶ୍ରମିମ ସଂଗଠନ ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ସହ ବନ୍ଧିତ ନାଲକୋ ଏମ୍ପଲୋୟିଜ ସଙ୍ଘ (ନେସ )ତରଫରୁ ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ଯୁବ ଶାଖା ଓଡିଶାର ନୂତନ କାର୍ଯ୍ୟକର୍ତା ଙ୍କୁ ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀୟ ଦେଇ ମିଠା ଖୁଆଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ, ଏଥିରେ ସନ୍ତୋଷ ନାଏକ ଙ୍କୁ ଉପସଭାପତି, ଅନିଲ ଜେନା ଙ୍କୁ କୋଷାଧକ୍ଷ, ସୁବାସ ବେହେରା ଙ୍କୁ ସମ୍ପାଦକ ଏବଂ ସୁଶାନ୍ତ ସାହୁ ଙ୍କୁ ସାଙ୍ଗଠନିକ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଏଥିରେ ସଙ୍ଘ ତରଫରୁ ସଭାପତି ର୍ନିମଳ ସାମଲ, ସାଧାରଣ ସମ୍ପାଦକ ରଞ୍ଜିତ ସାହୁ, କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ବେହେରା, ଗଣେଶ୍ୱର ବେହେରା, ଯୁଗ୍ମ ସାଧାରଣ ସମ୍ପାଦକ ମନୋଜ ସ୍ୱାଇଁ. ଅଶ୍ୱିନୀ ସାମଲ. ସଂଜିବ ଦାସ, ଉପେନ୍ଦ୍ର ବେହେରା, ଅଶୋକ ସାହୁ, ଅଜିତ ଟୁଡୁ, ଅଟଳ ଷଡ଼ଙ୍ଗୀ ସହିତ ରାଜ୍ୟ ଯୁବ ସଭାପତି ପ୍ରକାଶ ବେହେରା ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ବିଭାଗ ଆରୋଗ୍ୟ ପଥେତାଲିମ ନେଲେ ଫିରିଙ୍ଗିଆ ବ୍ଲକ୍ ର ୧୬୫ ଜଣ ଆଶା କର୍ମୀ

କନ୍ଧମାଳ :(ମହାଭାରତ):ରାଜ୍ୟରେ ଗ୍ରାମାଂଚଳ ରେ ଦିଆଯାଉଥିବା ସ୍ୱାସ୍ଥ୍ୟ ସେବା ର ବ୍ୟବସ୍ଥାକୁ ସୁଦୃଢି କରଣ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ଥିବା ବେଳେ ସରକାର ଆଗଧାଡିର ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ତାଲିମ ମାଧମରେ ଶସକ୍ତ କରିବାକୁ ଚେଷ୍ଟା ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀ ରେ ଆରୋଗ୍ୟ ପଥେ ର୍ଶିଷକ ଅଂଶଗ୍ରହଣମୂଳକ ପ୍ରଶିକ୍ଷଣ ପଦ୍ଧତି ରେ ଫିରିଙ୍ଗିଆ ବ୍ଲକ୍ ଆଶା କର୍ମୀ ମାନଙ୍କୁ ତାଲିମ ଦିଆଯାଇଛି । ଜୁଲାଇ ୧୦ ତାରିଖ ଠାରୁ ଆରମ୍ଭ ହୋଇ ଜୁଲାଇ ୩୦ ତାରିଖରେ ଶେଷ ହିଇଥିବା ତାଲିମ୍ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ର ବିଭିନ୍ନ ପଂଚାୟତ ରୁ ୦୫ ଗୋଟି ବ୍ୟାଚ୍




ରେ ୧୬୫ ଜଣ ଆଶା ଯୋଗ ଦେଇ ତାଲିମ୍ ନେଇଥିଲେ। ବନ୍ଧଗଡ ସ୍ଥିତ ସ୍ୱାତୀ ଅନୁଷ୍ଠାନ ଙ୍କ ତାଲିମ୍ କେନ୍ଦ୍ର ଠାରେ ଅନୁଷ୍ଠିତ ଏହି ତାଲିମ୍ ଗୁଡିକରେ ତାଲିମ ଦାତା ଭାବେ ଡାକ୍ତର. ରମାକାନ୍ତ ଧାଉଣ୍ଡିଆ, ଡାକ୍ତର. ଦେବପ୍ରିୟ ଦଳାଇ ଓ ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସଜନୀ ପ୍ରଧାନ ଉପସ୍ଥିତ ରହି ବିଭିନ୍ନ କୌଶଳରେ ତାଲିମ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ର ମୂଖ୍ୟ ଲକ୍ଷ୍ୟ ଥିଲା ଆଶା କର୍ମୀ ମାନଙ୍କର ଦକ୍ଷତା ବୃଦ୍ଧି କରି ବିଭିନ୍ନ ଗ୍ରାମ୍ୟ ସ୍ତରୀୟ ବୈଠକ ମାଧ୍ୟମରେ ଜନସାଧାରଣ ଙ୍କୁ ସ୍ୱାସ୍ଥ୍ୟ ସଚେତନତା ବାର୍ତା। ଦେଇ ସଚେତନ କରିବା ଓ ସମସ୍ତଙ୍କୁ ସୁସ୍ଥ ଓ ନିରୋଗା ରଖିବା । ଫରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରବୋଧ କୁମାର ପ୍ରଧାନ ଙ୍କ ସହାୟତା ଓ ଜିଲ୍ଲା କମ୍ୟୁନିଟି ପ୍ରୋସେସ୍ ର ସହାୟକ ପରିଚାଳକ ଯସୋଶ୍ୱିନି ସାହାଣୀ ଙ୍କ ତତ୍ତ୍ୱାବଧାନରେ ଆନୁଷ୍ଠିତ ଏହି ତାଲିମ୍ ଗୁଡିକରେ ବିଭିନ୍ନ ଦିବସରେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଜିଲ୍ଲା ପରିଚାଳକ ଗୀତାଞ୍ଜଳୀ ଦାସ , ସହରାଂଚଳ ସ୍ୱାସ୍ଥ୍ୟ ଅତିରିକ୍ତ କାର୍ଯ୍ୟକ୍ରମ ପରିଚାଳକ ନରେନ୍ଦ୍ର କୁମାର ପାଲୋ, ଜିଲ୍ଲା ଅଣ ସଂକ୍ରାମକ ରୋଗ ସହାୟକ ପରିଚାଳକ ଅଶୋକ କୁମାର ସାହୁ ଉପସ୍ଥିତ ରହି ଆଶା ମାନଙ୍କୁ ଉତ୍ସାହିତ କରିବା ସହିତ ସ୍ୱାସ୍ଥ୍ୟ ସେବାରେ ଗ୍ରମାଂଚଳ ପାଇଁ ଥିବା ସୁଯୋଗ ଓ ପରିଚାଳନା ଗତ ସୁବିଧା ବିଷୟରେ ସୂଚନା ଦେଇଥିଲେ । ତତ୍ସହିତ ରାଜ୍ୟ ସ୍ତରରୁ ମଧ କମ୍ୟୁନିଟି ପ୍ରୋସେସ୍ ସଂଯୋଜକ ବିମଳେନ୍ଦୁ ପଟ୍ଟନାୟକ ସଂପୂର୍ଣ୍ଣ ତାଲିମ୍ ରୁ ଦୁଇଦିନ ଯୋଗ ଦେଇ ଆଶା ମାନଙ୍କୁ ଗଁରେ ବୈଠକ ପରିଚାଳନା କରିବାର ବିଭିନ୍ନ ପ୍ରକ୍ରିୟା ଗୁଡିକ ବିଷୟରେ ଶିଖାଇ ଥିଲେ ।ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ବ୍ଲକ୍ ପରିଚାଳନା ୟୁନିଟ୍ ତରଫରୁ କାର୍ଯ୍ୟକ୍ରମ ପରିଚାଳକ ହରଗୋବିନ୍ଦ ଜାନୀ ପରିଚାଳନା ରେ ସଂପୂର୍ଣ୍ଣ ସହଯୋଗ କରିଥିବା ବେଳେ ସ୍ୱାତୀ ଅନୁଷ୍ଠାନ ତରଫରୁ ନିରୁପମା କହଁର, ସ୍ନେହଲତା ପ୍ରଧାନ ଓ ସିବାନୀ କହଁର ପ୍ରମୁଖ ସହାୟତା କରିଥିଲେ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





## ସେନା ଗାଡ଼ି ଉପରେ ଖସିଲା ପଥର, ୩ ସହିଦ, ୩ ଗୁରୁତର



ଲଦାଖ : ଲଦାଖରେ ଭାରତୀୟ ସେନାର ଗାଡ଼ି ଉପରେ ପଡିଲା ପଥର । ଘଟଣାରେ ଜଣେ ଅଧିକାରୀଙ୍କ ସହିତ ୨ ଜଣ ଯବାନ ସହିଦ ହୋଇଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ଖବର ମୁତାବକ, ଲଦାଖର ଦୁରବୁକରେ ଭାରତୀୟ ସେନାର ଏକ ଗାଡ଼ି ଉପରେ ପଥର ଖସିପଡିଥିଲା । ଫଳରେ ଏଥିରେ ଥିବା ଜଣେ ଅଧିକାରୀଙ୍କ ସହିତ ୨ ଜଣ ଯବାନଙ୍କ ଜୀବନ ଚାଲିଯାଇଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ରହିଛନ୍ତି । ଘଟଣାଟି ସକାଳ ୧୧.୩୦ ମିନିଟରେ ଘଟିଛି । ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଲଦାଖରେ ଗତ କିଛିଦିନରେ ପ୍ରବଳ ବର୍ଷା ଲାଗିରହିଛି । ଏହି କାରଣରୁ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇଛି । ସୂଚନାଯୋଗ୍ୟ, ଆଜି ଜମ୍ମୁ କଶ୍ମୀର ଗାନ୍ଦରବଲ ଜିଲ୍ଲାରେ ସୁରକ୍ଷାକର୍ମୀଙ୍କୁ ନେଇ ଯାଉଥିବା ଏକ ବସ୍ ନଦୀରେ ଖସିପଡିଛି । ଆଇଟିବିପି ଯବାନଙ୍କୁ ନେଇ ଯାଉଥିବା ବସ୍ ପ୍ରବଳ ବର୍ଷା ଯୋଗୁଁ କୁଲ୍ଲନରେ ସିନ୍ଧ ନଦୀରେ ଖସିପଡିଛି । ବସରେ ଥିବା ଯବାନଙ୍କୁ ଉଦ୍ଧାର ପାଇଁ ସର୍ଚ୍ଚ ଅପରେସନ ଜାରି ରହିଛି ।

## ଗତ ୨୪ ଘଣ୍ଟାରେ ରୁଷରେ ୨୦୦ ଥର ଭୂକମ୍ପ ଝଟକା



ପ୍ରଶାନ୍ତ ମହାସାଗର ଅଂଚଳରେ ୨୦୧୧ ପରଠାରୁ ସବୁଠାରୁ ଶକ୍ତିଶାଳୀ ଭୂକମ୍ପ । ସୃଷ୍ଟି ହେଲା ସୁନାମୀ । ରୁଷର କାମଚକଟା ଉପକୂଳ ନିକଟରେ ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୮.୮ ରେକର୍ଡ ହୋଇଛି । ଭୂପୃଷ୍ଠ ଠାରୁ ୭୪ କିଲୋମିଟର ତଳେ ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା । ଭୂକମ୍ପରେ ବଡ ବଡ କୋଠାରେ ଫାଟ ଦେଖାଦେଇଛି । ଲୋକେ ଭୟରେ ଘରବାହାରକୁ ଚାଲିଆସିଛନ୍ତି । ଭୂକମ୍ପ ପରେ ସମୁଦ୍ରରେ ୩ରୁ ୪ ଫୁଟ ଉଚ୍ଚର ଜୁଆର ଆସିଛି । ସମୁଦ୍ର ନିକଟ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ରୁଷର ବନ୍ଦର ସହର ସେଭେରୋ-କୁରିଲସ୍କରେ ସୁନାମୀ ଆସିଛି । ତିନିଟି ୱେଭ୍ ଆସି ସାରିଲାଣି । ବନ୍ଦର ଭିତ୍ତିଭୂମି ସହ ଅନେକ ଜାହଜରେ କ୍ଷୟକ୍ଷତି ହୋଇଛି । ସୁନାମିର ତୃତୀୟ ଲହରୀ ଅଧିକ ଶକ୍ତିଶାଳୀ ଥିଲା । ଗତ ୨୪ ଘଣ୍ଟାରେ ରୁଷରେ ୨୦୦ ଥର ଭୂକମ୍ପର ଝଟକା ରେକର୍ଡ ହୋଇଛି । ଆଜିର ଭୂକମ୍ପ ବିଶ୍ୱର ଷଷ୍ଠ ବଡ଼ ଭୂକମ୍ପ । ଯାହା ୧୯୦୬ ମସିହା ଇକ୍ୟୁଏଡର-କଲମ୍ବିଆ ଓ ୨୦୧୦ ମସିହା ଚିଲି ଭୂମିକମ୍ପ ସହିତ ସମାନ । ବିଶ୍ୱରେ ପ୍ରଥମ ଥର ୧୯୫୨ରେ, ୯ ତୀବ୍ରତାର ଭୂକମ୍ପ କାମଚାଟକାରେ ଆସିଥିଲା । ଆଜି ପୁଣି ସେହି କାମଚାଟକାର ୮.୮ ତୀବ୍ରତାର ଭୂକମ୍ପ ପ୍ରଶାନ୍ତ ମହାସାଗର ଅଂଚଳକୁ ଥରାଇ ଦେଇଛି । ହାୱାଇ ପାଇଁ ସୁନାମୀ ସତର୍କତା ଜାରି ହୋଇଛି । ପ୍ରଥମ ଲହରି ସ୍ଥାନୀୟ ସମୟ ସନ୍ଧ୍ୟା ୭ଟା ପରେ ପହଞ୍ଚିବାର ଆଶଙ୍କା ରହିଛି । ଜୁଆରର ଉଚ୍ଚତା ପ୍ରାୟ ୧-୩ ମିଟର ହେବାର ସମ୍ଭାବନା ରହିଛି । ଯାହା ଉପକୂଳବର୍ତ୍ତୀ ଅଞ୍ଚଳରେ ବନ୍ୟା ସୃଷ୍ଟି କରିପାରେ । ଜାପାନର ପ୍ରଧାନମନ୍ତ୍ରୀଙ୍କୁ ସ୍ଥିତି ନେଇ ଅବଗତ କରାଯାଇଛି । ସରକାରଙ୍କ ପକ୍ଷରୁ ଜରୁରୀକାଳୀନ ବୈଠକ ଡକାଯାଇଛି । ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତୁତି ହୋଇଛି । ଇକ୍ୟୁଏଡରରେ ମଧ୍ୟ ୩ ମିଟର ଉଚ୍ଚର ସୁମାନି ଆସିବା ଆଶଙ୍କା କରାଯାଉଛି । ଆମେରିକାରେ ନ୍ୟାସନାଲ ସୁନାମୀ ସତର୍କତା କେନ୍ଦ୍ର ଆଲାସ୍କା ଓ ପଶ୍ଚିମ ଉପକୂଳ ପାଇଁ ସୁନାମି ଆଡ଼ଭାଇଜରି ଓ ସତର୍କତା ଜାରି କରିଛି । ୧ ମିଟରରୁ କମ୍ ଉଚ୍ଚତାର ଲହରୀ ଆଶା କରାଯାଉଛି । ଇକ୍ୟୁଏଡର, ଚିଲି, ଫିଲିପାଇନ୍ସ, ପେରୁ, ଚୀନ ଓ ଇଣ୍ଡୋନେସିଆ ଦେଶଗୁଡିକରେ ମଧ୍ୟ ସୁନାମୀ ସତର୍କତା ଜାରି ହୋଇଛି । କିନ୍ତୁ ଲହରିର ଉଚ୍ଚତା ୧ ମିଟରରୁ କମ୍ ହେବାର ଆଶା କରାଯାଉଛି । ତଥାପି ସ୍ଥାନୀୟ କର୍ତ୍ତୃପକ୍ଷ ସତର୍କ ରହିଛନ୍ତି ।

## ଭୁସ୍ଖଳନ:୨ ଦିନ ପାଇଁ ବନ୍ଦ ରହିବ ଅମରନାଥ ଯାତ୍ରା

ନୂଆଦିଲ୍ଲୀ : ପ୍ରବଳ ବର୍ଷା ପାଇଁ ଅମରନାଥ ଯାତ୍ରା ସ୍ଥଗିତ ରଖାଯାଇଥିବା ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି । ପହଲଗାମ ଓ ବାଲଟାଲ ମାର୍ଗରେ ପ୍ରବଳ ବର୍ଷା ହେତୁ ଅମରନାଥ ଯାତ୍ରା ସ୍ଥଗିତ ରହିଛି । ସ୍ଥାନୀୟ ଅଧିକାରୀଙ୍କ କହିବା ଅନୁଯାୟୀ, ସକାଳୁ ପ୍ରବଳ ବର୍ଷା ଲାଗି ରହିଛି । ଫଳରେ ବାଲଟାଲ ଚନ୍ଦନୱାଡ଼ି ବେସ୍ କ୍ୟାମ୍ପରୁ ତୀର୍ଥଯାତ୍ରୀଙ୍କ ଗମନାଗମନ ବନ୍ଦ ରହିଛି । ଖରାପ ପାଗ ଯୋଗୁଁ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି । ତୀର୍ଥଯାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି । ଅଧିକାରୀମାନେ କହିଛନ୍ତି, ପରିସ୍ଥିତି ଦେଖିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ।

## ପ୍ରବଳ ବର୍ଷା ଯୋଗୁଁ ରାଜସ୍ଥାନର ବିଭିନ୍ନ ଜିଲ୍ଲାକୁ ସତର୍କ ଜାରି

ରାଜସ୍ଥାନ : ରାଜସ୍ଥାନରେ ପ୍ରବଳ ବର୍ଷା ଜାରି ରହିଛି । ଆଜି ୩ଟି ଜିଲ୍ଲା ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟରେ ପ୍ରବଳ ବର୍ଷା ପାଇଁ ସତର୍କତା ଜାରି କରାଯାଇଛି । କୋଟା, ବୁନ୍ଦି, ବାରନ୍ ପ୍ରତାପଗଡ଼, ଚିତ୍ତୋରଗଡ଼ ଏବଂଝାଲୱାରରେ ପ୍ରବଳ ବର୍ଷା ଯୋଗୁଁ ରେଡ୍ ଆଲର୍ଟ ଜାରି କରାଯାଇଛି । ଜୟସଲମେର, ବାରମେର ଏବଂ ବିକାନେ ବ୍ୟତୀତ ଅନ୍ଅ ସମସ୍ତ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି । ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ୧୮ ଜିଲ୍ଲାରେ ଆଜି ସ୍କୁଲ୍ ଏବଂ କଲେଜକୁ ବନ୍ଦ କରିଦିଆଯାଇଛି । ପ୍ରବଳ ବର୍ଷା କାରଣରୁ ଜନଜୀବନକୁ ପ୍ରଭାବିତ କରୁଛି । ବର୍ଷା ଏବଂ ବନ୍ୟା ଯୋଗୁଁ ମଧ୍ୟପ୍ରଦେଶକୁ ଯାଉଥିବା ରାଜପଥ ବନ୍ଦ ହୋଇଯାଇଛି । ଅନେକ ଅଞ୍ଚଳରେ ୩ ରୁ ୪ ଫୁଟ ପାଣି ଜମି ରହିଛି । ସମଗ୍ର ରାଜ୍ୟ ଜଳମଗ୍ନ ରହିଛି । ଫଳରେ ପାଣି ଜମା ହେବା ଫଳରେ ବ୍ୟବସାୟୀମାନଙ୍କ ବହୁ କ୍ଷୟକ୍ଷତି ଘଟିଛି ଏବଂ ରାସ୍ତାରେ ଚାଲିବା ମଧ୍ୟ କଷ୍ଟକର ହୋଇପଡିଛି । ଏତିକି ନୁହେଁ ବରଂ ସମରାନିଆନର ପାୱାର ଗ୍ରୀଡ୍ ଷ୍ଟେସନରେ ପାଣି ଜମି ରହିବା ଯୋଗୁଁ, ଆଖପାଖ ଅଞ୍ଚଳ ଦୁଇ ଦିନ ଧରି ଅନ୍ଧାରରେ ରହିଛି । ଏହା ସହିତ ଅନେକ ସ୍ଥାନର ଜିଲ୍ଲା ମୁଖ୍ୟାଳୟଙ୍କ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ତେଣୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଅଗଷ୍ଟ ୨ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକରେ ଛୁଟି ଘୋଷଣା କରିଛି । ଅନ୍ୟପଟେ ଜିଲ୍ଲା କଲେକ୍ଟରଙ୍କ ନିର୍ଦ୍ଦେଶରେ ସମସ୍ତ ବିଭାଗକୁ ସତର୍କ ସୂଚନା ଜାରେ କରାଯାଇଛି । ଏହା ବ୍ୟତୀତ ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି । ମଧ୍ୟପ୍ରଦେଶର କାଲୋରା ପୋଖରୀ ଭାଙ୍ଗିବାର ସମ୍ଭାବନାକୁ ଦୃଷ୍ଟିରେ ରଖି, ସୀମାନ୍ତ ଗ୍ରାମଗୁଡ଼ିକୁ ଖାଲି କରାଯାଉଛି । ଏହାରି ମଧ୍ୟରେ ପ୍ରବଳ ବର୍ଷା ଯୋଗୁଁ ପ୍ରଶାସନ ଲୋକଙ୍କୁ ସତର୍କ ରହିବା ସହିତ ଅତ୍ୟାବଶ୍ୟକ କାମ ନ ପଡିଲେ ବାହାରକୁ ନଯିବାକୁ ଅନୁରୋଧ କରିଛନ୍ତି । ଲୋକଙ୍କ ପାଇଁ ରିଲିଫର ବ୍ୟବସ୍ଥା ଆରମ୍ଭ କରିଛି ପ୍ରଶାସନ । ଏଭଳି ଗମ୍ଭୀର ପରିସ୍ଥିତିରେ ସୁରକ୍ଷାକାରୀ ଟିମକୁ ନିୟୋଜିତ କରାଯାଇଛି ।

## ଡିଜେଲ ଦର ବୃଦ୍ଧିକୁ ନେଇ ପ୍ରତିବାଦ: ୪ ମୃତ, ଅନେକ ଗିରଫ



ଡିଜେଲ ମୂଲ୍ୟ ବୃଦ୍ଧିକୁ ନେଇ ଦୁଇ ଦିନ ହେବ ଚାଲିଥିଲା ଆଙ୍ଗୋଲାର ରାଜଧାନୀ ଲୁଆଣ୍ଡାରେ ହିଂସାତ୍ମକ ପ୍ରତିବାଦ । ଏହି ପ୍ରତିବାଦରେ ଆଙ୍ଗୋଲାର ରାଜଧାନୀ ଲୁଆଣ୍ଡା ପ୍ରକମ୍ପିତ ହୋଇଥିଲା । ପୋଲିସର ସୂଚନା ଅନୁଯାୟୀ, ଏହି ଉତ୍ତେଜନାରେ ଚାରି ଜଣ ପ୍ରାଣ ହରାଇଥିବାବେଳେ ୫୦୦ ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଛି । ଏଥି ସହ ସୋମବାର ଦିନ ସରକାରଙ୍କ ସାମ୍ପ୍ରତିକ ନିଷ୍ପତ୍ତି ଦ୍ୱାରା ଡିଜେଲର ମୂଲ୍ୟ ୩୦ ପ୍ରତିଶତରୁ ଅଧିକ ବୃଦ୍ଧି କରାଯିବା ପରେ ଏହି ଉତ୍ତେଜନା ଆରମ୍ଭ ହୋଇଥିଲା । ଏହି ବୃଦ୍ଧି ସିଧାସଳଖ ମିନିବସ୍ ଟ୍ୟାକ୍ସିଗୁଡ଼ିକୁ ପ୍ରଭାବିତ କରିଥିଲା, ଯାହା ଆଙ୍ଗୋଲାର ସାଧାରଣ ଲୋକଙ୍କ ପାଇଁ ପରିବହନର ସବୁଠାରୁ ଲୋକପ୍ରିୟ ଏବଂ ମିତବ୍ୟୟୀ ମାଧ୍ୟମ । ଟ୍ୟାକ୍ସି ଭଡ଼ାରେ ହଠାତ୍ ବିଶାଳ ବୃଦ୍ଧି ଲୋକଙ୍କ କ୍ରୋଧକୁ ଉତ୍ତେଜିତ କରିଥିଲା, ଯାହା ପରେ ଶହ ଶହ ଲୋକ ରାସ୍ତାକୁ ଓହ୍ଲାଇଥିଲେ । ପୋଲିସ ମୁଖପାତ୍ର ମାଟେୟସ୍ ଡି ଲେମୋସ୍ ରଡ୍ରିଗ୍ସ ମଙ୍ଗଳବାର ଦିନ କହିଛନ୍ତି ଯେ ପ୍ରଦର୍ଶନକାରୀମାନେ ସହରରେ ବହୁତ ଉତ୍ତେଜନା ସୃଷ୍ଟି କରିଛନ୍ତି । ଅନେକ ସ୍ଥାନରେ ଭଙ୍ଗାରୁଜା ହୋଇଛି, ଦୋକାନ ଲୁଟ୍ ହୋଇଛି, ଯାନବାହନ ଏବଂ ବସ୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ରାସ୍ତାରେ ବ୍ୟାରିକେଡ୍ ଲଗାଯାଇଛି ଏବଂ ରାସ୍ତା ଅବରୋଧ କରାଯାଇଛି, ଯାହା ଲୁଆଣ୍ଡାରେ ଅରାଜକତାର ପରିବେଶ ସୃଷ୍ଟି କରିଛି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ କଠୋରତା ଅବଲମ୍ବନ କରିଛି ଏବଂ ଶହ ଶହ ପ୍ରଦର୍ଶନକାରୀଙ୍କୁ ଅଟକ ରଖିଛି । ପୋଲିସ କହିଛି ଯେ ବର୍ତ୍ତମାନ ସହରର ଅଧିକାଂଶ ସ୍ଥାନରେ ଶାନ୍ତି ଫେରି ଆସିଛି । ଏଥି ସହ ଜାଣିରଖନ୍ତୁ ଯେ, ଏହା ପ୍ରଥମ ଥର ନୁହେଁ ଯେ ଆଙ୍ଗୋଲାରେ ଇନ୍ଧନ ମୂଲ୍ୟକୁ ନେଇ ଉତ୍ତେଜନା ଦେଖାଦେଇଛି । ଏହି ମାସ ଆରମ୍ଭରେ, ସମାନ ପ୍ରସଙ୍ଗରେ ବିରୋଧ ପ୍ରଦର୍ଶନ ହୋଇଥିଲା । ସେହି ସମୟରେ, ହ୍ୟୁମାନ୍ ରାଇଟ୍ସ ୱାଚ୍ ପୋଲିସ ଉପରେ ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କ ବିରୁଦ୍ଧରେ ଅତ୍ୟଧିକ ବଳ ପ୍ରୟୋଗ କରିବାର ଅଭିଯୋଗ ଆଣିଥିଲା । ପ୍ରତିବାଦ ଉପରେ କଠୋରତାର ଅଭିଯୋଗ ଆଙ୍ଗୋଲାରେ ନୂଆ ନୁହେଁ । ଏଠାରେ ଶାସକ ଦଳ, ପିପୁଲ୍ସ ମୁଭମେଣ୍ଟ ଫର୍ ଦି ଲିବରେସନ ଅଫ୍ ଆଙ୍ଗୋଲା (ଗଚଖଇ), ୧୯୭୫ ମସିହାରେ ପର୍ତ୍ତୁଗାଲଠାରୁ ସ୍ୱାଧୀନତା ପାଇବା ପରଠାରୁ ନିରନ୍ତର କ୍ଷମତାରେ ରହିଛି । ଅନେକ ଲୋକ ଲୋକଙ୍କ ସ୍ୱରକୁ ଦମନ କରିବା ପାଇଁ ସରକାର କଠୋର ପଦକ୍ଷେପ ନେଉଥିବା ଅଭିଯୋଗ କରନ୍ତି । ଆଙ୍ଗୋଲା ଆଫ୍ରିକାର ଦକ୍ଷିଣ ଭାଗରେ ଅବସ୍ଥିତ ଏକ ସୁନ୍ଦର ଦେଶ, ଯାହା ଏହାର ପ୍ରାକୃତିକ ସମ୍ପତ୍ତି, ବିଶେଷକରି ତେଲ ଏବଂ ହୀରା ପାଇଁ ପ୍ରସିଦ୍ଧ । ଏହାର ରାଜଧାନୀ ଲୁଆଣ୍ଡା ଏହାର ସୁନ୍ଦର ବେଳାଭୂମି ଏବଂ ମହାନ ସଂସ୍କୃତି ପାଇଁ ଜଣାଶୁଣା । କିନ୍ତୁ ଏହା ସତ୍ତ୍ୱେ, ଏହି ଦେଶର ସାଧାରଣ ଲୋକମାନେ ମୁଦ୍ରାସ୍ଫୀତି, ବେକାରୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଥି ସହ ଇନ୍ଧନ ମୂଲ୍ୟ ବୃଦ୍ଧି ଭଳି ନିଷ୍ପତ୍ତି ଲୋକଙ୍କ କ୍ରୋଧକୁ ଉତ୍ତେଜିତ କରେ ଏବଂ ସେମାନେ ରାସ୍ତାକୁ ବାହାରି ଆସନ୍ତି ।

## ଭାରତୀୟ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ଲଗାଇବା ପାଇଁ ଇସାରା ଦେଲେ ଟ୍ରମ୍ପ

ନୂଆଦିଲ୍ଲୀ : ମଙ୍ଗଳବାର ଦିନ ସାମ୍ନାକୁ ଆସିଲା ଡୋନାଲ୍ଡ ଟ୍ରମ୍ପଙ୍କ ବଡ଼ ବୟାନ । ଯେଉଁଥିରେ ସେ କହିଛନ୍ତି ଯ,ଭାରତ ଉପରେ ୨୦ରୁ ୨୫ ପ୍ରତିଶତ ଆମଦାନୀ ଶୁଳ୍କ ଲାଗୁ କରାଯାଇପାରିବ । ତଥାପି ଏ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ ବୋଲି ମଧ୍ୟ ସେ ସ୍ପଷ୍ଟ କରିଛନ୍ତି । ସୂଚନାନୁଯାୟୀ, ଟ୍ରମ୍ପ କହିଛନ୍ତି ଯେ, ଭାରତ ଏକ ଭଲ ବନ୍ଧୁ । ଏହା ସହିତ ସେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ଆଣିଥିବା ଦାବି କରିଥିଲେ । ଯାହା ଗୋଟିଏ ବଡ଼ ପଦକ୍ଷେପ ରହିଥିଲା । ଆହୁରି ମଧ୍ୟ ଭାରତ ଗତ କିଛି ବର୍ଷ ଧରି ଧରି ଅନେକ ଦେଶ ଅପେକ୍ଷା ଆମେରିକୀୟ ସାମଗ୍ରୀ ଉପରେ ସର୍ବାଧିକ ଶୁଳ୍କ ଲଗାଇଛି ବୋଲି ଟ୍ରମ୍ପ କହିଥିଲେ । ମଙ୍ଗଳବାର ଦିନ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିକୁ ନେଇ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ହୋଇନାହିଁ ବୋଲି ସ୍ପଷ୍ଟ କରି କହିଛନ୍ତି ଟ୍ରମ୍ପ । ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ ହେବାକୁ ଥିବା ଆଲୋଚନା ପାଇଁ ଅଗଷ୍ଟ ୨୫ରେ ଭାରତ ଆସିବେ ଆମେରିକାର ଦଳ ବୋଲି ଜଣେ ଅଧିକାରୀ କହିଛନ୍ତି । ଅଧିକାରୀଙ୍କ ଲକ୍ଷ୍ୟ ହେଉଛି ସେପ୍ଟେମ୍ବର କିମ୍ବା ଅକ୍ଟୋବର ସୁଦ୍ଧା ଏକ ବ୍ୟାପକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା କରିବା । ଭାରତ ଏବଂ ଆମେରିକା ମଧ୍ୟରେ କିଛି କ୍ଷେତ୍ରରେ ପାର୍ଥକ୍ୟ ରହିଛି । ଭାରତ ନିଜର ମତରେ ସାଲିସ କରିନାହିଁ, ବିଶେଷକରି କୃଷି ଏବଂ ଦୁଗ୍ଧ କ୍ଷେତ୍ରରେ । ଭାରତ ସୋୟାବିନ୍ ଏବଂ ମକା ଆମଦାନୀକୁ ଏବେ ବି ବିରୋଧ କରେ । ଅନ୍ୟପଟେ ଟ୍ରମ୍ପ ବିଭିନ୍ନ ଦେଶକୁ ଚେତାବନୀ ଦେଇଥିଲେ ଯେ, ଯେଉଁ ଦେଶ ଆମେରିକା ସହିତ ବାଣିଜ୍ୟ ଚୁକ୍ତି କରିନାହାଁନ୍ତି ସେମାନଙ୍କଠାରୁ ଆମେରିକା ୧୫ ରୁ ୨୫ ପ୍ରତିଶତର ଆମଦାନୀ ଶୁଳ୍କ ଆଦାୟ କରିପାରିବ । ଏହା ଏପ୍ରିଲ ମାସରେ ଟ୍ରମ୍ପ୍ ସ୍ଥିର କରିଥିବା ୧୦ ପ୍ରତିଶତ ମୂଳ ଶୁଳ୍କ ଅପେକ୍ଷା ବହୁତ ଅଧିକ । ଟ୍ରମ୍ପଙ୍କ ଏଭଳି ନିଷ୍ପତ୍ତି ଛୋଟ ଦେଶମାନଙ୍କ ଉପରେ ଆର୍ଥିକ ଚାପ ପକାଇବ ।

## ପୁଣି ଏକ ବୋଇଂ ୭୭୭ ବିମାନରେ ନିଆ



ନୂଆଦିଲ୍ଲୀ : ପୁଣି ଏକ ବୋଇଂ ବିମାନରେ ନିଆଁ । ଜରୁରୀ ଅବତରଣ କଲା ବିମାନ । ତୁର୍କୀର ଆଣ୍ଟାଲିଆ ବିମାନବନ୍ଦରରେ ଅବତରଣ କରିଛି । ସମସ୍ତ ଯାତ୍ରୀଙ୍କୁ ଆପତ୍ତକାଳୀନ ଦ୍ୱାର ଦେଇ ସୁରକ୍ଷିତ ଉଦ୍ଧାର କରାଯାଇଛି । ଖବର ମୁତାବକ, ତୁର୍କୀ ଏୟାରଲାଇନ୍ସର ବୋଇଂ ୭୭୭ର ଲାଣ୍ଡିଂ ଗିୟରରେ ଧୂଆଁ ଦେଖାଯିବା ଯୋଗୁଁ ବିମାନଟି ଜରୁରୀ ଅବତରଣ କରିଥିଲା । ତୁର୍କୀର ଆଣ୍ଟାଲିଆ ବିମାନବନ୍ଦରରେ ଅବତରଣ କରିବା ସମୟରେ ବିମାନରେ ଧୂଆଁ ଦେଖାଯାଇଥିଲା । ତୁର୍କୀ ଏୟାରଲାଇନ୍ସର ସିନିୟର ଭାଇସ୍ ପ୍ରେସିଡେଣ୍ଟ କମ୍ୟୁନିକେସନ୍ସ ୟାହ୍ୟା ଉସ୍ତୁନ୍ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ତୁର୍କୀ ଭାଷାରେ ଲେଖିଛନ୍ତି, “ ଭାବରେ ପଞ୍ଜୀକୃତ ଆମର ବୋଇଂ ୭୭୭ ବିମାନର ସାଧାରଣ ଅବତରଣ ପରେ, ଇସ୍ତାନବୁଲରୁ ଆଣ୍ଟାଲିଆକୁ ଝକ୨୪୩୦ ଉଡ଼ାଣ ଭରୁଥିବା ବେଳେ ଟ୍ୟାକ୍ସିୱେରେ ଲ୍ୟାଣ୍ଡିଂ ଗିଅରରୁ ଧୂଆଁ ଦେଖାଯାଇଥିଲା । ଏହାପରେ ସମସ୍ତ ଯାତ୍ରୀଙ୍କୁ ସ୍ଲାଇଡ ବ୍ୟବହାର କରି ସୁରକ୍ଷିତ ଉଦ୍ଧାର କରାଯାଇଥିଲା । ଯାତ୍ରୀମାନଙ୍କ ପାଇଁ ଅନ୍ୟ ବିମାନ ବ୍ୟବସ୍ଥା କରାଯାଇଛି । ଆମ ଟିମ୍ ସମସ୍ତଙ୍କ ସହିତ ସହଯୋଗ କରୁଛି । ହାଇଡ୍ରୋଲିକ୍ ପାଇପରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଧୂଆଁ ବାହାରିଥିଲା ବୋଲି ଜଣାପଡିଛି ।

## ସବୁଦିନ ପର୍ଯ୍ୟନ୍ତ ସ୍ଥଗିତ ରହିବ ସିନ୍ଧୁ ଜଳ ଚୁକ୍ତି: ଜୟଶଙ୍କର

ନୂଆଦିଲ୍ଲୀ : ରାଜ୍ୟସଭାରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଅପରେସନ ସିନ୍ଦୂର ଉପରେ ଆଲୋଚନା ଆରମ୍ଭ କରିଛନ୍ତି । ବୈଦେଶିକ ମନ୍ତ୍ରୀ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବା ନିଷ୍ପତ୍ତିକୁ ପହଲଗାମ ଆକ୍ରମଣ ପରେ ନିଆଯାଇଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବର୍ଣ୍ଣନା କରି କରିଛନ୍ତି । ରାଜ୍ୟସଭାରେ ପହଲଗାମ ଆକ୍ରମଣ ପରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡ଼ିକର ତାଲିକା ଦେଇ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି , ପାକିସ୍ତାନୀ ନାଗରିକଙ୍କ ଭିସା ବାତିଲ କରିଛୁ । ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଆହୁରି କହିଛନ୍ତି, ଭାରତ ବର୍ଷ ବର୍ଷ ଧରି ସୀମାପାର ଆତଙ୍କବାଦର ଶିକାର ହୋଇଆସୁଛି । ଆମେ ଯାହା କହିବୁ ତାହା କରିବୁ। ଆତଙ୍କବାଦକୁ ଏକ ବିଶ୍ୱସ୍ତରୀୟ ଏଜେଣ୍ଡା କରିଥିଲୁ । ମୋଦି ସରକାରଙ୍କ ପ୍ରୟାସ ଯୋଗୁଁ ଏହା ହୋଇପାରିଛି । ଆଜି ଆତଙ୍କବାଦୀଙ୍କ ପାଣି ବନ୍ଦ ହୋଇଯାଇଛି ବୋଲି ଗୃହରେ ପ୍ରତିକ୍ରିୟା ଦେଇଛନ୍ତି ବୈଦେଶିକ ମନ୍ତ୍ରୀ । କେବଳ ଏହି ପ୍ରସଙ୍ଗ ନୁହେଁ ସିନ୍ଧୁ ଜଳ ଚୁକ୍ତି ନେଇ ପୁଣି ପାକିସ୍ତାନକୁ ଚେତାବନୀ ଦେଇଛନ୍ତି ବୈଦେଶିକ ମନ୍ତ୍ରୀ । ସେ କହିଛନ୍ତି କି, ଯଦି ପାକିସ୍ତାନ ଏଭଳି ଭାବେ ଆତଙ୍କବାଦକୁ ସମର୍ଥନ ଜାରି ରଖେ ତେବେ ସବୁଦିନ ପାଇଁ ସିନ୍ଧୁ ନଦୀର ଜଳ ବନ୍ଦ ରହିବ ।

## ଅନୁପ୍ରବେଶ ଉଦ୍ୟମ ପଣ୍ଡ: ସେନା ଗୁଳିରେ ଟଳିଲେ ୨ ଆତଙ୍କବାଦୀ

ନୂଆଦିଲ୍ଲୀ : ଅପରେସନ ମହାଦେବ ପରେ ଆକ୍ସନ ମୁଡରେ ଭାରତୀୟ ସେନା। ୨୪ ଘଣ୍ଟା ମଧ୍ୟରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମ ପଣ୍ଡ ହୋଇଛି। ବୁଧବାର ଦିନ ସୁରକ୍ଷାବାହିନୀ ଜମ୍ମୁ ଓ କାଶ୍ମୀରର ପୁଞ୍ଚ ଜିଲ୍ଲାର ନିୟନ୍ତ୍ରଣ ରେଖା (ଖକ୍ଟଉ) ନିକଟରେ ଏକ ଅନୁପ୍ରବେଶ ପ୍ରୟାସକୁ ବିଫଳ କରି ଦୁଇ ପାକିସ୍ତାନୀ ଆତଙ୍କବାଦୀଙ୍କୁ ନିପାତ କରିଛନ୍ତି । ପୁଞ୍ଚର ଦେଘୱାର ସେକ୍ଟରରେ ସର୍ଚ୍ଚ ଅପରେସନ ଚାଲିଛି, ଯେଉଁଠାରେ ଖକ୍ଟଉ ନିକଟରେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି ଚିହ୍ନଟ ହୋଇଥିଲା। ଆତଙ୍କବାଦୀମାନେ ପାକିସ୍ତାନ ଅଧିକୃତ କାଶ୍ମୀରରୁ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ବେଳେ ଭାରତୀୟ ସୈନ୍ୟମାନେ ସେମାନଙ୍କୁ ଅଟକାଇ ଗୁଳି କରି ନିହତ କରିଥିଲେ। ସର୍ଚ୍ଚ ଅପରେସନ ଏବେ ବି ଜାରି ରହିଛି, ଅଞ୍ଚଳଟିକୁ ସୁରକ୍ଷିତ କରିବା ପାଇଁ ଅତିରିକ୍ତ ସୈନ୍ୟ ମୁତୟନ କରାଯାଇଛି। ସୂଚନାଥାଉକି, ଗତ ସୋମବାର ଦିନ ଜମ୍ମୁ ଓ କାଶ୍ମୀରର ଶ୍ରୀନଗରର ମହାଦେବ ପର୍ବତ ନିକଟରେ ଲିଡୱାସ ଅଞ୍ଚଳରେ ଆତଙ୍କବାଦ ବିରୋଧୀ ଅଭିଯାନ ଚଳାଇଥିଲା। ଆଉ ଅପରେସନ ମହାଦେବ ଜରିଆରେ ସୋମବାର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ସହ ଜଡିତ ଥିବା ଆତଙ୍କବାଦୀଙ୍କୁ ନିପାତ କରିଥିଲେ ସୁରକ୍ଷାବାହିନୀ। ସୁଲେମାନ ଓରଫ ଆସିଫ ପହାଲଗାମ ଆକ୍ରମଣର ମୁଖ୍ୟ ଷଡଯନ୍ତ୍ରକାରୀ ଥିଲା, ଯାହାକୁ ନିପାତ କରାଯାଇଥିଲା। ସୁରକ୍ଷା ବାହିନୀର ଏନକାଉଣ୍ଟରରେ ତିନି ଜଣ ଆତଙ୍କବାଦୀ ନିହତ ହୋଇଥିଲେ ବୋଲି ଭାରତୀୟ ସେନା ପକ୍ଷରୁ କୁହାଯାଇଥିଲା। ଅନ୍ୟ ଦୁଇ ଜଣ ନିପାତ ହୋଇଥିବା ଆତଙ୍କବାଦୀ ହେଲେ ଜିବ୍ରାନ ଯିଏ ଗତ ବର୍ଷ ସୋନମାର୍ଗ ଟନେଲ ଆକ୍ରମଣରେ ଜଡ଼ିତ ଥିଲା ଏବଂ ହମଜା ଆଫଘାନୀ।

## ଆଜି ନାସା ଓ ଇସ୍ରୋର ମିଳିତ ଉଦ୍ୟମରେ ଲଞ୍ଚ ହେଲା 'ନିସାର' ସାଟେଲାଇଟ୍



ନୂଆଦିଲ୍ଲୀ : ଆଉ ଥରେ ଇତିହାସ ରଚିବ ଇସ୍ରୋ, ଆଜି ବିଶ୍ୱର ସବୁଠାରୁ ଦାମୀ ସାଟେଲାଇଟ୍ 'ନିସାର' ଉତକ୍ଷେପଣ ହେଇଛି । ଏହାକୁ ନାସା ଓ ଇସ୍ରୋର ମିଳିତ ଉଦ୍ୟମରେ ଲଞ୍ଚ କରାଯାଇଛି । ନିଜ ନାଁରେ ଆଉ ଏକ ଇତିହାସ ଲେଖିବା ଅପେକ୍ଷାରେ ଇସ୍ରୋ ଥିବା ବେଳେ ସଂଧ୍ୟା ୫ଟା ୪୦କୁ ଅପେକ୍ଷା କରିଥିଲା । ଯେତେବେଳେ ମହାକାଶକୁ ଉତକ୍ଷେପଣ ହୋଇଥିଲା ବିଶ୍ୱର ସବୁଠାରୁ ଦାମୀ ସାଟେଲାଇଟ୍ 'ନିସାର' । ଆଜି ଲଞ୍ଚ ହେଇଛି ସାଟେଲାଇଟ୍ 'ନିସାର' । ଯାହା ବିଶ୍ୱର ସବୁଠାରୁ ଦାମୀ ସାଟେଲାଇଟ୍। ଏହାକୁ ନାସା ଓ ଇସ୍ରୋର ମିଳିତ ଉଦ୍ୟମରେ ଲଞ୍ଚ କରାଯାଇଛି । ଶ୍ରୀହରିକୋଟା ସ୍ଥିତ ଶତିସ ଧୱନ ମହାକାଶ କେନ୍ଦ୍ରରୁ ସନ୍ଧ୍ୟା ୫ଟା ୪୦ରେ ଏହାର ଉତକ୍ଷେପଣ କରାଯାଇଛି । ଜିଏସଏଲଭି-ଏଫ୧୬ ରକେଟ୍ ଦ୍ୱାରା ସାଟେଲାଇଟ୍ 'ନିସାର'ର ଉତକ୍ଷେପଣ କରାଯାଇଛି । ଭୂପୃଷ୍ଠରୁ ୭୪୩ କିଲୋମିଟର ଉଚ୍ଚରେ ପୃଥିବୀର ଚକ୍କର କାଟିବ ନିସାର । ୧୨ ଦିନରେ ୧,୨୭୩ର ପୃଥିବୀର ଚକ୍କର କାଟିବ ନିସାର ସାଟେଲାଇଟ୍ । ଆଉ ଏତିକି ସମୟ ଭିତରେ ଭୂପୃଷ୍ଠର ପ୍ରତ୍ୟେକ ଇଞ୍ଚର ମ୍ୟାପ୍ ପ୍ରସ୍ତୁତ କରି ତଥ୍ୟ ପଠାଇବ । ପାରମ୍ପରିକ ସାଟେଲାଇଟ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ 'ନିସାର '। ପୃଥିବୀରେ ଦ୍ରୁତ ଗତିରେ ହେଉଥିବା ପାଣିପାଗ ପରିବର୍ତ୍ତନକୁ ବୁଝିବା ପାଇଁ ସକ୍ଷମ ନୁହେଁ ପାରମ୍ପରିକ ସାଟେଲାଇଟ୍। ଆଉ ଏହାକୁ ଦୃଷ୍ଟିରେ ରଖି 'ନିସାର'କୁ ବିକଶିତ କରିଛନ୍ତି ବୈଜ୍ଞାନିକ । ଇସ୍ରୋ ପୂର୍ବରୁ ପୃଥିବୀ ଅଧ୍ୟୟନ ପାଇଁ ଏପରି ମିଶନ ପଠାଇଛି, କିନ୍ତୁ ସେଗୁଡ଼ିକ ମୁଖ୍ୟତଃ ଭାରତୀୟ କ୍ଷେତ୍ର ଉପରେ କେନ୍ଦ୍ରିତ ଥିଲା। ଇସ୍ରୋ କହିଛି ଯେ ନିସାର ମିଶନର ଲକ୍ଷ୍ୟ ହେଉଛି ସମଗ୍ର ପୃଥିବୀ ଉପରେ ଅଧ୍ୟୟନ କରିବା ଏବଂ ଏହା ସମଗ୍ର ବିଶ୍ୱର ବୈଜ୍ଞାନିକ ସମ୍ପ୍ରଦାୟକୁ ଲାଭ ପହଞ୍ଚାଇବ। ନିସାର ଉପଗ୍ରହ ହିମାଳୟ ଏବଂ ଆଣ୍ଟାର୍କଟିକା, ଉତ୍ତର ଏବଂ ଦକ୍ଷିଣ ମେରୁରେ ଅବସ୍ଥିତ ହିମବାହ, ଉତ୍ତର ଏବଂ ଦକ୍ଷିଣ ମେରୁରେ ଅବସ୍ଥିତ ହିମବାହ ଉପରେ ଜଳବାୟୁ ପରିବର୍ତ୍ତନ, ଜଙ୍ଗଲର ଅବସ୍ଥା, ପର୍ବତଗୁଡ଼ିକର ଅବସ୍ଥାରେ ପରିବର୍ତ୍ତନ ଇତ୍ୟାଦି ଅଧ୍ୟୟନ କରିବାରେ ସାହାଯ୍ୟ କରିବ। ଏହା ସହିତ, ନିସାର ମିଶନର ଲକ୍ଷ୍ୟ ହେଉଛି ଆମେରିକା ଏବଂ ଭାରତୀୟ ବୈଜ୍ଞାନିକ ସମ୍ପ୍ରଦାୟର ସାଧାରଣ ସ୍ୱାର୍ଥ କ୍ଷେତ୍ରରେ ଭୂମି ଏବଂ ବରଫ, ଭୂମି ପରିସଂସ୍ଥା ଏବଂ ସାମୁଦ୍ରିକ କ୍ଷେତ୍ରର ଅବସ୍ଥା ଅଧ୍ୟୟନ କରିବା । ଏହା ବିପର୍ଯ୍ୟୟ ପୂର୍ବାନୁମାନ କରିବାରେ ମଧ୍ୟ ସାହାଯ୍ୟ କରିବ।

## ଆଇଟିବିପି ଯବାନଙ୍କୁ ନେଇ ଯାଉଥିବା ବସ୍ ନଦୀକୁ ଖସିଲା



ଜମ୍ମୁ କଶ୍ମୀର: ଜମ୍ମୁ କଶ୍ମୀର ଗାନ୍ଦରବଲ ଜିଲ୍ଲାରେ ସୁରକ୍ଷାକର୍ମୀଙ୍କୁ ନେଇ ଯାଉଥିବା ଏକ ବସ୍ ନଦୀରେ ଖସିପଡିଛି । ଆଇଟିବିପି ଯବାନଙ୍କୁ ନେଇ ଯାଉଥିବା ବସ୍ ପ୍ରବଳ ବର୍ଷା ଯୋଗୁଁ କୁଲ୍ଲନରେ ସିନ୍ଧ ନଦୀରେ ଖସିପଡିଛି । ଦୁର୍ଘଟଣା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି । ଖବର ମୁତାବକ, ଜମ୍ମୁ କଶ୍ମୀର ଗାନ୍ଦରବଲ ଜିଲ୍ଲାରେ ଆଇଟିବିପି ଯବାନଙ୍କୁ ନେଇ ଯାଉଥିବା ଏକ ବସ୍ କୁଲ୍ଲନରେ ସିନ୍ଧ ନଦୀରେ ଖସିପଡିଛି । ପ୍ରବଳ ବର୍ଷା ଯୋଗୁଁ ବସଟି ନଦୀରେ ଖସିପଡିଛି । ବସରେ ଥିବା ଯବାନଙ୍କୁ ଉଦ୍ଧାର ପାଇଁ ସର୍ଚ୍ଚ ଅପରେସନ ଜାରି ରହିଛି । କିନ୍ତୁ ଏଯାଏଁ କୌଣସି ଯବାନଙ୍କ ପତ୍ତା ମିଳିନାହିଁ ।

# ଆଜିଠୁ ଅନ୍ତିମ ଟେଷ୍ଟ : ଭାରତ ପାଇଁ ଅସଲ ଅଗ୍ନିପରୀକ୍ଷା

ନୂଆଦିଲ୍ଲୀ,୩୦।୭(ଏଜେନସି): ଇଂଲଣ୍ଡ ଓ ଭାରତ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପଞ୍ଚମ ତଥା ଶେଷ ଟେଷ୍ଟ ଆସନ୍ତାକାଲି ଓଭାଲରେ ଖେଳାଯିବ। ଓଲ୍ଡ ଟ୍ରାଫର୍ଡରେ ଖେଳା ଯାଇଥିବା ଚତୁର୍ଥ ଟେଷ୍ଟକୁ ଡ୍ର ରଖି ଭାରତ ସିରିଜ୍‌କୁ ଜୀବନ୍ତ ରଖି ପାରିଛି ଶେଷ ଟେଷ୍ଟ ଜିତି ସିରିଜ୍ ବରାବର କରିବା ଲକ୍ଷ୍ୟ ନେଇ ଭାରତ ମଇଦାନକୁ ଓହ୍ଲାଇବ। ଅନ୍ୟପଟେ ଇଂଲଣ୍ଡ ଓଭାଲ ଟେଷ୍ଟ ଜିତି ସିରିଜ୍ ୩-୧ରେ ଜିତିବାକୁ ଲକ୍ଷ୍ୟ ରଖିଛି। ମାଞ୍ଚେଷ୍ଟର ଟେଷ୍ଟରେ ଭାରତ ପରାଜୟର ଦ୍ୱାର ଦେଶରେ ଯାଇ ଯେଉଁଭଳି ଭାବେ ବ୍ୟାଟିଂ କରି ମ୍ୟାଚ୍‌କୁ ଡ୍ର କରାଇ ପାରିଛି, ସେଥିରେ ଦଳର ମନୋବଳ ବେଶ ଉର୍ଦ୍ଧ୍ୱରେ ରହିଛି ।

ଟିମ୍ ଇଣ୍ଡିଆର ୟର୍କର କିଙ୍ଗ୍ ଜସପ୍ରିତ ବୁମରାହ ଓଭାଲରେ ଆରମ୍ଭ ହେଉଥିବା ଇଂଲଣ୍ଡ ବିପକ୍ଷରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ପଞ୍ଚମ ଓ ଶେଷ ଟେଷ୍ଟ ଖେଳିବେ ନାହିଁ 'କ୍ରିକ୍ ଇନଫୋ'ର ରିପୋର୍ଟରେ ଏହା ଦାବି କରାଯାଇଛି। କୁହାଯାଇଛି ଯେ ବିସିସିଆଇ (ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ) ଡାକ୍ତରୀ ଦଳ ବୁମରାହଙ୍କୁ କହିଛି ଯେ ତାଙ୍କ ପିଠିରେ ଆଘାତ ଓ ଭବିଷ୍ୟତ କ୍ୟାରିୟରର ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ଆଶ୍ଚର୍ଯ୍ୟଜନକ ନୁହେଁ। କାରଣ ପୂର୍ବରୁ ସ୍ଥିର ହୋଇଥିଲା ଯେ ବୁମରାହ ଇଂଲଣ୍ଡ ଗସ୍ତରେ ପାଞ୍ଚଟି ଟେଷ୍ଟ ମଧ୍ୟରୁ କେବଳ ତିନୋଟି ଟେଷ୍ଟ ଖେଳିବେ। ବୁମରାହ





ହେଡିଂଲି (ଲିଡ୍ସ) ରେ ପ୍ରଥମ ଟେଷ୍ଟ ଖେଳିଥିଲେ। ଏଜବାଷ୍ଟନ (ବର୍ମିଂହାମ) ରେ ଦ୍ୱିତୀୟ ଟେଷ୍ଟ ଖେଳି ନଥିଲେ (ଯାହା ଭାରତ ଜିତିଥିଲା)। ଏହି ଟେଷ୍ଟରେ ବାମହାତୀ ଦ୍ରୁତ ବୋଲର ୨୬ ବର୍ଷୀୟ ଅର୍ଶଦୀପ ସିଂହ ଡେବ୍ୟୁ କରିବାର ସମ୍ଭାବନା ରହିଛି। ଏନେଇ ଆଜି ଭାରତୀୟ ଟେଷ୍ଟ ଟିମର ଅଧିନାୟକ ଶୁବମନ ଗିଲ ବଡ଼ ସଙ୍କେତ ଦେଇଛନ୍ତି।ଭାରତ ପାଇଁ ପୂର୍ବରୁ ଟି-୨୦ ଓ ଦିନିକିଆରେ ଅର୍ଶଦୀପ ସିଂହ ଡେବ୍ୟୁ କରି ସାରିଛନ୍ତି। ଇଂଲଣ୍ଡ ବିପକ୍ଷ ୪ର୍ଥ ଟେଷ୍ଟରେ ସେ ନାଲି ବଲ କ୍ରିକେଟରେ ଭାରତ ପାଇଁ ଡେବ୍ୟୁ କରିବା ନିଶ୍ଚିତ ଥିଲା।

କିନ୍ତୁ ଆହତ ସମସ୍ୟା ଯୋଗୁ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇ ନଥିଲା ।ତାଙ୍କ ବଦଳରେ ପୂର୍ବରୁ ଭାରତୀୟ ଟେଷ୍ଟ ସ୍କ୍ୱାଡରେ ନଥିବା ଅଂଶୁଲ କମ୍ବୋଜଙ୍କୁ ଭାରତରୁ ଡକା ଯାଇଥିଲା ଓ ସେ ଇଂଲଣ୍ଡ ବିପକ୍ଷରେ ଡେବ୍ୟୁ କରିଥିଲେ। ଏବେ ଅର୍ଶଦୀପ ସିଂହ ଫିଟ ହୋଇ ସାରିଥିବାରୁ କମ୍ବୋଜଙ୍କ ସ୍ଥାନରେ ସେ ୫ମ ଟେଷ୍ଟରେ ଭାରତ ପାଇଁ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ରହିଛି ।ଭାରତ ପାଇଁ ୬୩ଟି ଟି-୨୦ ଖେଳି ଅର୍ଶଦୀପ ୯୯ଟି ଓ ୯ଟି ଦିନିକିଆରେ ୧୪ଟି ସଫଳତା ପାଇଛନ୍ତି।

ଅର୍ଶଦୀପ ଆସନ୍ତାକାଲି ଚୂଡ଼ାନ୍ତ ଏକାଦଶରେ ସାମିଲ ହେବାର ସଙ୍କେତ ଆଜି ଅଧିନାୟକ ଗିଲ ସାମ୍ବାଦିକ ସମ୍ମିଳନୀ ବେଳେ ଦେଇଛନ୍ତି। ସେହିପରି ଚୂଡ଼ାନ୍ତ ଏକାଦଶରେ ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର ଦୁଇ ପ୍ରମୁଖ ସ୍ପିନର ଭାବେ ରହିବେ ବୋଲି ଗିଲ ନିଶ୍ଚିତ କରିଛନ୍ତି ।ଏହାର ଅର୍ଥ କୁଳଦୀପ ଯାଦବ ବାକି ୪ ମ୍ୟାଚ୍ ଭଳି ଆସନ୍ତାକାଲି ମଧ୍ୟ ବେଞ୍ଚରେ ବସିବେ। ଅର୍ଶଦୀପ କଣ ଡେବ୍ୟୁ କରିବେ ଓ ଇଂଲଣ୍ଡ ତାର ପ୍ରମୁଖ ସ୍ପିନର ଲିଆମ ଡାସନଙ୍କୁ ୫ମ ଟେଷ୍ଟରୁ ବାଦ ଦେବା ପ୍ରସଙ୍ଗରେ ଗିଲଙ୍କୁ ପ୍ରଶ୍ନ କରାଯାଇଥିଲା ।ଏହାର ଜବାବରେ ଗିଲ କହିଛନ୍ତି, ଅର୍ଶଦୀପ ସିଂହଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି କିନ୍ତୁ ପିଚ୍‌କୁ ଦେଖିବା ପରେ ଆମେ ଚୂଡ଼ାନ୍ତ ଏକାଦଶ ଉପରେ ନିଷ୍ପତ୍ତି ନେବୁ ଇଂଲଣ୍ଡ ତାର ପ୍ରମୁଖ ସ୍ପିନରଙ୍କ ବିନା ମ୍ୟାଚ ଖେଳିବ।

ଏହି ମ୍ୟାଚ୍ ପାଇଁ ଇଂଲଣ୍ଡ ନିଜର ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି। ଆହତ କାରଣରୁ ଅଧିନାୟକ ବେନ ଷ୍ଟୋକ୍ସ ପଞ୍ଚମ ଟେଷ୍ଟରୁ ବାହାରି ଯାଇଛନ୍ତି। ତାଙ୍କ ସ୍ଥାନରେ ଓଲି ପୋପଙ୍କୁ ଦଳର ଅଧିନାୟକ ଦାୟିତ୍ୱ ଦିଆଯାଇଛି। ଘରୋଇ ଦଳ ନିଜର ଚୂଡ଼ାନ୍ତ ଏକାଦଶରେ ଚାରୋଟି ବଡ଼ପରିବର୍ତ୍ତନ କରିଛି। ଅଧିନାୟକ ବେନ ଷ୍ଟୋକ୍ସ ଆହତ କାରଣରୁ ବାଦ୍ ପଡ଼ିବା ଇଂଲଣ୍ଡ ଦଳକୁ ବଡ଼ ଝଟକା ଲାଗିଛି। କାରଣ ଷ୍ଟୋକ୍ସ ସିରିଜରେ ଉଭୟ ବ୍ୟାଟିଂ ଓ ବୋଲିଂରେ ଦମଦାର ପ୍ରଦର୍ଶନ କରୁଥିଲେ। ସେ ବ୍ୟାଟିଂରେ ୩୦୪ ରନ କରିବା ସହ ବୋଲିଂରେ ୧୭ ୱିକେଟ୍ ନେଇ ସିରିଜ୍‌ରେ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ଥିଲେ। ଷ୍ଟୋକ୍ସଙ୍କ ସହ ସ୍ପିନର ଲିୟାମ ଡାସନ, ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଓ ବ୍ରାଇଡନ କାର୍ସଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ୍ ଦିଆଯାଇଛି ।ଏହି ଚାରି ଜଣଙ୍କ ସ୍ଥାନରେ ଜ୍ୟାକବ ବେଥେଲ, ଗସ ଏଟକିନ୍‌ସନ, ଜେମି ଓଭରଟନ ଓ ଜୋଶ ଟଙ୍ଗଙ୍କୁ ସାମିଲ କରାଯାଇଛି।

ଜ୍ୟାକ କ୍ରାଉଲି, ବେନ ଡକେଟ୍, ଓଲି ପୋପ(ଅଧିନାୟକ), ଜୋ ରୁଟ୍, ହ୍ୟାରି ବ୍ରୁକ, ଜ୍ୟାକବ ବେଥେଲ, ଜେମି ସ୍ମିଥ(ୱିକେଟ୍ କିପର), କ୍ରିସ ୱୋକ୍ସ, ଗସ ଏଟକିନ୍‌ସନ, ଜେମି ଓଭରଟନ, ଜୋଶ ଟଙ୍ଗ

## ଜାଡ଼େଜା ଓ ସୁଦର୍ଶନଙ୍କୁ ସମର୍ଥନ କଲେ ବୟକଟ୍

ଓଭାଲ୍,୩୦।୭: ପ୍ରଥମେ ଇଂଲଣ୍ଡ ଖେଳାଳି ସ୍ଲେଜିଂ ଓ ସମୟ ଅପଚୟ କରି ବିବାଦ ଥମିନଥିବାବେଳେ ଏବେ ଓଲ୍ଡ ଟ୍ରାଫୋର୍ଡ ଟେଷ୍ଟକୁ ନେଇ ଆଉ ଏକ କ୍ରିକେଟ୍ ନିଆଁ କୁହୁଳିବାରେ ଲାଗିଛି। ପରାଜୟ ମୁହଁରୁ ଫେରି ଭାରତ ଲଢୁଆ। ଡ୍ର କରିବା ପରେ ଇଂଲଣ୍ଡର ଏକ ହୀନ ଆଭିମୁଖ୍ୟ ଚର୍ଚ୍ଚାକୁ ଆସିଛି। ଯାହାକୁ ନେଇ ଖୋଦ୍ ଇଂଲଣ୍ଡ ଖେଳାଳିଙ୍କ ଉପରେ ଖପ୍ପା ହୋଇଯାଇଛନ୍ତି ପୂର୍ବତନ ଇଂଲଣ୍ଡ ଖେଳାଳି। ପୂର୍ବତନ ଇଂଲଣ୍ଡ ବ୍ୟାଟ୍ସମ୍ୟାନ୍



ଜିଓଫ ବୟକଟ୍ ଭାରତୀୟଙ୍କୁ ସମର୍ଥନ କରିବା ପରେ ବିବାଦ ଆହୁରି ବଢ଼ିଛି ।

ରବୀନ୍ଦ୍ର ଜାଡେଜା ଓ ୱାସିଂଟନ୍ ସୁନ୍ଦର ଯାହା କଲେ ମୁଁ ବ୍ୟାଟିଂ କରୁଥିଲେ ବି ସେଇଆ କରିଥାନ୍ତି ବୋଲି ବୟକଟ୍ ସ୍ପଷ୍ଟ ଭାବେ କହିଛନ୍ତି। ଇଂଲଣ୍ଡ ଏହି ପ୍ରସଙ୍ଗରେ ଭାରତକୁ ଦାୟୀ କରିବାର କିଛି କାରଣ ନାହିଁ ଏତେ ପରିଶ୍ରମ କରି ଦଳକୁ ବଞ୍ଚାଇବା ପରେ ଶତକ ସୁଯୋଗ ଛାଡ଼ି ଚାଲିଯିବାକୁ କହିବା ଉଚିତ ନଥିଲା। ଇଂଲଣ୍ଡ ନିଜକୁ ସୁହାଉ ନାହିଁ ବୋଲି ଡ୍ର' ଅଫର୍ ଦେଇ ଖେଳ ବନ୍ଦ କରିବାକୁ କହିବା ଗ୍ରହଣୀୟ ନଥିଲା। ଜାଡେଜା ଓ ସୁନ୍ଦରଙ୍କୁ କେବଳ ବେନ୍ ଷ୍ଟୋକ୍ସ ନୁହେଁ ହ୍ୟାରି ବ୍ରୁକ୍, ବେନ୍ ଡକେଟ୍, ଜ୍ୟାକ୍ କ୍ରଲି, ଜୋଫ୍ରା ଆର୍ଚର ପ୍ରମୁଖ ନିରୁତ୍ସାହିତ କରୁଥିବା ଷ୍ଟମ୍ପ୍ ମାଇକ୍ରୋଫୋନ୍‌ରୁ ଜଣାପଡୁଥିଲା । ଆଧୁନିକ କ୍ରିକେଟରଙ୍କ ଏଭଳି କୁହାଳିଆ। ପଣକୁ ସେ ନାପସନ୍ଦ କରିଛନ୍ତି । ମୁଁ ଖେଳୁଥିବା ବେଳେ କିନ୍ତୁ ଏଭଳି ହେଉ ନଥିଲା ଭାରତ ନିଶ୍ଚିତ ଓଲ୍ଡ ଟ୍ରାଫୋର୍ଡ ଡ୍ରକୁ ବିଜୟ ବିବେଚନା କରି ଓଭାଲ୍‌ରେ ଭଲ ଖେଳିବ ବୋଲି ବୟକଟ୍ ପ୍ରକାଶ କରିଛନ୍ତି ।

ଖାଲି ଏତିକି ନୁହେଁ ବୟକଟ୍ କହିଛନ୍ତି, ବିଜୟରୁ ନୁହେଁ ପରାଜୟରୁ ଅଧିକ କିଛି ଶିଖି ହୁଏ। ଇଂଲଣ୍ଡ ଭୁଲିଯିବା ଉଚିତ ନୁହେଁ ଯେ ବୋଲିଂ ଦୁର୍ବଳତା ପାଇଁ ସେମାନେ ଭାରତକୁ ଦ୍ୱିତୀୟ ପାଳିରେ ଅଲଆଉଟ୍ କରିପାରିଲେ ନାହିଁ। ଖାଲି ଇଂଲଣ୍ଡ ଖେଳାଳି ନୁହେଁ ବରଂ ବେନ୍ ଷ୍ଟୋକ୍ସଙ୍କ ଆଗୁଆ। ଡ୍ର' ପ୍ରସ୍ତାବକୁ ଗ୍ରହଣ କରି ନଥିବାରୁ ଦକ୍ଷିଣ ଆଫ୍ରିକା କ୍ରିକେଟର୍ ଡେଲ୍ ଷ୍ଟେନ୍ ମଧ୍ୟ କଡ଼ା ନିନ୍ଦା କରିଛନ୍ତି। ଷ୍ଟେନ୍ କହିଛନ୍ତି, ଥରେ ମ୍ୟାଚ୍ ଡ୍ର ହେବା ନିଶ୍ଚିତ ହୋଇଯିବା ପରେ ବ୍ୟକ୍ତିଗତ ମାଇଲଖୁଣ୍ଟ ଦ୍ୱିତୀୟ ଅଗ୍ରାଧିକାର କଥା ଖେଳ ଭାବନା ଦୃଷ୍ଟିରୁ ଏହା ଠିକ୍ ନୁହେଁ କେହି ଏହା ଅନୁଭବ କରୁନାହାନ୍ତି ।ବ୍ୟାଟର୍‌ମାନେ ୧୦୦ ପାଇଁ ଖେଳୁ ନଥିଲେ, ଟିମ୍ ଓ ଦେଶ ପାଇଁ ଖେଳୁଥିଲେ । ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପରେ ଖେଳିବାର କିଛି ମାନେ ନାହିଁ' ବୋଲି ଷ୍ଟେନ୍ ମତ ପ୍ରକାଶ କରିଛନ୍ତି ।

## ଡବ୍ଲୁସିଏଲ : ପାକିସ୍ତାନ ସହ ସେମି ଖେଳିବନି ଭାରତ

ନୂଆଦିଲ୍ଲୀ: ଗୁରୁବାର ହେବାକୁ ଥିବା ୱାର୍ଲ୍ଡ ଚମ୍ପିଆନସିପ୍ ଅଫ୍ ଲିଜେଣ୍ଡସ୍ (ଡବ୍ଲୁସିଏଲ)ର ସେମିଫାଇନାଲରେ ଭାରତ ଚମ୍ପିଆନ୍ସ ପାକିସ୍ତାନ ଚମ୍ପିଆନ ସହିତ ଖେଳିବାକୁ ମନା କରି ଦେଇଛି । ଗ୍ରୁପ ପର୍ଯ୍ୟାୟରେ ମଧ୍ୟ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବାର ଥିଲା। କିନ୍ତୁ ଭାରତୀୟ ଟିମର ଏକାଧିକ ଖେଳାଳି ପାକିସ୍ତାନ ସହ ମ୍ୟାଚ୍ ଖେଳିବାକୁ ମନା କରିଥିଲେ। ଏଥିଯୋଗୁ ଗ୍ରୁପ ପର୍ଯ୍ୟାୟ ମ୍ୟାଚକୁ ବାତିଲ କରି ଉଭୟ ଦଳକୁ ୧-୧ ପଏଣ୍ଟ ଦିଆଯାଇଥିଲା

### ଖେଳ ଜାରି ରଖିବାକୁ ଗାଙ୍ଗୁଲିଙ୍କ ଅପିଲ୍

ଏବେ ସେମି ଫାଇନାଲରେ ଦୁଇ ଦଳ ମୁହାଁମୁହିଁ ହେବାର ସ୍ଥିତି ସୃଷ୍ଟି ହୋଇଥିଲା ।ଗ୍ରୁପ ପର୍ଯ୍ୟାୟରେ ପାକିସ୍ତାନ ୧ନଂ ସ୍ଥାନରେ ରହିଥିବା ବେଳେ ଭାରତ ୪ ନମ୍ବରରେ ରହିଛି ଟୁର୍ଣ୍ଣାମେଣ୍ଟ ନିୟମ ଅନୁସାରେ ପଏଣ୍ଟ ଟେବୁଲର ୧ନଂ ଓ ୪ ନଂ ସ୍ଥାନରେ ରହିଥିବା ଦଳ ମଧ୍ୟରେ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ତେଣୁ ଭାରତ ଓ ପାକିସ୍ତାନ ମଧ୍ୟରେ ସେମି ଫାଇନାଲ ଆସନ୍ତାକାଲି ଭାରତୀୟ ସମୟ ଅପରାହ୍ନ ୫ଟାରେ ଖେଳାଯିବାକୁ ନିଷ୍ପତ୍ତି ହୋଇଥିଲା। ଭାରତ ଓ ପାକିସ୍ତାନ ମଧ୍ୟରେ ରାଜନୀତିକ ବିବାଦ ଚାଲିଥିବାରୁ ଭାରତ-ପାକିସ୍ତାନ ସେମି ଫାଇନାଲ ଲଢ଼େଇକୁ



ନେଇ ଅନିଶ୍ଚିତତା ଲାଗି ରହିଛିଙ୍ ଏହାପୂର୍ବରୁ ଆତଙ୍କବାଦ ଓ କ୍ରିକେଟ ଏକାଠି ଚାଲି ପାରିବ ନାହିଁ ବୋଲି କହି ର ଅନ୍ୟତମ ପ୍ରାୟୋଜକ ନିଶାନ୍ତ ପିଟ୍ଟିଙ୍କ ଭାରତ-ପାକିସ୍ତାନ ମ୍ୟାଚ୍‌ରୁ ଓହରି ଯାଇଥିଲା ।ଏବେ ଭାରତର ଅଧିକାଂଶ ଖେଳାଳି ପାକିସ୍ତାନ ବିପକ୍ଷ ସେମି ଫାଇନାଲ ମ୍ୟାଚ୍‌କୁ ବୟକଟ କରିବାକୁ ଘୋଷଣା କରିଥିଲେ। ଭାରତ ବିଧିବଦ୍ଧ ଭାବେ ରୁ ଓହରି ଯିବାରୁ ପାକିସ୍ତାନ ଫାଇନାଲ ଟିକେଟ ମିଳିଛି ।

ଭାରତ ଚମ୍ପିଆନ୍ସ ମଙ୍ଗଳବାର ୱେଷ୍ଟଇଣ୍ଡିଜକୁ ମାତ୍ର ୧୩.୨ ଓଭରରେ ହରାଇ ସେମିଫାଇନାଲକୁ ପହଞ୍ଚି ଯାଇଛି। କିନ୍ତୁ ପାକିସ୍ତାନ ବିପକ୍ଷରେ ମ୍ୟାଚ ଖେଳିବାକୁ ନେଇ ଭାରତ ପ୍ରଥମରୁ ଆପତ୍ତି କରିଥିଲା। ଏହାପୂର୍ବରୁ ବି ଗ୍ରୁପ ଷ୍ଟେଜର ଭାରତ ଓ ପାକିସ୍ତାନ ମ୍ୟାଚ ବାତିଲ କରି ଦିଆଯାଇଥିଲାଙ୍ କାରଣ ଖେଳାଳି ଓ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ସ୍ପନସର ବିରୋଧ କରିଥିଲେ।

'ଡବ୍ଲୁସିଏଲ'ର ମୁଖ୍ୟ ସ୍ପନସରମାନଙ୍କ ମଧ୍ୟରୁ ଗୋଟିଏ 'ଇଜିମାଇଟ୍ରିପ୍' ଭାରତ-ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ସେମିଫାଇନାଲ୍ ମ୍ୟାଚରୁ ନିଜର ନାମ ପ୍ରତ୍ୟାହାର କରି ନେଇଛି। ଅର୍ଥାତ କମ୍ପାନି ପାକିସ୍ତାନ ସହିତ ଜଡ଼ିତ କୌଣସି ମ୍ୟାଚରେ ଅଂଶ ହେବ ନାହିଁ। ସେହିପରି ପୂର୍ବତନ ଭାରତୀୟ କ୍ରିକେଟର ସୁରେଶ ରାଇନା ଏବଂ ଶିଖର ଧାନ ମଧ୍ୟ କହିଛନ୍ତି ଯେ ସେମାନେ ପାକିସ୍ତାନ ବିପକ୍ଷରେ ଖେଳିବେ ନାହିଁ। 'ଇଜିମାଇଟ୍ରିପ୍' କମ୍ପାନିର ସହ-ପ୍ରତିଷ୍ଠାତା ନିଶାନ୍ତ ପିଟ୍ଟି 'ଏକ୍ସ' ପୋଷ୍ଟରେ ଲେଖିଛନ୍ତି, ଆମେ ବିଶ୍ୱ ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡସରେ ଟିମ୍ ଇଣ୍ଡିଆ। ଚାମ୍ପିଅନସର ପ୍ରଦର୍ଶନକୁ ପ୍ରଶଂସା କରୁଛୁ ।ଆମେ ଭାରତର ଲୋକଙ୍କ ଭାବନାକୁ ସମ୍ମାନ କରି ପଛକୁ ହଟି ଯାଉଛି। ଆମ ମତରେ ଆତଙ୍କବାଦ ଏବଂ କ୍ରିକେଟ୍ ଏକାଠି ଚାଲିପାରେ ନାହିଁ।

ଅନ୍ୟପଟେ ବିସିସିଆଇର ପୂର୍ବତନ ସଭାପତି ସୌରଭ ଗାଙ୍ଗୁଲି ଆତଙ୍କବାଦକୁ ନିନ୍ଦା କରି କ୍ରୀଡ଼ା ଜାରି ରଖିବାକୁ ମତ ଦେଇଛନ୍ତି । ଏସିଆ କପ ଏସୀୟ କ୍ରିକେଟ ପରିଷଦ (ଏସିସି ) ଦ୍ୱାରା ଆୟୋଜିତ ହେଉଛି। ଏସିଆ କପ -୨୦୨୫ ଆୟୋଜନ ନେଇ ଭାରତ ସୁଯୋଗ ପାଇଥିବାବେଳେ ଏହା ଟ୍ୱେଣ୍ଟି୨୦ ଫର୍ମାଟରେ ୟୁଏଇରେ ଖେଳାଯିବ। ଏସିସିର ମୁଖ୍ୟ ଏବେ ପାକିସ୍ତାନ କ୍ରିକେଟ ବୋର୍ଡ ଅଧ୍ୟକ୍ଷ ମୋହସିନ ନକ୍‌ଭି ରହିଛନ୍ତି ଭାରତ ଓ ପାକିସ୍ତାନ ମ୍ୟାଚ ପ୍ରସାରଣରୁ କୋଟିକୋଟି ଟଙ୍କା ଆୟ ହେବାର ସମ୍ଭାବନା ରହିଛି। ଏହାକୁ ବାତିଲ କରିବା ସମ୍ଭବପର ନୁହେଁ ବୋଲି ଏସିସି ପକ୍ଷରୁ କୁହାଯାଇଛି।

## ଓଭାଲ୍ ମୁଖ୍ୟ କ୍ୟୁରେଟରଙ୍କ ଉପରେ ବର୍ଷିଲେ ଗିଲ୍

ନୂଆଦିଲ୍ଲୀ: ଲଣ୍ଡନର ଓଭାଲରେ ଗୁରୁବାରଠାରୁ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପଞ୍ଚମ ଟେଷ୍ଟ ଆରମ୍ଭ ହେବ ।ତେବେ ଏହା ପୂର୍ବରୁ ପିଚ୍ ବିବାଦ ବଢିବାରେ ଲାଗିଛି ଜୁଲାଇ ୨୯ରେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଏବଂ ଓଭାଲ୍ ମୁଖ୍ୟ କ୍ୟୁରେଟର୍ ଲି ଫୋର୍ଟିସ୍ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏବେ ଭାରତୀୟ ଅଧିନାୟକ ଶୁଭମନ ଗିଲ୍ ମଧ୍ୟ ଏହି ବିଷୟରେ ଚୋକଙ୍କ ସପକ୍ଷରେ ବାହାରି କଡ଼ା ଜବାବ ଦେଇଛନ୍ତି । ସେ କହିଛନ୍ତି, ଗମ୍ଭୀର ଏବଂ ଫୋର୍ଟିସ୍ ମଧ୍ୟରେ ବିବାଦ ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ କ୍ୟୁରେଟର୍ ଟିମ୍ ଇଣ୍ଡିଆର ସହାୟକଙ୍କୁ ପିଚ୍ ଠାରୁ ୨.୫ ମିଟର ଦୂରରେ ରହିବା ପାଇଁ କହିଥିଲେ। ଗମ୍ଭୀର ଏହାକୁ କଡ଼ା ବିରୋଧ କରିଥିଲେ ।

ପଞ୍ଚମ ଟେଷ୍ଟ ପୂର୍ବରୁ ସାମ୍ବାଦିକ ସମ୍ମିଳନୀରେ ଶୁଭମନ ଗିଲ୍ ଏହି ବିବାଦ ଉପରେ ମୁହଁ ଖୋଲିଥିଲେ। ସେ କହିଥିଲେ ଯେ ଭାରତୀୟ ଦଳକୁ ପିଚ୍ ଠାରୁ ୨.୫ ମିଟର ଦୂରରେ ରହିବା ପାଇଁ କେବେ କୌଣସି ନିର୍ଦ୍ଦେଶ ଦିଆଯାଇ ନଥିଲା। ଗିଲ୍ ପ୍ରଶ୍ନ ଉଠାଇ କହିଥିଲେ, 'ମୁଁ ଜାଣିନାହିଁ ଗତକାଲି ଏହି ହଙ୍ଗାମା କ'ଣ ଥିଲା। ଆମେ ଅନେକ ଦିନ ଧରି କ୍ରିକେଟ୍ ଖେଳୁଛୁ ଆମେ ରବର ସ୍ପାଇକ୍ କିମ୍ବା ଖାଲି ପାଦରେ ପିଚ୍ ଦେଖିପାରିବା। ମୁଁ ବୁଝିପାରୁ ନାହିଁ ଯେ କ୍ୟୁରେଟର ଆମକୁ ଏପରି କରିବାରୁ କାହିଁକି ବାରଣ କରିଥିଲେ' ଗିଲ୍‌ଙ୍କ ଏହି ବୟାନ ଏବେ କ୍ୟୁରେଟରଙ୍କ ଆଭିମୁଖ୍ୟକୁ ଉପରେ ପ୍ରଶ୍ନ ଉଠାଇଛି। ଇଂଲଣ୍ଡ ଖେଳାଳିମାନେ ପିଚ୍‌ରେ ସାଡୋ ପ୍ରାକ୍ଟିସ୍ କରୁଥିବା



ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହି ବିବାଦ ଆହୁରି ବଢ଼ ହୋଇଛି। ଭାରତୀୟ ଦଳକୁ ପିଚ୍ ପାଖକୁ ଯିବାରୁ ମନା କରାଯାଇଥିବା ବେଳେ, ଆୟୋଜକ ଦଳର ଖେଳାଳିମାନେ ସେଠାରେ ଅଭ୍ୟାସ କରୁଥିବାର ଦେଖାଯାଇଥିଲା। ଅନ୍ୟପଟେ, ଇଂଲଣ୍ଡର ମୁଖ୍ୟ କୋଚ୍ ବ୍ରେଣ୍ଡନ୍ ମ୍ୟାକୁଲମ୍ ମଧ୍ୟ ପିଚ୍‌କୁ ଅତି ନିକଟରୁ ନୀରିକ୍ଷଣ କରୁଥିବା ନଜର ଆସିଥିଲେ। ବ୍ରେଣ୍ଡନ୍ ମ୍ୟାକୁଲମ୍‌ଙ୍କୁ ପିଚ୍ ପାଖକୁ ଯିବାକୁ କିପରି ଅନୁମତି ଦିଆଗଲା, ତାହା ଉପରେ ମଧ୍ୟରେ ପ୍ରଶ୍ନ ଉଠିଥିଲା ।

ଓଭାଲର ପିଚ୍ ସବୁବେଳେ ଫାଷ୍ଟ ବୋଲରଙ୍କ ପାଇଁ ଲାଭ ଦାୟକ ହୋଇଥାଏ। ଏଠାରେ ଭଲ ବାଉନ୍ସ ମିଳେ । ଇଂଲଣ୍ଡ ସିରିଜ ଶେଷ ମ୍ୟାଚ୍ ପାଇଁ ଗ୍ରୀନ୍ ପିଚ୍ ପ୍ରସ୍ତୁତ କରିଛି। ଯେଉଁଥି ପାଇଁ ନିଜର ଚୂଡ଼ାନ୍ତ ଏକାଦଶରେ କୌଣସି ସ୍ପିନରଙ୍କୁ ସାମିଲ କରିନାହିଁ। କ୍ରିସ୍ ୱୋକ୍ସ, ଗସ୍ ଆଟକିନସନ୍, ଜେମି ଓଭରଟନ୍ ଏବଂ ଜୋଶ୍ ଟଙ୍ଗ୍ ଭଳି ଦ୍ରୁତ ବୋଲର ଏହି ମ୍ୟାଚ୍ ଖେଳିବାକୁ ଯାଉଛନ୍ତି ।

## ଲଣ୍ଡନରେ ସପିଂ କରିବାକୁ ଯାଇଥିଲେ ଭାରତୀୟ କ୍ରିକେଟର

ନୂଆଦିଲ୍ଲୀ,୩୦।୭(ଏଜେନସି): ଟିକିଆ ସିରିଜ ଖେଳିବାକୁ ଲଣ୍ଡନରେ ଟିମ୍ ଇଣ୍ଡିଆର କ୍ରିକେଟର ସରିଛି ଚତୁର୍ଥ ଟେଷ୍ଟ। ଆସନ୍ତାକାଲି ଅର୍ଥାତ ଜୁଲାଇ ୩୧ ରୁ ଓଭାଲରେ ଖେଳାଯିବ ପଞ୍ଚମ ଓ ଶେଷ ଟେଷ୍ଟ। ତେବେ ଚତୁର୍ଥ ଟେଷ୍ଟ ଡ୍ର ହେବା ପରେ ଲଣ୍ଡନ ମାର୍କେଟ ବୁଲୁଥିଲେ ଟିମ୍ ଖେଳାଳି। ଖାସ୍ କରି ସପିଂରେ ବାହାରିଥିଲେ ବୋଲର ଅର୍ଶଦୀପ ସିଂହ ଓ ୱିକେଟକିପର ଓ ବ୍ୟାଟର ଧ୍ରୁବ ଜୁରେଲ୍।

ଆଉ ସୋସିଆଲ ମିଡିଆରେ ସେୟାର କରିଥିଲେ ନିଜର ସୁନ୍ଦର ଅନୁଭୂତି। ହେଲେ ଏହି ସୁନ୍ଦର ଅନୁଭୂତି ଭିତରେ ଏମିତି କିଛି ଘଟଣା ଥିଲା, ଯାହା ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍। ଅର୍ଶଦୀପ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସେହି ସବୁ ଘଟଣା ବିଷୟରେ କହିଥିଲେ ଯାହା ସେ କିଣିଥିଲେ। ଏହି ସମୟରେ ସେ ଆହୁରି ଗୋଟିଏ କଥା କହିଥିଲେ ଯାହା ଶୁଣିଲେ ଆପଣ ବି ହୋଇଯିବେ ତାଜୁବ୍। ଏମିତିକି ସେ ନିଜେ ବି ଜାଣିବା ପରେ ଚାଲିଆସିଥିଲେ ଛାଡି । ପ୍ରକୃତରେ କହିବାକୁ ଗଲେ, ଅର୍ଶଦୀପ ଭିଡିଓରେ କହିଥିଲେ ଆଜି ଆମେ ଜେଣ୍ଟଲମ୍ୟାନ୍ ସପିଂ କରିବାକୁ ଯାଇଥିଲୁ ।ସେଠାରେ ସର୍ବପ୍ରଥମେ ଆମେ ଗୋଟିଏ ଶାର୍ଟ ଧରିଥିଲୁ କିଣିବା ପାଇଁ କିନ୍ତୁ ତାର ଦାମ ଦେଖି ମୋର ହୋସ ଉଡିଯାଇଥିଲା । ରାଲ୍ଫ ଲରେନ୍ ପୋଲୋର ଶାର୍ଟ ଦେଖି ସେମାନେ ସେଠାରେ ଅଟକିଯାଇଥିଲେ। ଆଉ ଶାର୍ଟଟିକୁ ହାତରେ ଧରିବା ପରେ ଉଭୟ ଖେଳାଳି ଉଭୟଙ୍କୁ ଅନାଇ ହସିଥିଲେ। କାରଣ ସାର୍ଟଟିର ଦାମ୍ ଥିଲା ୩ ଲକ୍ଷ। ଅର୍ଶଦୀପ କହିଥିଲେ ଯେ, ସେମାନେ ସେହି ଶୋ ରୁମ୍‌ରେ ମାତ୍ର ୧୭ ସେକେଣ୍ଡ ଅଟକିଥିଲେ। ଦାମ ଦେଖିଲେ ଆଉ ସେଠାରୁ ପଳାଇ ଆସିଲେ ।

## ଅଭିଷେକ ଶର୍ମା ଟି-୨୦ ନମ୍ବର-୧ ବ୍ୟାଟର୍

ନୂଆଦିଲ୍ଲୀ,୩୦।୭: ଆଇସିସି ବୁଧବାର କ୍ରିକେଟର ବିଭିନ୍ନ ଫର୍ମାଟ୍ ପାଇଁ ସଦ୍ୟତମ ରାଙ୍କିଂ ଜାରି କରିଛି । ଭାରତର ଷ୍ଟାର୍ ଓପନର୍ ଅଭିଷେକ ଶର୍ମା। ଟି-୨୦ରେ ଏକ ନମ୍ବର ବ୍ୟାଟର ହୋଇଛନ୍ତି ।ସେ ଅଷ୍ଟ୍ରେଲିଆର ଟ୍ରାଭିସ୍ ହେଡ୍‌ଙ୍କୁ ପଛରେ ପକାଇଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ୍ ନଖେଳିବା ଯୋଗୁ ଟ୍ରାଭିସ ହେଡ୍‌ଙ୍କୁ ରାଙ୍କିଂରେ କ୍ଷତି ସହିବାକୁ ପଡ଼ିଛି। କେବଳ ଏତିକି ନୁହେଁ, ଟେଷ୍ଟ, ଦିନିକିଆ ଓ ଟି-୨୦ ତିନୋଟି ଯାକ ଫର୍ମାଟର ତିନି ଶ୍ରେଣୀ (ବ୍ୟାଟର, ବୋଲର୍ ଓ ଅଲରାଉଣ୍ଡର)ଙ୍କୁ ମିଶାଇ ମୋଟ ନଅ ରାଙ୍କିଂ ମଧ୍ୟରୁ ପାଞ୍ଚରେ ଭାରତୀୟଙ୍କ ଦବଦବା ରହିଛି।

ଅଭିଷେକଙ୍କ ବ୍ୟତୀତ ଦିନିକିଆ ରାଙ୍କିଂରେ ଶୁଭମନ ଗିଲ୍ ଏକ ନମ୍ବର ସ୍ଥାନରେ ଅଛନ୍ତି। ଯଶପ୍ରୀତ ବୁମରା ଟେଷ୍ଟ ବୋଲରଙ୍କ ରାଙ୍କିଂରେ ଏକ ନମ୍ବର ସ୍ଥାନରେ ଅଛନ୍ତି। ସେହିପରି ଟେଷ୍ଟ ଅଲରାଉଣ୍ଡରର୍ସରେ ରବିନ୍ଦ୍ରଜାଡେଜା ଓ ଟି-୨୦ ଅଲରାଉଣ୍ଡର୍ସରେ ହାର୍ଦ୍ଦିକ ପାଣ୍ଡ୍ୟା ଏକ ନମ୍ବର ସ୍ଥାନରେ ଅଛନ୍ତି। ଟିମ୍ ରାଙ୍କିଂରେ ଦିନିକିଆ ଓ ଟି-୨୦ ରାଙ୍କିଂରେ ଭାରତ ଏକ ନମ୍ବର ସ୍ଥାନରେ ରହିଛି। ଟେଷ୍ଟ ରାଙ୍କିଂରେ ଭାରତ ଚତୁର୍ଥ ସ୍ଥାନରେ ଅଛି ।

ବାମ ହାତି ବ୍ୟାଟର ଅଭିଷେକ ଶର୍ମାଙ୍କ ୮୨୯ ରେଟିଂ ପଏଣ୍ଟ ଅଛି, ଅନ୍ୟପଟେ ୮୧୪ ରେଟିଂ ପଏଣ୍ଟ ସହ ଟ୍ରାଭିସ୍ ହେଡ୍ ଦ୍ୱିତୀୟ ସ୍ଥାନରେ ଅଛନ୍ତି ।ଅଭିଷେକ ବର୍ତ୍ତମାନ ସୁଦ୍ଧା ଭାରତ ପାଇଁ ୧୭ଟି ଟି-୨୦ ମ୍ୟାଚ୍‌ରେ ୩୩.୪୪ ହାର ଓ ୧୯୩.୮୫ ଷ୍ଟ୍ରାଇକ୍ ରେଟ୍ ସହ ୫୩୫ ରନ୍ କରିଛନ୍ତି ।ଏଥିରେ ଦୁଇଟି ଶତକ ଓ ୨ଟି ଅର୍ଦ୍ଧଶତକ ରହିଛି। ଏତା ବ୍ୟତୀତ ସେ ୬ଟି ୱିକେଟ୍ ନେଇଥିଲେ।

ଆଇସିସି ଟେଷ୍ଟ ଅଲରାଉଣ୍ଡର୍ସରେ ଜାଡେଜା ବାଂଲାଦେଶର ମେହଦୀ ହସନଙ୍କଠାରୁ ୧୧୭ ପଏଣ୍ଟ




ଅଧିକ ସହ ଟପ୍‌ରେ ଅଛନ୍ତି ।ଏହା ବ୍ୟତୀତ ବ୍ୟାଟରଙ୍କ ରାଙ୍କିଂରେ ବି ଜାଡେଜାଙ୍କ ପ୍ରଦର୍ଶନରେ ସୁଧାର ଆସିଛି । ଟେଷ୍ଟ ବ୍ୟାଟରଙ୍କ ରାଙ୍କିଂରେ ଜାଡେଜା ୨୯ତମ ସ୍ଥାନରେ ପହଞ୍ଚିଛନ୍ତି। ଅନ୍ୟପଟେ ବୋଲରଙ୍କ ରାଙ୍କିଂରେ ଗୋଟିଏ ସ୍ଥାନ ଉପରକୁ ଉଠି ୧୪ତମ ସ୍ଥାନରେ ପହଞ୍ଚିଛନ୍ତି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ